

▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-224 ◆MONDAY ◆9 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୨୪ ◆ସୋମବାର ◆୯ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଉଠୁନାହିଁ ଧାନ; ଲାପ୍ସ ହେଲାଣି ଟୋକନ

## ମିଲର୍ କହୁଛନ୍ତି ଗୋଦାମରେ ଧାନ ରଖିବାକୁ ଜାଗା ନାହିଁ

■ ଭୁବନେଶ୍ୱର, ୮।୨ (ସମିସ): ରାଜ୍ୟରେ ଧାନ କିଣା ଅବ୍ୟବସ୍ଥା ଅସମ୍ଭାଳ। ସମବାୟ ମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ରାଜ୍ୟରେ ସୁରୁଖୁରୁରେ ଧାନ କିଣା ଚାଲିଥିବା ନେଇ ମନ୍ତବ୍ୟ ଓ ଟିପ୍ପଣୀ ପ୍ରାୟ ମିଛ ସାବ୍ୟସ୍ତ ହୋଇ ସାରିଛି। ଧାନ କିଣା ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି ଏବଂ ନବନିର୍ମାଣ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡ଼ାକରାକୁ ବି ସମର୍ଥନ ମିଳିଛି। ଧାନ ରଖିବାକୁ ଗୋଦାମ ଅଭାବ ଦର୍ଶାଇ ମିଲର ଧାନ ଉଠାଉ ନାହାନ୍ତି। ଚାଷୀଙ୍କୁ ବିକ୍ରି ଲାଗି ଦିଆଯାଇଥିବା ଟୋକନ୍ ଅବଧି ମଧ୍ୟରେ ଧାନ ଉଠୁ ନାହିଁ। ଅଧିକାଂଶ ମଣ୍ଡି ସାମନାରେ ଟନ୍ ଟନ୍ ଧାନ ଗଦା ହୋଇଛି। ମିଲରମାନେ ମଣ୍ଡିରୁ ଧାନ ନେବା ଧିମା କରିଦେଇଥିବାରୁ ଚାଷୀଙ୍କଠାରୁ ସମବାୟ ସଂସ୍ଥାଗୁଡ଼ିକ ଧାନ ଉଠାଉ ନାହାନ୍ତି। ଏଭଳି କୃତ୍ରିମ ଅବ୍ୟବସ୍ଥା ପାଇଁ ମିଲରମାନେ ପରୋକ୍ଷରେ ସରକାରଙ୍କୁ ଦାୟୀ କରିଥିବାବେଳେ ମନ୍ତ୍ରୀମାନେ ଔଷଧ ବିକଳରେ

▶ ସରକାର ଉଠାଇ ନାହାନ୍ତି ୮୦ ଲକ୍ଷ ଟନ୍ ପୁରୁଣା ଚାଉଳ

▶ କାର୍ଯ୍ୟକାରୀ ହେଲାନି ଲୋକଙ୍କୁ ଚାଉଳ ବାଣ୍ଟିବା ଘୋଷଣା

▶ 'ଫେକ୍' ଆକ୍ଷେପ କରି ଚାଷୀଙ୍କ କଟା ଘା'ରେ ମନ୍ତ୍ରୀଙ୍କ ଚୂନ



ତାଟିଆ କାମୁଡ଼ିବା ପରି ଚାଷୀଙ୍କ ଉପରେ ଦୋଷ ଲଦୁଛନ୍ତି।

ପୂର୍ବରୁ ଗଚ୍ଛିତ ରହିଥିବା ଚାଉଳ ଉଠାଇବାରେ ସରକାର ବିଫଳ ହୋଇଛନ୍ତି। ବାରମ୍ବାର ରାଜ୍ୟ ସରକାରଙ୍କ ଦାବି ଓ ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଓଡ଼ିଶାରୁ ଚାଉଳ ନେଉ ନାହାନ୍ତି। ଫଳରେ ମିଲରଙ୍କ ପାଖରେ ଗୋଦାମରେ ପୁରୁଣା ଚାଉଳ ଓ ଧାନ ଗଚ୍ଛିତ ହୋଇ ପଡ଼ି ରହିଛି। ପୁରୁଣା ଚାଉଳ ହଟୁ ନ ଥିବାରୁ ନୂଆ ଧାନ କିଣି ରଖିବା ପାଇଁ ମଧ୍ୟ ଅନେକ ମିଲର ଧାନ କିଣିବାକୁ ନାରାଜ। ମିଲର ସଂଘର ଜଣେ ବରିଷ୍ଠ ସଦସ୍ୟଙ୍କ କହିବା ଅନୁଯାୟୀ ବର୍ତ୍ତମାନ ରାଜ୍ୟର ସବୁ ମିଲରଙ୍କ ପାଖେ ରହିଥିବା ଗୋଦାମରେ ୮୦ ଲକ୍ଷ କ୍ୱିଣ୍ଟାଲ ପୁରୁଣା ଚାଉଳ ଗଚ୍ଛିତ ରହିଛି। ଏହି ଚାଉଳ ପ୍ରାୟ ୧ କୋଟି ୨୫ ଲକ୍ଷ କ୍ୱିଣ୍ଟାଲ ଧାନର ଚାଉଳ ହେବ। ବିଗତବର୍ଷମାନଙ୍କରେ ଏହି ସମୟ ସୁଦ୍ଧା କୁଇଣ୍ଟାଲ ଧାନ କିଣା ସରିଯାଏ। କିନ୍ତୁ ୬ ମାସ ହେବ ରାଜ୍ୟର କୌଣସି ମିଲ୍‌ରୁ ସରକାର ଚାଉଳ ଉଠାଉ ନାହାନ୍ତି। ଲୋକଙ୍କୁ ଚାଉଳ ବାଣ୍ଟିବାକୁ ଘୋଷଣା କରି ବି ପଛଘୁଞ୍ଚା ଦେଉଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ମିଲର ସଂଘ ରାଜ୍ୟ ସରକାର ଓ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ମଧ୍ୟ ଭେଟିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନାହିଁ। ଅଗଷ୍ଟ ସୁଦ୍ଧା ସମସ୍ତ ବଳକା ଚାଉଳ ଉଠାଇ ନେବାକୁ ମନ୍ତ୍ରୀ ▶ପୃଷ୍ଠା-୭

# ୧୦୦ କୋଟି ଫୋନ୍‌ରୁ ଡାଟା ଚୋରି ଭୟ

■ ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ସୁରକ୍ଷା ସତର୍କତା ଜାରି କରିଛି ଗୁଗଲ୍। ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୧୦୦ କୋଟି ଆଣ୍ଡ୍ରଏଡ୍ ବ୍ୟବହାରକାରୀ ବିପଦରେ ଅଛନ୍ତି। କାରଣ ଆଣ୍ଡ୍ରଏଡ୍ ୧୨ କିମ୍ବା ପୁରୁଣା ଫୋନ୍‌ଗୁଡ଼ିକ ଆଉ ସୁରକ୍ଷା ଅପଡେଟ୍ ପାଇବେନାହିଁ। ଏହାର ଅର୍ଥ ହେଉଛି, ଏପରି ଡିଭାଇସ୍‌ଗୁଡ଼ିକ ନୂତନ ମାଲୱେର ଏବଂ ସ୍ପାଏୱେର ଆକ୍ରମଣର ଶିକାର ହୋଇପାରନ୍ତି। ହ୍ୟାକରମାନେ ଏହି ଦୁର୍ବଳତାର ସୁଯୋଗ ନେଇ ଡାଟା ଚୋରି କରୁଛନ୍ତି। ଫୋନ୍ ଅପଡେଟ୍ ହେଉ ନ ଥିଲେ ତାହାକୁ ବଦଳାଇବାକୁ ଗୁଗୁଲ୍ ପକ୍ଷରୁ ୟୁଜରଙ୍କୁ ପରାମର୍ଶ ଦିଆଯାଇଛି।

ଗୁଗଲ୍ ରିପୋର୍ଟ ଅନୁଯାୟୀ, ବିଶ୍ୱର ୪୦%ବା ୧୦୦ କୋଟି ଆଣ୍ଡ୍ରଏଡ୍ ବ୍ୟବହୃତ ସ୍ମାର୍ଟଫୋନ୍ ସାଇବର ଆକ୍ରମଣର ଶିକାର ହେବାକୁ ଯାଉଛନ୍ତି। ଏହି ଡିଭାଇସ୍ ମଧ୍ୟରୁ ଅଧିକାଂଶ ପୁରୁଣା ଅପରେଟିଂ ସିଷ୍ଟମ୍ (ଆଣ୍ଡ୍ରଏଡ୍ ୧୨ କିମ୍ବା ତା'ଠାରୁ ପୁରୁଣା) ଚଳାଇଥାନ୍ତି, ଯେଉଁଗୁଡ଼ିକୁ ଏବେ କମ୍ପାନୀଠାରୁ ସୁରକ୍ଷା ଅପଡେଟ୍ ପାଇବା ବନ୍ଦ ହୋଇଯାଇଛି। ତଥ୍ୟ ଅନୁଯାୟୀ, କେବଳ ପ୍ରାୟ ୫୭.୯% ଡିଭାଇସ୍ ଆଣ୍ଡ୍ରଏଡ୍ ୧୩ କିମ୍ବା ତା'ଠାରୁ ଅଧିକ ଭର୍ଜନରେ ଚାଲୁଛି। ସୁରକ୍ଷା ସମସ୍ୟା ଯୋଗୁଁ ବାକି ଡିଭାଇସଗୁଡ଼ିକୁ ଅଚଳ କରାଯାଇଛି। ଡିସେମ୍ବର ସୁଦ୍ଧା ଉପଲବ୍ଧ ତଥ୍ୟ ଅନୁଯାୟୀ, ସାରା ବିଶ୍ୱରେ କେବଳ ୭.୫% ସ୍ମାର୍ଟଫୋନ୍ ଆଣ୍ଡ୍ରଏଡ୍ ୧୬ରେ ଚାଲୁଛି। ଏହି ସମୟରେ, ୧୯.୩% ଡିଭାଇସ୍ ଆଣ୍ଡ୍ରଏଡ୍ ୧୫, ୧୭.୯% ଆଣ୍ଡ୍ରଏଡ୍ ୧୪ ଏବଂ ୧୩.୯% ଆଣ୍ଡ୍ରଏଡ୍ ୧୩ ଦ୍ୱାରା ଚାଳିତ। ଏହାର ଅର୍ଥ ହେଉଛି ଯେ ବହୁ ସଂଖ୍ୟକ ଉପଭୋକ୍ତା ଏବେ ବି ପୁରୁଣା ଆଣ୍ଡ୍ରଏଡ୍ ଓଏସ୍ ବ୍ୟବହାର କରୁଛନ୍ତି ଏବଂ ସମୟାନୁସାରେ ସୁରକ୍ଷା ଅପଡେଟ୍ ପାଉନାହାଁନ୍ତି। ସୁରକ୍ଷା ଅପଡେଟ୍ ପୁରୁଣା ଅପରେଟିଂ ସିଷ୍ଟମ୍‌ରେ ଥିବା ବଗ୍, ଦୁର୍ବଳତା ଏବଂ ସାଇବର ତ୍ରୁଟିକୁ ସମାଧାନ କରେ। ହ୍ୟାକର୍ସ ଏହି ତ୍ରୁଟିଗୁଡ଼ିକୁ ସ୍ମାର୍ଟଫୋନ୍‌ରେ ଅନୁପ୍ରବେଶ କରିବା, ଡାଟା ଚୋରି କରିବା, ଫୋନ୍ ହ୍ୟାକ୍ କରିବା କିମ୍ବା ସ୍ପାଏୱେୟାର ସଂସ୍ଥାପନ କରିବା ପାଇଁ ବ୍ୟବହାର କରିବେ।

**ଗୁଗଲ୍‌ର ଚେତାବନୀ**

**ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଫୋନ୍ ହୋଇପାରେ ହ୍ୟାକିଂ**

**ଫୋନ୍ ଅପଡେଟ୍ ହେଉ ନ ଥିଲେ ବଦଳାଇବାକୁ ପରାମର୍ଶ**






# ବିକ୍ରମ ପଣ୍ଡା ଅସୁସ୍ଥ; ଏମ୍‌କେସିଜିରେ ଭର୍ତ୍ତି

■ ବ୍ରହ୍ମପୁର, ୮।୨ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଥିବା ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର। ପେଟ ଓ ଦାନ୍ତରେ ଅସହ୍ୟ ଯନ୍ତ୍ରଣା ଯୋଗୁଁ ତାଙ୍କୁ ରବିବାର ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ସକାଳୁ ଛାତି, ପେଟ ଓ ଦାନ୍ତରେ ଜୋର୍‌ରେ ଯନ୍ତ୍ରଣା ହେବାରୁ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଜେଲ୍ କର୍ତ୍ତୃପକ୍ଷ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ପ୍ରଥମେ ମେଡିସିନ୍ ଓ ପରେ ସର୍ଜରୀ ଏବଂ ଶେଷରେ ଦନ୍ତ ଚିକିତ୍ସା ବିଭାଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯାଞ୍ଚ ବେଳେ ଇସିଜି ଯଦିଓ ସ୍ୱାଭାବିକ ଥିଲା, ଡାକ୍ତରଙ୍କ ପରାମର୍ଶକ୍ରମେ ବିକ୍ରମଙ୍କ ଅଲଟ୍ରାସାଉଣ୍ଡ କରାଯାଇଥିଲା। ରିପୋର୍ଟରେ ପ୍ରୋଷ୍ଟେଟୋମେଗାଲି ଏବଂ ଗଲ୍‌ବ୍ଲାଡରରେ ଷ୍ଟୋନ ସହ ମଳକଣ୍ଟକ ବା ପାଇଲ୍ସ ଥିବା ଜଣାପଡ଼ିଛି। ଔଷଧ ସେବନ କରି ବିଶ୍ରାମ ▶ପୃଷ୍ଠା-୭



### ମୁହଁ ଖୋଲିଲେ ବିକ୍ରମ

ଗିରଫ ପରଠାରୁ ମୌନ ରହିଥିବା ବିକ୍ରମ ଆଜି ମୁହଁ ଖୋଲିଛନ୍ତି। ମେଡିକାଲକୁ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ମୁଁ ନିର୍ଦ୍ଦୋଷ, ରାଜନୈତିକ ଉଦ୍ଦେଶ୍ୟ ରଖି ମୋତେ ଫସାଇ ଦିଆଯାଇଛି। ମୋତେ ଏବଂ ବିଜୁ ଜନତା ଦଳକୁ ବଦନାମ କରିବାକୁ ଅପଚେଷ୍ଟା କରାଯାଉଛି। ପ୍ରଭୁ ଜଗନ୍ନାଥ ଓ ନ୍ୟାୟପାଳିକା ଉପରେ ମୋର ବିଶ୍ୱାସ ରହିଛି। ମୋତେ ନିଶ୍ଚୟ ନ୍ୟାୟ ମିଳିବ' ବୋଲି ସେ କହିଛନ୍ତି।

# ଦୁର୍ଘଟଣାରେ ଗଲା ୯ ଜୀବନ

## ବାଇକ୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ

■ କଣ୍ଟାବାଞ୍ଜି, ୮।୨ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ପଣ୍ଡରେନ୍ ଗାଁ ନିକଟରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ୪ଜଣଙ୍କ ଜୀବନ ନେଇଛି। ମୃତକମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୩ଜଣ ଥିବା ବେଳେ ଅନ୍ୟ ଜଣେ ସଂପର୍କୀୟ ଜ୍ୱାଇଁ ବୋଲି ଜଣାପଡ଼ିଛି। ସେମାନେ ହେଲେ, ତୁରେକେଲାର କ୍ଷୀର ପୁଟେଲ(୫୫), ସ୍ତ୍ରୀ କୁନି ପୁଟେଲ, ତାଙ୍କ ନାତି ଦେବାଶିଷ ପଟେଲ(୬) ଏବଂ ସଂପର୍କୀୟ ଜ୍ୱାଇଁ ମୋହନ ପୁଟେଲ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। କ୍ଷୀର, କୁନି ଓ ଦେବାଶିଷଙ୍କ ଘର ବଙ୍ଗୋମୁଣ୍ଡା ଥାନା ଅଧୀନ ତୁରେକେଲା ଗାଁରେ ହୋଇଥିବା ବେଳେ ମୋହନଙ୍କ ଘର ଧରାଖମନ ଗାଁରେ। ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ▶ପୃଷ୍ଠା-୭

ଏମ୍‌କେସିଜିରୁ ଆନ୍ଧ୍ର ଯାଉଥିବା ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ

## ରୋଗୀ ସମେତ ୨ ମୃତ, ୫ ଗୁରୁତର

■ ବ୍ରହ୍ମପୁର, ୮।୨ (ସମିସ): ବ୍ରହ୍ମପୁରରୁ ବିଶାଖାପାଟଣା ରୋଗୀ ସ୍ଥାନାନ୍ତର ବେଳେ ଆନ୍ଧ୍ରରେ ଦୁର୍ଘଟଣା ଘଟି ୨ ଜଣଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାରେ ଅନ୍ୟ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଡବ୍ଲୁ. ଡାଲିଆ (୪୬) ଓ ଡବ୍ଲୁ. ମୋହିନାମ୍ମା (୫୦)। ଗୁରୁତରମାନେ ହେଲେ, ଡବ୍ଲ୍ୟୁ. ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଜଣେ ଶିଶୁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ▶ପୃଷ୍ଠା-୭

ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

## ଦମ୍ପତିଙ୍କ ସମେତ ୩ ମୃତ

■ ପଟାଙ୍ଗି, ୮।୨ (ସମିସ): କୋରାପୁଟ ଜିଲ୍ଲା ସୁଙ୍କି ଥାନା ଅନ୍ତର୍ଗତ ପେଟୁର ପଞ୍ଚାୟତର ବରିଗୁଡ଼ା ଗ୍ରାମ ଛକ ନିକଟରେ ଆଜି ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦମ୍ପତିଙ୍କ ସମେତ ମୋଟ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଚେଡ଼ା ଆପ୍ପା ରାଓ, ତାଙ୍କ ପତ୍ନୀ ଚେଡ଼ା ଅନିତା ଏବଂ ଚିନ୍ତା ଏକବ। ଏହାସହ ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ, ଦୁଇ ପୁଅକୁ ସାଙ୍ଗରେ ନେଇ ଆପ୍ପା ଓ ଅନିତା ଏକ ବାଇକ୍‌ରେ ପେଟୁର ଦେଇ ଆନ୍ଧ୍ରପ୍ରଦେଶ ବାରିଗମ ଗ୍ରାମକୁ ଯାଉଥିଲେ। ପେଟୁର ପଞ୍ଚାୟତର ▶ପୃଷ୍ଠା-୭

# ଭାରତରେ ମିଳୁଛି ନେପାଳ କିଡ୍‌ନୀ

■ କାଠମାଣ୍ଡୁ, ୮।୨ (ଏଜେନ୍ସି): ନେପାଳ ରାଜଧାନୀ କାଠମାଣ୍ଡୁଠାରୁ ୪୦କିମି ଦୂରରେ ଅବସ୍ଥିତ 'ହୋକ୍ସେ' ଗାଁ। ଏହି ଗାଁ ସାରା ନେପାଳରେ କିଡ୍‌ନୀ ଗାଁ ଭାବେ ପରିଚିତ। ଏହି ଗାଁରୁ ୧୦୦ରୁ ଅଧିକ ଯୁବକ ନିଜର କିଡ୍‌ନୀ ଭାରତରେ ବିକ୍ରି କରିସାରିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ନେପାଳ ପୁଲିସ ଏହି ର୍‍ୟାକେଟର ମୁଖ୍ୟ କାର୍ପଟଦାରଙ୍କୁ ଜେଲ୍ ପଠାଇଥିଲେ ମଧ୍ୟ ଏହି ବ୍ୟବସାୟ ବନ୍ଦ ହେବା ପରିବର୍ତ୍ତେ ସିନ୍ଧୁପାଲଚୋକ, କାଭ୍ରେ ଓ କାଠମାଣ୍ଡୁ ପର୍ଯ୍ୟନ୍ତ ବ୍ୟାପିଯାଇଛି। ବର୍ତ୍ତମାନ ଏହି ର୍‍ୟାକେଟକୁ ଭାରତୀୟ ଚୋରା ଚାଲାଣକାରୀମାନେ ପରିଚାଳନା କରୁଛନ୍ତି। ସେମାନେ ଏଜେଣ୍ଟଙ୍କ ଜରିଆରେ ଗରିବ ଲୋକଙ୍କୁ ଟାର୍ଗେଟ କରନ୍ତି ଓ ସେମାନଙ୍କୁ ଦିଲ୍ଲୀ, ହାଇଦରାବାଦ୍, ଚେନ୍ନଇ କିମ୍ବା କୋଲକାତାକୁ ନେଇ ୪ରୁ ୫ ଲକ୍ଷ ଟଙ୍କାରେ କିଡ୍‌ନୀ ସଉଦା କରନ୍ତି।

**ବିକ୍ରି ହୋଇ ସାରିଲାଣି ୨୦୦ କିଡ୍‌ନୀ**

**ଗୋଟାକୁ ୪୦ ଲକ୍ଷ**

**ଦିଲ୍ଲୀରୁ ପରିଚାଳିତ ହେଉଛି ର୍‍ୟାକେଟ**

୨୦୨୫ ଅଗଷ୍ଟ ୫ରେ ଜଣେ ପୀଡିତଙ୍କ ଖବର ସ୍ଥାନୀୟ ବ୍ଲଗରଙ୍କ ଜରିଆରେ ସାମ୍ନାକୁ ଆସିଥିଲା। ଏହାପରେ ନେପାଳ ପୁଲିସର ଏକ ଟିମ୍ ଭାରତ ଆସି ୩ ମାସ ଧରି ତଦନ୍ତ କରିବା ପରେ ଏହି ର୍‍ୟାକେଟର ପର୍ଦ୍ଦାଫାସ କରିଥିଲା। ପୁଲିସ ମାଷ୍ଟରମାଇଣ୍ଡ ଶ୍ୟାମ ଭଣ୍ଡାରୀ ଓ ସୂଜନ ଗିରିଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା। କିଡ଼ନୀ ଚୋରା ଚାଲାଣ କରୁଥିବା ତସ୍କର ରୁମ୍ମନ କହିବା ଅନୁଯାୟୀ, କିଡନୀ ଦାତା ଦିଲ୍ଲୀରେ ହିଁ ମିଳିଯିବେ। ୨୫-୩୦ ଦିନରେ ସବୁ କାମ ହୋଇଯିବ। ମୋଟ ଖର୍ଚ୍ଚ ୪୦ ଲକ୍ଷ ଟଙ୍କା ହେବ। ଦିଲ୍ଲୀ- ଏନ୍‌ସିଆରର କିଛି ହସ୍ପିଟାଲ ଆମ ହାତରେ ରହିଛି। ତେଣୁ ଏହି ର୍‍ୟାକେଟର ଚେର ବହୁତ ଲମ୍ବା ବୋଲି କୁହାଯାଇପାରେ। ବର୍ତ୍ତମାନ ସୁଦ୍ଧା ୨୦୦ରୁ ଅଧିକ କିଡନୀ ବିକ୍ରି ହୋଇସାରିଥିବା କୁହାଯାଉଛି। ▶ପୃଷ୍ଠା-୭




# ଚନ୍ଦ୍ର ପୃଷ୍ଠରେ ମାଡ଼ ହେବ ଉଲ୍‌କା ପିଣ୍ଡ

ନୂଆଦିଲ୍ଲୀ,୮ ।୨(ଏଜେନ୍ସି): ଚନ୍ଦ୍ରପୃଷ୍ଠରେ ଏକ ବିରଳ ମହାଜାଗତିକ ଘଟଣା ଘଟିବାକୁ ଯାଉଛି। ୨୦୨୪ ୱାଇଆର୪ ନାମକ ଉଲ୍‌କା ପିଣ୍ଡ ୨୦୩୨ ଡିସେମ୍ବର ୨୨ରେ ମାଡ଼ ହେବାକୁ ଯାଉଛି। ମାତ୍ର ଏହାର ସମ୍ଭାବନା ୪.୩ ପ୍ରତିଶତ ବୋଲି କୁହାଯାଇଛି। ଏହାର ପ୍ରଭାବ ପୃଥିବୀ ଉପରେ ପଡ଼ିବ ନାହିଁ ବୋଲି ନାସା କହିଛି। ଏହି ଉଲକାପିଣ୍ଡର ଲମ୍ବା ୬୦ମିଟର। ଏହା ହେଲେ ଏକ ବଡ଼ ବିସ୍ଫୋରଣ ହେବ। ଏହାର ଝଲକ ପୃଥିବୀ ପୃଷ୍ଠରୁ ମଧ୍ୟ ଦେଖିବାକୁ ମିଳିବ। କିନ୍ତୁ ପୃଥିବୀ ପରି ଚନ୍ଦ୍ରରେ ବାୟୁ ମଣ୍ଡଳ ନାହିଁ। ତେଣୁ ଯେଉଁ ଉଲ୍‌କାପିଣ୍ଡ ଚନ୍ଦ୍ରର ବାୟୁମଣ୍ଡଳକୁ ଆସେ ତାହା ଜଳି ନ ଥାଏ ଓ ସିଧାସଳଖ ପ୍ରଚଣ୍ଡ ବେଗରେ ଚନ୍ଦ୍ରପୃଷ୍ଠରେ ପିଟି ହୋଇଥାଏ। ଧକ୍କା ସମୟରେ ଉଲକାପିଣ୍ଡର ଗତିଜ ଶକ୍ତି ତାପ ଓ ଆଲୋକରେ ପରିଣତ ହୁଏ। ଏହି ପ୍ରକ୍ରିୟା କ୍ଷଣସ୍ଥାୟୀ ହୋଇଥିଲେ ମଧ୍ୟ ଅତି ଉଜ୍ଜଳ ଆଲୋକ ସୃଷ୍ଟି କରିଥାଏ। ଏହାକୁ ମହାକାଶ ବିଜ୍ଞାନ ଭାଷାରେ 'ଲୁନାର ଇମ୍ପାକ୍ଟ ଫ୍ଲାସ' କୁହାଯାଇଥାଏ। ଧକ୍କା ଯୋଗୁ ଚନ୍ଦ୍ରପୃଷ୍ଠରେ ନୂଆ ଗାତ ସୃଷ୍ଟି ହୋଇପାରେ। ନାସା ଓ ଅନ୍ୟାନ୍ୟ ମହାକାଶ ସଂସ୍ଥା ଏହି ଘଟଣା ଉପରେ କଡ଼ା ନଜର ରଖିଛନ୍ତି। ଏହା ଦ୍ୱାରା ଚନ୍ଦ୍ରପୃଷ୍ଠରେ ମାଟି ଓ ପଥରର ସଂରଚନା ବିଷୟରେ ଅଧିକ ତଥ୍ୟ ମିଳିପାରିବ। ଏହି ଘଟଣାକୁ ଖାଲି ଆଖିରେ ଦେଖାଯାଇପାରିବ ବୋଲି କୁହାଯାଇଛି। ସେହିପରି ସାଧାରଣ ଟେଲିସକୋପ କିମ୍ବା ଶକ୍ତିଶାଳୀ ବାଇନାକୁଲାର ସାହାଯ୍ୟରେ ଚନ୍ଦ୍ରର ଅନ୍ଧାକାରାଚ୍ଛନ୍ନ ଅଂଶକୁ ଦେଖିଲେ ଆଲୋକର ଝଲକ ସ୍ପଷ୍ଟ ଭାବେ ବାରି ହୋଇପଡ଼ିବ।




# ୧୦୦ ଟଙ୍କାର ଗହମ ଚୋରି: ୪୫ ବର୍ଷ ପରେ ବୃଦ୍ଧ ଗିରଫ

ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଭାରତୀୟ ଆଇନ ବ୍ୟବସ୍ଥା ଅପରାଧୀଙ୍କୁ ସୁହାଉ ଥିବାବେଳେ ସାଧାରଣ ତଥା ଗରିବଙ୍କ ଲୋକଙ୍କ କଷ୍ଟର କାରଣ ପାଲଟି ଯାଇଛି। କୋଟି କୋଟି ଟଙ୍କା ଲୁଟି ନେଇ ଦେଶରୁ ପଳାଉଥିବା ଅପରାଧୀଙ୍କୁ କୌଣସି ଦଣ୍ଡ ମିଳୁ ନ ଥିବାବେଳେ ୨୦ ଟଙ୍କା ଲାଞ୍ଚ ଅଭିଯୋଗ ଲାଗିଥିବା ବ୍ୟକ୍ତିଙ୍କୁ ୩୦ ବର୍ଷ ଜେଲ୍‌ରେ ରହିବାକୁ ପଡୁଛି। ଏଭଳି ରୁଗଣ ଆଇନ ବ୍ୟବସ୍ଥାର ଆଉ ଜ୍ୱଳନ୍ତ ଉଦାହରଣ ମଧ୍ୟପ୍ରଦେଶରୁ ସାମ୍ନାକୁ ଆସିଛି। ଶହେ ଟଙ୍କାର ଗହମ ଚୋରି ମାମଲାରେ ଏଠାକାର ଜଣେ ବୃଦ୍ଧଙ୍କୁ ଗିରଫ କରି ହେପାଜତକୁ ନେଇଛି । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏହି ମାମଲା ୪୫ ବର୍ଷ ତଳର। ୧୯୮୦ରେ ସଲିମ ଏବଂ ଅନ୍ୟ ୬ ଜଣ ବାଲସମୁଣ୍ଡା କାକଡ଼ ଅଞ୍ଚଳରୁ ଗହମ ଚୋରି କରିଥିଲେ। ସେତେବେଳେ ସଲିମଙ୍କୁ ୨୦ ବର୍ଷ ହୋଇଥିଲା। ସେ ସମୟରେ ଚୋରମାନେ ୧୧୫ ଟଙ୍କାର ଶହେ କେଜି ଗହମ ଚୋରି କରି ନେଇଥିଲେ। ଏହାପରଠୁ ବଲଖଡ ଗ୍ରାମର ସଲିମ ଫେରାର ହୋଇ ଧର ଜିଲ୍ଲାରେ ଏକ ଦୋକାନ କରି ଜୀବିକାନିର୍ବାହ କରୁଥିଲେ। ସେହି ଦିନଠାରୁ ଏହି ମାମଲା କୋର୍ଟରେ ଚାଲିଥିଲା। ଗତ ଶନିବାର ପୁଲିସ ସଲିମଙ୍କୁ ଧରିଥିଲା। ଜେରା ସମୟରେ ସେ କହିଛନ୍ତି ଯେ ଏହି ମାମଲା ଆଉ ନ ଥିବ ବୋଲି ଭାବିଥିଲି।

## ସଂଘ କହିଲେ ପଦ ଛାଡ଼ିଦେବି: ଭାଗବତ

ମୁମ୍ବଇ,୮ ।୨(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ରବିବାର କହିଛନ୍ତି ଯେ, ଯଦି ସଂଘ ତାଙ୍କୁ ପଦ ଛାଡ଼ିବାକୁ କହିବ, ତେବେ ସେ ତୁରନ୍ତ ତାହା କରିବେ। ବର୍ତ୍ତମାନ ୭୫ ବର୍ଷ ପରେ କୌଣସି



ପଦରେ ନ ରହିବା ପରମ୍ପରା ବିଷୟରେ ଆଲୋଚନା ହେଉଥିବା ବେଳେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଭାଗବତ କହିଛନ୍ତି ଯେ, ସରସଂଘ ଚାଳକ ହେବା ପାଇଁ କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର କିମ୍ବା ବ୍ରାହ୍ମଣ ହେବା ଯୋଗ୍ୟତା ନୁହେଁ। ଯିଏ ହିନ୍ଦୁ ସଂଗଠନ ପାଇଁ କାର୍ଯ୍ୟ କରେ, ସେ ହିଁ ସରସଂଘ ଚାଳକ ବା ଆରଏସ୍‌ଏସ୍‌ର ମୁଖ୍ୟ ହୁଏ। ଭାଗବତ ରବିବାର ମୁମ୍ବଇରେ ଆରଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ସମ୍ବୋଧିତ କରୁଥିବା ବେଳେ ଏହି କଥା କହିଛନ୍ତି। ସେ କହିଥିଲେ ଯେ ବୀର ସାବରକରଙ୍କୁ ଭାରତ ରତ୍ନ ଦେଲେ ପୁରସ୍କାରର ମର୍ଯ୍ୟାଦା ଆହୁରି ବୃଦ୍ଧି ପାଇବ। ସେ ସମାନ ନାଗରିକ ସଂହିତା ବା ୟୁନିଫର୍ମ ସିଭିଲ୍ କୋଡ (ୟୁସିସି)କୁ ନେଇ ସମାଜରେ ମତଭେଦ ରହିବା ଉଚିତ ନୁହେଁ ବୋଲି କହିଛନ୍ତି। ପୂର୍ବରୁ ସେ ଭାରତ ରହୁଥିବା ଲୋକମାନେ ସମସ୍ତେ ହିନ୍ଦୁ ଓ ସଂଘ କାହା ବିରୋଧରେ ନୁହେଁ ବୋଲି ସ୍ପଷ୍ଟ କରିଥିଲେ। ସେହିପରି ବେଆଇନ ଭାବେ ଦେଶରେ ରହୁଥିବା ଅନୁପ୍ରବେଶକାରୀଙ୍କୁ ବାହାର କରିବା ନିହାତି ଆବଶ୍ୟକ ବୋଲି ମତ ଦେଇଥିଲେ।

## ପ୍ରେମିକାଙ୍କ ନିର୍ବନ୍ଧ; ଆତ୍ମହତ୍ୟାକଲେ ବଡିବିଲ୍ଡର

ବେଙ୍ଗାଲୁରୁ, ୮।୨ (ଏଜେନ୍ସି): ପ୍ରେମ ପୁଣି ଏକ ଜୀବନ ନେଇଛି। କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ପ୍ରେମିକାର ନିର୍ବନ୍ଧ ହେବା ପରେ ପ୍ରେମିକ ସହିପାରି ନାହିଁ। ଅନ୍ୟକୁ ଶରୀର ଗଠନ ଏବଂ ମଝବୁତ ହେବାକୁ ପରାମର୍ଶ ଦେଉଥିବା ଜିମ୍ ଟ୍ରେନର ତଥା ବଡ଼ି ବିଲ୍ଡର ପ୍ରେମିକ ଏହି ଖବର ଶୁଣିବା ପରେ ଭାଙ୍ଗି ପଡ଼ିଥିଲେ। ମଝବୁତ ଶରୀର ଦ୍ୱାରା ଭାରୋତ୍ତଳନ କରୁଥିବା ଏହି ୨୬ ଯୁବକଙ୍କ ହୃଦୟ ଦୋହଲି ଯାଇଥିଲା। ପ୍ରେମିକା ଆଉ କାହା ପାଇଁ ଶାଢ଼ୀ ଏବଂ ମୁଦି ପିନ୍ଧିଥିବା ଦେଖିବା ପରେ କିରନ ଜୀବନ ହାରି ଦେଇଥିଲେ। ସେ ଏକ ସୁଇସାଇଡ ନୋଟ ମଧ୍ୟ ଛାଡ଼ି ଯାଇଛନ୍ତି। ଏଥିରେ ସେ ଆତ୍ମହତ୍ୟା ପାଇଁ ପ୍ରେମିକା ଏବଂ ତାଙ୍କ ମା'ଙ୍କୁ ଦାୟୀ କରିଛନ୍ତି। ସୂଚନା ଅନୁଯାୟୀ, କିରନ ବେଙ୍ଗାଲୁରୁର ମହାଲକ୍ଷ୍ମୀ ଲେଆଉଟ ସ୍ଥିତ ଘରେ ରହୁଥିଲେ। ତିନି ବର୍ଷ ହେଲା ଉକ୍ତ ଯୁବତୀଙ୍କୁ ଭଲ ପାଉ ଥିଲେ। ୧୫ ଦିନ ତଳେ ପ୍ରେମିକା ତାଙ୍କୁ ନିର୍ବନ୍ଧ କଥା କହିଥିଲେ। ମାତ୍ର ଶନିବାର କିରନ ପ୍ରେମିକାଙ୍କୁ ଭେଟି ଥିଲେ। ସେଠାରେ ପ୍ରେମିକା ତାଙ୍କୁ ବିବାହ ନିମନ୍ତ୍ରଣ କାର୍ଡ ଏବଂ ଶାଢ଼ୀ ଦେଖାଇ ଥିଲେ। ଏଥିରେ କ୍ଷୁବ୍ଧ ହୋଇ କିରନ ଘରକୁ ଫେରି ଫାସୀ ଲଗାଇ ଆତ୍ମହତ୍ୟା କରିଥିଲେ। ପୁଅ ନ ଶୁଣିବାରୁ ଘର ଲୋକ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲେ। ଏବେ ପୁଲିସ ମାମଲାର ତଦନ୍ତ କରୁଛି।

## ମହାକାଶରେ ଭାରତର ବଢ଼ିଲା କ୍ଷମତା

ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଭାରତର ଘରୋଇ ମହାକାଶ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଅହମଦାବାଦର ଏଜିସ୍ଥା ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ନିଜ ଏରୋସ୍ପେସ ଭର୍ଟିକାଲ ମାଧ୍ୟମରେ ଅନ୍ୟ ଉପଗ୍ରହରେ ଥିବା ଜିନିଷ ଗୁଡ଼ିକ ଫଟୋ ଉଠାଇବା ପାଇଁ ଏକ ନୂଆ ସ୍ୱଦେଶୀ ଜ୍ଞାନକୌଶଳ ବିକଶିତ କରିଛି। ଏହା ମାଧ୍ୟମରେ ଅନ୍ୟ ଉପଗ୍ରହ ଉପରେ ଭାରତ ନଜର ରଖିପାରିବ। ଶତ୍ରୁ କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖିବାରେ ସକ୍ଷମ ହେବ। ପ୍ରଥମ ଥର ପାଇଁ ଭାରତର ଘରୋଇ କ୍ଷେତ୍ରକୁ ଏଭଳି ସଫଳତା ମିଳିଛି। ଭାରତର ମହାକାଶ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାକୁ ଅର୍ବିଟ ସ୍ନୁଫିଂ ମଧ୍ୟ କୁହାଯାଏ। ଅଜିସ୍ଥା ନିଜର ୮୦ କେଜି ବିଶିଷ୍ଟ ପୃଥିବୀ-ପର୍ଯ୍ୟବେକ୍ଷଣ ଉପଗ୍ରହ ଏଏଫଆର ବ୍ୟବହାର କରି ଗତ ତିନି ତାରିଖରେ ସତର୍କତାର ସହିତ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ) ଚିତ୍ର ଉତ୍ତୋଳନ କରିଥିଲା। ଆଇଏସଏସ ପୃଥିବୀର ନିମ୍ନ କକ୍ଷପଥରେ ଥିବା ସବୁଠାରୁ ଦୃଶ୍ୟମାନ ଷ୍ଟେସନ ହୋଇଥିଲେ ମଧ୍ୟ ଭାରତର ଘରୋଇ କ୍ଷେତ୍ର ପାଇଁ ଏହାକୁ ଏକ ବଡ଼ ସଫଳତା ବିବେଚନା କରାଯାଉଛି। ପ୍ରଥମ ପରୀକ୍ଷଣରେ ୩୦୦ କିମି ଏବଂ ଦ୍ୱିତୀୟ ଥର ୨୪୫ କିମି ଦୂରରୁ ଆଇଏସଏସର ଫଟୋ ଉଠା ଯାଇଥିଲା। ଉଭୟ ପ୍ରୟାସରେ ଶତ ପ୍ରତିଶତ ସଫଳତା ମିଳିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ରୁଷ୍ ୟୁନିଭର୍ସିଟି ହଷ୍ଟେଲରେ ଛୁରାମାଡ଼, ୪ ଭାରତୀୟ ଛାତ୍ର ଆହତ

ମସ୍କୋ,୮ ।୨(ଏଜେନ୍ସି): ରୁଷିଆର ବଶକୋର୍ତୋସ୍ତାନ ରିପବ୍ଲିକ ସ୍ଥିତ ଉଫା ସହରର ଷ୍ଟେଟ୍ ମେଡିକାଲ ୟୁନିଭର୍ସିଟି ହଷ୍ଟେଲ୍‌ରେ ଶନିବାର ଅନେକ ଛାତ୍ରଙ୍କ ଉପରେ ଛୁରାମାଡ଼ ହେବା ଘଟଣା ସମ୍ନାକୁ ଆସିଛି। ଏହି ଆକ୍ରମଣରେ ୪ ଜଣ ଭାରତୀୟ ଛାତ୍ରଙ୍କ ସମେତ ଅତିକମ୍‌ରେ ୬ଜଣ ଆହତ ହୋଇଛନ୍ତି। ଭାରତୀୟ ଦୂତାବାସ ଏହାକୁ ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଜଣେ ୧୫ ବର୍ଷର ବାଳକ ହାତରେ ଛୁରୀ ଧରି ବିଦେଶୀ ଛାତ୍ରଙ୍କ ହଷ୍ଟେଲ୍‌ର ପ୍ଲେ-ହଲ୍‌ରେ ପ୍ରବେଶ କରି ଆକ୍ରମଣ କରିଥିଲା। ଗିରଫ କରିବା ସମୟରେ ଅଭିଯୁକ୍ତ ଜଣକ ପୁଲିସ ଉପରେ ମଧ୍ୟ ଆକ୍ରମଣ କରିଥିଲା। ଏଥିରେ ଦୁଇ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି।

## ୨୦ ହଜାର ଟଙ୍କା ପାଇଁ ଏନ୍‌ଆର୍‌ଆଇ ମହିଳାଙ୍କୁ ହତ୍ୟା


ଲୁଧିଆନା,୮ ।୨(ଏଜେନ୍ସି): ପଞ୍ଜାବର ଲୁଧିଆନାରେ ମାତ୍ର ୨୦ ହଜାର ଟଙ୍କାର ଋଣ ପରିଶୋଧ କରିବା ପାଇଁ ଜଣେ ଭଡ଼ାଟିଆ ତାଙ୍କ ମାଲିକାଣୀ ୮୧ ବର୍ଷୀୟ ଏନ୍‌ଆର୍‌ଆଇ ମହିଳା ଜଗପାଲ କୌରଙ୍କୁ ହତ୍ୟା କରିଛି। ଅଭିଯୁକ୍ତ ଜଣକ ମହିଳାଙ୍କ ଘରୁ ଟଙ୍କା ନେଇ ନିଜର ଋଣ ସୁଝିବାକୁ ଚାହୁଁଥିଲା। ଏଥିପାଇଁ ଅଭିଯୁକ୍ତ ମହିଳାଙ୍କ ଘରେ ଲୁଚି ରହିଥିଲା। କିନ୍ତୁ ହଠାତ ମହିଳା ଆସିବାରୁ ଦୁହେଁ ହାତାହାତି ହୋଇଥିଲେ। ଶେଷରେ ଅଭିଯୁକ୍ତ ମହିଳାଙ୍କ ଗଳାଚିପି ହତ୍ୟା କରି ପଳାଇଥିଲା।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# କେନ୍ଦ୍ରକୁ ଘେରିଲେ ବିରୋଧୀ

ନୂଆଦିଲ୍ଲୀ, ୮।୨ (ଏଜେନ୍ସି):

### ଆମେରିକା ସହ ବାଣିଜ୍ୟ ଚୁକ୍ତି ଦ୍ୱାରା ଚାଷୀଙ୍କ ଆୟ ବଢ଼ିବ: ସରକାର



ସଂସଦରେ ବିତର୍କ ଦାବି କଲେ ବିରୋଧୀ

ସଂସଦୀୟ କମିଟି ଦ୍ୱାରା ଯାଞ୍ଚ କରାଯାଉ: କଂଗ୍ରେସ

ଭାରତ ଏବଂ ଆମେରିକା ବାଣିଜ୍ୟ ଚୁକ୍ତିରେ ଚାଷୀଙ୍କୁ ସୁରକ୍ଷାର ଭରସା ଦିଆଯାଇଛି। ଏହି ଚୁକ୍ତି ଦ୍ୱାରା ଚାଷୀଙ୍କ ଆୟ ବଢ଼ିବ। ଆମେରିକା ବଜାରରେ ଚାଷୀଙ୍କ ସାମଗ୍ରୀକୁ ଅଧିକ ମୂଲ୍ୟ ମିଳିବ ବୋଲି ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି। ମାତ୍ର ବିରୋଧୀ ସହଜରେ ଏହାକୁ ଗ୍ରହଣ କରିପାରୁ ନାହାନ୍ତି। ଏହି ଚୁକ୍ତିର ଅନେକ ଦିଗ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇ ନାହିଁ। ତେଣୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି ବାଣିଜ୍ୟ ଚୁକ୍ତି ବିରୋଧୀ ବିରୋଧ କରି ସଂସଦରେ ବିତର୍କ ଦାବି କରିଛନ୍ତି। ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ ସରକାର ଶକ୍ତି କ୍ରୟ ଏବଂ କୃଷି ବଜାରକୁ ଆମେରିକା ପାଇଁ ଖୋଲି ଦେଇଥିବା ଅଭିଯୋଗ କରିଛନ୍ତି। ମାତ୍ର ଏହି ଚୁକ୍ତିର ସମ୍ପୂର୍ଣ୍ଣ ବିବରଣୀ ଏ ପର୍ଯ୍ୟନ୍ତ ଜାରି ହୋଇ ନାହିଁ। ୨ ପୃଷ୍ଠାରେ ସବୁ କିଛି ଲେଖିହେବନି ବୋଲି ଗୋୟଲ କହିଛନ୍ତି।

କୃଷିକୁ ନେଇ ସରକାରଙ୍କ ନିରବତା ଉପରେ କଂଗ୍ରେସ ପ୍ରବକ୍ତା ଶାମ ମହମ୍ମଦ ପ୍ରଶ୍ନ ଉଠାଇଛନ୍ତି। ସେ ରିଆତି ଯୁକ୍ତ ଆମରିକା କୃଷିଜାତ ଦ୍ରବ୍ୟର ଆମଦାନୀ ବୃଦ୍ଧି ଦ୍ୱାରା ଭାରତୀୟ ଚାଷୀ ନିଶ୍ଚିତ ଭାବେ ପ୍ରଭାବିତ ହେବେ। ଶୁଳ୍କ ବିଷମତାକୁ ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୧୮ ପ୍ରତିଶତ ଶୁଳ୍କ ଲଗାଇଛି।ମାତ୍ର ଆମେରିକା ସାମଗ୍ରୀ ଉପରେ କୌଣସି ଶୁଳ୍କ ଲାଗି ନ ଥିବାରୁ ଭାରତର କ୍ଷତି ହେବ। ତେଣୁ ସେ ଏହାକୁ ଅନୁଚିତ ଚୁକ୍ତି କହିଛନ୍ତି।

ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଏହି ଚୁକ୍ତିକୁ ଧୋକା କହିଛନ୍ତି। ବାଧବାଧକତାରେ ଏହା କରାଯାଇଛି। ସରକାର ଦେଶର ରାଷ୍ଟ୍ରୀୟ ସ୍ୱାର୍ଥ ଏବଂ ନୀତିକୁ ଆମେରିକାକୁ ବିକି ଦେଇଛନ୍ତି। ଏହା ଉପରେ ସଂସଦରେ ଚର୍ଚ୍ଚା ପାଇଁ ସେ ଦାବି କରିଛନ୍ତି। ସରକାରଙ୍କ ଉପରେ ଚୁକ୍ତି ପାଇଁ ଚାପ ପକା ଯାଇଥିଲା। ଏହା ପଛର କାରଣ କ'ଣ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ ଏହି ବାଣିଜ୍ୟ ଚୁକ୍ତି ଏକ ବଡ଼ ପାଟର୍ଣ୍ଣର ଅଂଶବିଶେଷ। ଏହା ମାଧ୍ୟମରେ ଭାରତ ଉପରେ ଚାପ ପକାଯାଇଛି। ଅପରେସନ ସିନ୍ଦୂରଠାରୁ ନେଇ ତୈଳ କ୍ରୟ ପର୍ଯ୍ୟନ୍ତ ସବୁ ନିଷ୍ପତ୍ତି ଭାରତ ସରକାରଙ୍କ ପରିବର୍ତ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେଇଛନ୍ତି। ସ୍ଥିତି ଏବଂ ସମୟରୁ ଜଣାପଡୁଛି ଯେ ପ୍ରଧାନମନ୍ତ୍ରୀ ଚାପରେ ଆସି ନଇଁ ଯାଇଛନ୍ତି। ଏହା ବିଶ୍ୱରେ ଭାରତର ଛବିକୁ ଖରାପ କରିଛି। ସଂସଦର ଚଳିତ ଅଧିବେଶନରେ ଏହି ଚୁକ୍ତିର ସଂସଦୀୟ ଯାଞ୍ଚ କରିବା ପାଇଁ ରମେଶ ଦାବି କରିଛନ୍ତି। ଭାରତ-ଆମେରିକା ଏବଂ ଇୟୁ ସହ ହୋଇଥିବା ଚୁକ୍ତିକୁ ସଂସଦରେ ରଖାଯାଉ। କାରଣ ଆମେରିକା କୃଷି ସଚିବ ଚୁକ୍ତିକୁ ନେଇ ଭିନ୍ନ ଦାବି କରିଛନ୍ତି। ଆମେରିକା ପାଇଁ ଭାରତ କୃଷି ବଜାରକୁ ଖୋଲି ଦେଇଛି ବୋଲି ସେ କହିଥିଲେ।

## ଚଢ଼ିଗଲା ଅଡ଼ି କାର୍: ବାପ, ପୁଅ, ଭାଣିଜୀ ମୃତ



ରେୱା,୮ ।୨(ଏଜେନ୍ସି): ମଧ୍ୟପ୍ରଦେଶର ରେୱାରେ ଏକ ଦ୍ରୁତଗାମୀ ଅଡ଼ି କାର ବାଇକ୍‌ରେ ଯାଉଥିବା ଏକ ପରିବାରକୁ ଧକ୍କା ଦେଇଛି। ଏହି ଧକ୍କା ଏତେ ଭୟଙ୍କର ଥିଲା ଯେ, ବାଇକ୍‌ଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଛି। ତିନିଜଣ ଆରୋହୀ ଛିଟ୍‌କି ଦୂରରେ ପଡ଼ିଥିଲେ। ଏହି ଦୁର୍ଘଟଣାରେ ପିତା, ସାନପୁଅ ଓ ଭାଣିଜୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ, ରାୟପୁର ପଟୁ ଦ୍ରୁତଗତିରେ ଆସୁଥିବା ଏକ ଅଡ଼ି କାର ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିଲା। ରାସ୍ତାରେ ଲୋକଙ୍କ ଭିଡ଼ ଜମିବାର ଦେଖାଦେଇଥିଲା। ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ହେଲେ ଭାଗବତ ବିଶ୍ୱକର୍ମା, ଶିବମ୍ ବିଶ୍ୱକର୍ମା ଓ ଶୀତଳ ବିଶ୍ୱକର୍ମା। ଭାଗବତଙ୍କ ପୁଅ ଶୁଭମଙ୍କ ବିବାହ ଆସନ୍ତା ୨୫ ତାରିଖରେ ସ୍ଥିର ହୋଇଥିଲା। ହିନ୍ଦୁ ପରମ୍ପରା ଅନୁଯାୟୀ ବିବାହର ପ୍ରଥମ ନିମନ୍ତ୍ରଣ ପତ୍ର ଭଗବାନଙ୍କୁ ଅର୍ପଣ କରାଯାଇଥାଏ। ଏହି ରୀତିନୀତି ପାଳନ କରିବାକୁ ପରିବାର ସଦସ୍ୟ ବାଇକ୍ ଯୋଗେ ଚିରହୁଲା ନାଥ ମନ୍ଦିରକୁ ଯିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# 'ଆତଙ୍କବାଦ ନେଇ ଦୋମୁହାଁ ନୀତି ଚଳିବନି'

### ଭାରତ ଓ ମାଲେସିଆକୁ ଯୋଡୁଛି ତାମିଲ ଭାଷା: ପ୍ରଧାନମନ୍ତ୍ରୀ



କ୍ୱାଲାଲମ୍ପୁର,୮ ।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଲେସିଆ ଗସ୍ତର ଆଜି ଦ୍ୱିତୀୟ ଦିନ। ମୋଦୀ ଓ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍‌ଙ୍କ ମଧ୍ୟରେ ରବିବାର ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଆତଙ୍କବାଦ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ କଡ଼ା କରିଛନ୍ତି। ସେ କହିଛନ୍ତି ଯେ, ଆତଙ୍କବାଦ ସମ୍ପର୍କରେ ଆମର ବାର୍ତ୍ତା ଅତି ସ୍ପଷ୍ଟ, ଏଥିରେ କୌଣସି ଦୋମୁହାଁ ନୀତି ଚଳିବ ନାହିଁ କିମ୍ବା ସାଲିସ କରାଯିବ ନାହିଁ। ଭାରତ ଓ ମାଲେସିଆ ଆତଙ୍କବାଦ ବିରୋଧରେ ମିଳିତ ଭାବେ କାର୍ଯ୍ୟ କରିବେ। ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ତାମିଲ ଭାଷାର ଗୁରୁତ୍ୱ ଉପରେ ମଧ୍ୟ ଜୋର ଦେଇଛନ୍ତି। ସେ କହିଛନ୍ତି ଯେ, ତାମିଲ ଭାଷା ପ୍ରତି ଥିବା ମିଳିତ ଭଲପାଇବା ଭାରତ ଓ ମାଲେସିଆକୁ ପରସ୍ପର ସହ ଯୋଡ଼ିଥାଏ। ଅଡିଓ-ଭିଜୁଆଲ ଚୁକ୍ତି ବିଷୟରେ ସୂଚନା ଦେଇ ମୋଦୀ କହିଛନ୍ତି ଯେ, ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଯେ ଆଜି ହୋଇଥିବା ଅଡିଓ ଭିଜୁଆଲ ଚୁକ୍ତି ଦ୍ୱାରା ଚଳଚ୍ଚିତ୍ର ଓ ସଂଗୀତ, ବିଶେଷ କରି ତାମିଲ ଚଳଚ୍ଚିତ୍ର ଆମ ହୃଦୟକୁ ଆହୁରି ନିକଟତର କରିବ। ମୋଦୀ ମାଲେସିଆ ପ୍ରଧାନମନ୍ତ୍ରୀଙ୍କୁ ନିଜର ଜଣେ ଭଲ ବନ୍ଧୁ ବୋଲି ସମ୍ବୋଧିତ କରିଛନ୍ତି। ଏଥିସହ ମୋଦୀ ରବିବାର ୧୦ମ ଭାରତ-ମାଲେସିଆ ସିଇଓ ଫୋରମ ଅବସରରେ ମାଲେସିଆର ୪ଜଣ ପ୍ରମୁଖ ଶିଳ୍ପପତିଙ୍କ ସହ ଆଲୋଚନା କରିଛନ୍ତି। ଭାରତ ଓ ମାଲେସିଆ ମଧ୍ୟରେ ବଢୁଥିବା ବ୍ୟବସାୟିକ ସମ୍ପର୍କ (ବି୨ବି କନେକସନ)କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

# ଭାରତ ମାଡ଼ରେ କ୍ଷତିଗ୍ରସ୍ତ ଭୋଲାରୀ ଏୟାରବେସ୍‌ର ମରାମତି କରୁଛି ପାକିସ୍ତାନ



ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ବର୍ବର ଆକ୍ରମଣ ପରେ ଭାରତୀୟ ସେନା 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା। ଏହି ଅପରେସନ ସମୟରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ପ୍ରଚଣ୍ଡ ଆକ୍ରମଣରେ ପାକିସ୍ତାନର ଭୋଲାରି ଏୟାରବେସ୍‌ର ପ୍ରମୁଖ ହ୍ୟାଙ୍ଗର ଧ୍ୱଂସ ହୋଇଯାଇଥିଲା। ଏହି ଘଟଣାର ୮ ମାସ ପରେ ନୂଆ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ, ପାକିସ୍ତାନ ଏବେ ଏହାର ମରାମତି ଆରମ୍ଭ କରୁଛି ।ହ୍ୟାଙ୍ଗରର ଛାତ ଖୋଲିଛି। ଅପରେସନ ସିନ୍ଦୂର ସମୟରେ ଆଇଏଏଫ୍‌ର ଏହି ଆକ୍ରମଣରେ ପାକିସ୍ତାନର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଏୟାରବୋର୍ଣ୍ଣ ଆର୍ଲି ୱାର୍ଣ୍ଣିଂ ଆଣ୍ଡ କଣ୍ଟ୍ରୋଲ ବିମାନ ନଷ୍ଟ ହୋଇଯାଇଥିଲା। ଏହି ବିମାନଟି ହ୍ୟାଙ୍ଗରରେ ଥିବା ବେଳେ ମିସାଇଲ ମାଡ଼ ହୋଇଥିଲା। ସାଟେଲାଇଟ୍ ଚିତ୍ରରୁ ଜଣାଯାଇଛି ଯେ, ହ୍ୟାଙ୍ଗରର କ୍ଷତିଗ୍ରସ୍ତ ସବୁଜ ରଙ୍ଗର ଛାତକୁ ବାହାର କରିଦିଆଯାଇଛି। ତେଣୁ ଏଠାରେ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ମନେ ହେଉଛି। କେବଳ ଭୋଲାରି ନୁହେଁ, ପାକିସ୍ତାନ ମୁରିଦ, ସୁକ୍କୁର ଓ ନୁର ଖାନ୍ ଏୟାରବେସ୍ ଉପରେ ମଧ୍ୟ ଆଇଏଏଫ୍ ଆକ୍ରମଣ କରିଥିଲା। ଏଠାରେ ମଧ୍ୟ ମରାମତି କାର୍ଯ୍ୟ ଚାଲିଛି। ଭୋଲାରି ଆକ୍ରମଣର କିଛି ଘଣ୍ଟା ମଧ୍ୟରେ ପାକିସ୍ତାନ ସେନା ଅଧିକାରୀମାନେ ଭାରତ ସହ ଯୋଗାଯୋଗ କରି ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିଲେ। ଏହି ଆକ୍ରମଣରେ ପାକିସ୍ତାନ ବାୟୁସେନାର ୬ଜଣ ମୃତ୍ୟୁବରଣ କରିଥିଲେ।

# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ବିଦେଶ ଗସ୍ତ ପାଇଁ ଅନୁମତି ଦେଲାନି କେନ୍ଦ୍ର

ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ କେନ୍ଦ୍ର ସରକାର ବଡ଼ ଝଟ୍‌କା ଦେଇଛନ୍ତି। ପୁଣିଥରେ ମାନ୍‌ଙ୍କ ବିଦେଶ ଗସ୍ତକୁ ଅନୁମତି ଦେଇନାହାନ୍ତି। ଏଥିଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ଚେକ୍ ରିପବ୍ଲିକ ଏବଂ ନେଦରଲାଣ୍ଡ ଗସ୍ତକୁ ରଦ୍ଦ କରିଦିଆଯାଇଛି। ଏ ପର୍ଯ୍ୟନ୍ତ ତାଙ୍କର ଧାର୍ଯ୍ୟ ଯାତ୍ରାକୁ ନେଇ କୌଣସି ସୂଚନା ମିଳିନାହିଁ। ଥରେ କି ଦୁଇ ଥର ନୁହେଁ, ଏହାକୁ ମିଶାଇ ତୃତୀୟ ଥର ପାଇଁ ମାନ୍‌ଙ୍କ ଗସ୍ତକୁ ରାଜନୈତିକେ ଅନୁମିତ ମିଳିପାରି ନାହିଁ। ଏହା ପୂର୍ବରୁ ଜାନୁଆରୀରେ ସେ ବ୍ରିଟେନ ଏବଂ ଇସ୍ରାଏଲ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା। ମାତ୍ର କେନ୍ଦ୍ର ଏହାକୁ ମଞ୍ଜୁରି ଦେଇ ନ ଥିଲା। ସେହିପରି ପ୍ୟାରିସ ଅଲମ୍ପିକ୍ ସମୟରେ ଫ୍ରାନ୍ସ ଯିବା ପାଇଁ ମାନ୍ ମାଗିଥିବା ଅନୁମତିକୁ ମଧ୍ୟ କେନ୍ଦ୍ର ଖାରଜ କରିଦେଇଥିଲା। ଏହି ଘଟଣାକ୍ରମ ପଞ୍ଜାବର ଆପ୍ ସରକାର ଏବଂ କେନ୍ଦ୍ର ମଧ୍ୟରେ ଥିବା ତିକ୍ତତାପୂର୍ଣ୍ଣ ସମ୍ବନ୍ଧକୁ ଦର୍ଶାଉଛି। ଏହାକୁ ନେଇ ଆପ୍ ପକ୍ଷରୁ କେନ୍ଦ୍ରକୁ

### ତୃତୀୟ ଥର ପାଇଁ ମାନ୍‌ଙ୍କୁ ମିଳିଲାନି ମଞ୍ଜୁରି

ସମାଲୋଚନା କରାଯାଇଛି। ବିରୋଧୀ ଶାସିତ ରାଜ୍ୟଙ୍କୁ କେନ୍ଦ୍ର ନିଶାଣ କରୁଥିବା ଅଭିଯୋଗ କରାଯାଇଛି। ଆପ୍‌ନେତା କହିଛନ୍ତି ଯେ ଏପରି କଟକଣା ରାଜ୍ୟର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନିବେଶ, ଶିକ୍ଷା ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବା ପାଇଁ ବିଦେଶ ଗସ୍ତ କରୁଥିବାବେଳେ ପଞ୍ଜାବକୁ ଅନୁମତି ନ ଦେବା ଚିନ୍ତାର ବିଷୟ।

ସୂଚନା ଅନୁଯାୟୀ, ଆସନ୍ତା ମାସରେ ପଞ୍ଜାବରେ ନିବେଶକ ସମ୍ମିଳନୀ ହେବାକୁ ଯାଉଛି। ରାଜ୍ୟକୁ ନିବେଶ ଆଣିବା ନିମନ୍ତେ ଦୁଇ ୟୁରୋପୀୟ ଦେଶକୁ ମାନ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଯିବାର ଥିଲା। ପ୍ରୋଟୋକଲ ଅନୁଯାୟୀ, କୌଣସି ଆନୁଷ୍ଠାନିକ ବିଦେଶ ଗସ୍ତ ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ରଠାରୁ ରାଜନୈତିକ ଅନୁମୋଦନ ଆଣିବାର ନିୟମ ରହିଛି। ମାତ୍ର କେଉଁ କାରଣରୁ ମାନ୍‌ଙ୍କୁ ଅନୁମତି ଦିଆଯାଇ ନାହିଁ ତାହାର କୌଣସି ସୂଚନା ବିଦେଶ ବ୍ୟାପାର ବିଭାଗ ଦେଇ ନାହିଁ। ତୃତୀୟ ଥର ପାଇଁ ଏପରି ହୋଇଥିବାରୁ ଏହାକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ବିବାଦ ଉଗ୍ର ହେବାରେ ଲାଗିଛି।

# ଗୋଗୋଇଙ୍କ ପତ୍ନୀଙ୍କର ଆଇଏସ୍‌ଆଇ ସହ ସମ୍ପର୍କ ଅଛି: ଆସାମ ମୁଖ୍ୟମନ୍ତ୍ରୀ

ଗୌହାଟୀ,୮ ।୨(ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପୁଣି ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ସାଂସଦ ଗୌରବ ଗୋଗୋଇଙ୍କ ପତ୍ନୀଙ୍କର ପାକିସ୍ତାନ ସହ ସମ୍ପର୍କ ରହିଛି। ଏହି ପ୍ରସଙ୍ଗ ଖୁବଶୀଘ୍ର ଅଧିକ ତଦନ୍ତ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଯିବ। ଆସାମ ସରକାର ଗୌରବଙ୍କ ପତ୍ନୀ ଏଲିଜାବେଥ କୋଲବର୍ଣ୍ଣଙ୍କ ଓସିଆଇ/ ଭିସା ରଦ୍ଦ କରିବାକୁ ଦାବି କରିବେ। କାରଣ ସେ ଏବେ ଭାରତ ପାଇଁ ବିପଦ ସୃଷ୍ଟି କରିଛନ୍ତି। ହିମନ୍ତ ଅଭିଯୋଗ କରିଛନ୍ତି ଯେ, ଗୋଗୋଇଙ୍କ ପତ୍ନୀ ଏଲିଜାବେଥଙ୍କ ପାକିସ୍ତାନୀ ଏଜେଣ୍ଟ ଅଲି ତୌକିର ଶେଖଙ୍କ ସହ ଅତି ନିବିଡ଼ ସମ୍ପର୍କ ରହିଛି। ଏକ ପାକିସ୍ତାନୀ ସଂସ୍ଥା ଗୌରବଙ୍କ ପତ୍ନୀଙ୍କୁ ଚାକିରି ଦେଇଥିଲା ଓ ପରେ ତାଙ୍କୁ ଭାରତକୁ ସ୍ଥାନାନ୍ତର କରିଥିଲା। ଭାରତ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରି ପାକିସ୍ତାନୀ ନାଗରିକ ଅଲି ଶେଖଙ୍କୁ ରିପୋର୍ଟ କରିବା ନେଇ ଏଲିଜାବେଥଙ୍କ ବିରୋଧରେ ହିମନ୍ତ ଅଭିଯୋଗ କରିଛନ୍ତି। ଏହି କାମ ପାଇଁ ତୌକିର ଶେଖ ଏଲିଜାବେଥଙ୍କୁ ଦରମା ଦେଉଥିଲେ। ଗୌରବ ମଧ୍ୟ ଏହାର ଜବାବ ଦେଇ କହିଛନ୍ତି ଯେ, ଯଦି ମୋ ସ୍ତ୍ରୀ ଆଇଏସ୍‌ଆଇ ଏଜେଣ୍ଟ, ତାହାଲେ ମୁଁ ମଧ୍ୟ ଆରଏଡବ୍ଲ୍ୟୁ ଏଜେଣ୍ଟ। ହିମନ୍ତଙ୍କ ଅଭିଯୋଗ ସବୁ ମିଥ୍ୟା। ନିଜ ଉପରେ ଅଭିଯୋଗ ଆସୁଥିବା ବେଳେ ନଜର ହଟାଇବାକୁ ଏପରି କହୁଛନ୍ତି ବୋଲି ଗୌରବ କହିଛନ୍ତି।


## ଏପଷ୍ଟିନ ଫାଇଲ ସହ ସମ୍ପର୍କ ନାହିଁ: ଦଲାଇ ଲାମାଙ୍କ କାର୍ଯ୍ୟାଳୟ

ଧର୍ମଶାଳା,୮ ।୨(ଏଜେନ୍ସି): ସାରା ବିଶ୍ୱରେ ଚର୍ଚ୍ଚା ଚାଲିଥିବା 'ଏପଷ୍ଟିନ ଫାଇଲ୍ସ' ଯୌନ କେଳଙ୍କାରୀ ମାମଲା ସହ ତିବତ୍ତୀୟ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ନାମକୁ ଯୋଡ଼ା ଯାଉଛି। ଗତ କିଛିଦିନ ହେବ ସାମାଜିକ ଗଣମାଧ୍ୟମରେ ଓ କିଛି ଗଣମାଧ୍ୟମ ରିପୋର୍ଟରେ ଦଲାଇ ଲାମାଙ୍କର ଆମେରିକୀୟ ଶିଶୁ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ସହ ସମ୍ପର୍କ ଥିବା ଦାବି କରାଯାଇଥିଲା। ଏହି ସମସ୍ତ ଦାବି ଉପରେ ଦଲାଇ ଲାମାଙ୍କ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଏକ ବିବୃତ୍ତି ଜାରି କରିଛି। ତାଙ୍କ କାର୍ଯ୍ୟାଳୟ ଏହି ଖବରକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛି। ଜାରି କରାଯାଇଥିବା ପ୍ରେସ ବିବୃତ୍ତିରେ କୁହାଯାଇଛି ଯେ, ଆମେ ସମ୍ପୂର୍ଣ୍ଣ ସ୍ୱଷ୍ଟତାର ସହ ନିଶ୍ଚିତ କରୁଛୁ ଯେ, ଦଲାଇ ଲାମା କେବେବି ଏପଷ୍ଟିନଙ୍କୁ ଭେଟିନାହାନ୍ତି। ସେ ନିଜ ପକ୍ଷରୁ କାହାକୁ ଏପଷ୍ଟିନଙ୍କୁ ଭେଟିବା ବା କଥାବାର୍ତ୍ତା କରିବା ପାଇଁ ଅଧିକାର ଦେଇନାହାନ୍ତି। ଏହି ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ତାଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

### ଗଞ୍ଜେଇ ଚାଷ ଓ ଚାଲାଣ: ଶୀର୍ଷରେ ଓଡ଼ିଶା

# ୫ ବର୍ଷରେ ୧୦ ଲକ୍ଷ କିଲୋ ଜବତ

ଭୁବନେଶ୍ୱର,୮ ।୨(ସମିସ): ବେଆଇନ ଗଞ୍ଜେଇକୁ ରୋକିବାକୁ ପୁଲିସଠାରୁ ଆରମ୍ଭ କରି ବିଭିନ୍ନ ୱିଙ୍ଗ୍ ଧରପଗଡ଼ କରୁଛନ୍ତି। କେବଳ ଧରପଗଡ଼ କରୁନାହାନ୍ତି, ବରଂ ନିଶାମାଫିଆଙ୍କୁ ଗିରଫ କରି ସମ୍ପତ୍ତି ମଧ୍ୟ ଜବତ କରୁଛନ୍ତି। ତଥାପି, ରାଜ୍ୟରେ



ଗଞ୍ଜେଇ ଚାଷ ଓ ଚାଲାଣ ବଢ଼ିବାରେ ଲାଗିଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ତଥ୍ୟ ସର୍ବଭାରତୀୟ ସ୍ତରରେ ଓଡ଼ିଶାକୁ ଲଜ୍ଜିତ କରିଛି।

ତଥ୍ୟ ଅନୁସାରେ, ଗତ ୫ବର୍ଷରେ ଓଡ଼ିଶାରୁ ସର୍ବାଧିକ ୧୦.୬ ଲକ୍ଷ କିଲୋ ଗଞ୍ଜେଇ ଜବତ ହୋଇଛି। ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିବା ଆନ୍ଧ୍ରପ୍ରଦେଶରୁ ୫.୫ ଲକ୍ଷ ଓ ସିକ୍କିମରୁ ସର୍ବନିମ୍ନ ୪ କିଲୋ ଗଞ୍ଜେଇ ଜବତ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ରାଜ୍ୟରୁ ଜବତ ଗଞ୍ଜେଇ ମଧ୍ୟରେ ୫ଲକ୍ଷ କିଲୋରୁ ଅଧିକ ଅନ୍ତର ରହିଛି। ଏହି ୫ବର୍ଷ ମଧ୍ୟରେ ଉତ୍ତରପ୍ରଦେଶରୁ ୨.୪ଲକ୍ଷ କିଲୋ, ଆସାମରୁ ୧.୯ଲକ୍ଷ କିଲୋ, ରାଜସ୍ଥାନ ଓ ମହାରାଷ୍ଟ୍ରରୁ ୧.୬ଲକ୍ଷ କିଲୋ, ପଶ୍ଚିମବଙ୍ଗରୁ ୧.୫ଲକ୍ଷ କିଲୋ, ମଧ୍ୟପ୍ରଦେଶରୁ

**■ ଜବତ ଯଦି ଏତେ; ଚାଷ ହେଉଛି କେତେ?**
**■ ପାଖାପାଖି ନାହାନ୍ତି ଅନ୍ୟ କୌଣସି ରାଜ୍ୟ**

୧.୨ଲକ୍ଷ କିଲୋ, ଦିଲ୍ଲୀରୁ ୭୮.୯ହଜାର କିଲୋ, କର୍ଣ୍ଣାଟକରୁ ୬୬.୩ ହଜାର କିଲୋ ଓ କେରଳରୁ ୫.୫ କିଲୋ ଗଞ୍ଜେଇ ଜବତ ହୋଇଛି।

ଗତବର୍ଷ ନଭେମ୍ବରରେ ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ୨୪୯ କିଲୋ ଗଞ୍ଜେଇ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଥିଲା ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ)। ତାହା ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଯାଉଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ଘଟଣାରୁ ଅନୁମାନ କରାଯାଉଛି ଯେ ଗତ ୫ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରୁ ଜବତ ହୋଇଥିବା ୫.୫ଲକ୍ଷ କିଲୋ ଗଞ୍ଜେଇରେ ମଧ୍ୟ ସିଂହଭାଗ ଗଞ୍ଜେଇ ଓଡ଼ିଶାର। ଦୁଇଟିଯାକ ରାଜ୍ୟ ଲାଗି କରି ରହିଥିବାରୁ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗଞ୍ଜେଇ ଚାଷ ହୋଇ ଆନ୍ଧ୍ରପ୍ରଦେଶ ଦେଇ ଚାଲାଣ ହେଉଥିବା କୁହାଯାଉଛି।

ରାଜ୍ୟ ଓ ଦେଶ ବାହାରେ ଓଡ଼ିଶା ଗଞ୍ଜେଇର ଚାହିଦା ରହିଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଅନେକ ସମୟରେ ରାଜ୍ୟ ଓ ଦେଶ ବାହାରୁ ଓଡ଼ିଶା ଗଞ୍ଜେଇ ଜବତ କରିଛି। ଏବେବି ରାଜ୍ୟର କୋରାପୁଟ, ମାଲକାନଗିରି, କନ୍ଧମାଳ, ଗଜପତି, ରାୟଗଡ଼ା ଆଦି ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଛି। 'ଅପରେସନ ପ୍ରହାର' ମାଧ୍ୟମରେ ରାଜ୍ୟରେ ବେଆଇନ ଗଞ୍ଜେଇ କାରବାରକୁ ରୋକିବାକୁ ପୁଲିସ ଉଦ୍ୟମ କରୁଛି। ପାହାଡ଼ିଆ ଅଞ୍ଚଳରେ ହେଉଥିବା ଗଞ୍ଜେଇ ଚାଷକୁ ଡ୍ରୋନ୍ ସାହାଯ୍ୟରେ ଚିହ୍ନଟ କରାଯାଇ ସେଗୁଡ଼ିକୁ ନଷ୍ଟ କରାଯାଉଛି। ତଥାପି ଏଥିରେ ସମ୍ପୂର୍ଣ୍ଣ ଭାବେ ରୋକ୍ ଲାଗିପାରୁନାହିଁ।

ସେପଟେ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ମାଓ ଅଧ୍ୟୁଷିତ ଜିଲ୍ଲାରେ ସ୍ୱତନ୍ତ୍ର ଅପରେସନ୍ ଚାଲିଛି। ଅନେକ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରୁଥିବା ବେଳେ ଆଉ କିଛି ପୁଲିସ ଗୁଳିରେ ପ୍ରାଣ ହରାଉଛନ୍ତି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଓମୁକ୍ତ ବୋଲି ଘୋଷଣା ମଧ୍ୟ କରାଯାଉଛି। ଠିକ୍ ସେତିକିବେଳେ ମାଓବାଦୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଉଥିବା ଗଞ୍ଜେଇ ଚାଷ କିନ୍ତୁ ଥମିବାର ନା ଧରୁନାହିଁ। ଦେଶ ବାହାରୁ ଆସୁଥିବା ମାରିଜୁଆନାକୁ ଧରିବାରେ ସଫଳ ହେଉଥିବା ବେଳେ ରାଜ୍ୟରେ ହେଉଥିବା ବେଆଇନ ଗଞ୍ଜେଇ ଚାଷକୁ ମୂଳପୋଛ କରିବାରେ ପୁଲିସର ପାରିବାପଣିଆ ପଦାରେ ପଡ଼ିଛି। ଏତେ ପରିମାଣର ଗଞ୍ଜେଇ ଜବତ ହେବା ପରେ କେତେ ପରିମାଣର ଚାଷ ହେଉଥିବ, ତାହା ସହଜରେ ଅନୁମେୟ।

### ପାରିବାରିକ କଳହର କରୁଣ ପରିଣତି

# ପୁଅକୁ ଛୁରି ଭୁସି ହତ୍ୟା କଲା ବାପା

କଙ୍କଡ଼ାହାଡ଼, ୮ ।୨(ସମିସ): ପାରିବାରିକ କଳହର କରୁଣ ପରିଣତି। ଜନ୍ମ କଲା ପୁଅକୁ ଛୁରି ଭୁସି ମାରିଦେଲା ବାପା। କଙ୍କଡ଼ାହାଡ଼ ଥାନା ମରୁଆବିଲ ପଞ୍ଚାୟତ କମ୍ପୁଲେଇ ଗ୍ରାମରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗ୍ରାମର ବିଭୂତି ସାହୁ (୫୫)ଙ୍କ ପୁଅ କ୍ଷୀରୋଦ ସାହୁ (୨୨)। ହତ୍ୟାକାଣ୍ଡ ଘଟାଇ ବିଭୂତି ଫେରାର୍ ହୋଇଯାଇଛନ୍ତି।



ପରିବାରଲୋକଙ୍କ କହିବାନୁଯାୟୀ, ଶନିବାର କୌଣସି କାରଣକୁ ନେଇ ବାପ-ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ବିଭୂତି ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିବା ସହ କ୍ଷୀରୋଦଙ୍କୁ ମାରିବା ପାଇଁ ଇଟା, ପଥର ପକାଇଥିଲେ। ଏ ସମ୍ପର୍କରେ କ୍ଷୀରୋଦ ରବିବାର ଅପରାହ୍ନ ୧ଟାରେ କଙ୍କଡ଼ାହାଡ଼ ଥାନାରେ ଲିଖିତ ଅଭିଯୋଗ କରି ଘରକୁ ଫେରିଥିଲେ। ଘରେ ପହଞ୍ଚିବା ମାତ୍ରେ ବିଭୂତି ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ପରିବାରଲୋକେ କ୍ଷୀରୋଦଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସର ଅବହେଳାରୁ କ୍ଷୀରୋଦଙ୍କ ମୃତ୍ୟୁ ହୋଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି।

ଅନ୍ୟପଟେ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା ପ୍ରମୁଖ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଶ୍ରୀ ବେହେରା କହିଛନ୍ତି, ଗତକାଲି କମ୍ପୁଲେଇ ଗ୍ରାମର ଜଣେ ମହିଳା ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ କରିଥିଲେ। ପୁଅକୁ ତା' ବାପା ଆକ୍ରମଣ କରୁଥିବା ସେ କହିଥିଲେ। ରାତି ପ୍ରାୟ ୧୧ଟାରେ ପୁଲିସ ଗାଁରେ ପହଞ୍ଚିଲା ବେଳକୁ ସମସ୍ତେ ଶୋଇ ପଡ଼ିଥିବାରୁ ପୁଲିସ ଫେରିଆସିଥିଲା। ଆଜି କ୍ଷୀରୋଦଙ୍କ ଅଭିଯୋଗ ଆଧାରରେ ଅପରାହ୍ଣରେ ମାମଲା ରୁଜୁ କରାଯାଇଛି। ତେବେ କ୍ଷୀରୋଦ ଥାନାରୁ ଯାଇ ଘରେ ପହଞ୍ଚିବା ପରେ ବାପା ହତ୍ୟା କରିଥିବା ଥାନା ଅଧିକାରୀ କହିଛନ୍ତି। ମୃତଦେହ ଏହି କାମାକ୍ଷାନଗର ଉପଖଣ୍ଡ ହସ୍ପିଟାଲରେ ଥିବା ବେଳେ ବ୍ୟବଚ୍ଛେଦ ହୋଇ ନ ଥିବା ପୁଲିସ ସୂଚନା ଦେଇଛି।

### ସୁପ୍ରିମକୋର୍ଟଙ୍କ ଅନ୍ତରୀଣ ଜାମିନ

# ଛତିଶଗଡ଼ ବିଧାୟକଙ୍କୁ ନିଜ ରାଜ୍ୟ ମନା

ମାଲକାନଗିରି, ୭ ।୨(ସମିସ): ଛତିଶଗଡ଼ର ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ତଥା ବର୍ତ୍ତମାନର କୋଣ୍ଟା ବିଧାୟକ କବାସୀ ଲଖମାଙ୍କୁ ଛତିଶଗଡ଼ରେ ପ୍ରବେଶ ବାରଣ। ମଦ ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡ଼ିଥିବା ଲଖମାଙ୍କ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ସହ ଏହି ସର୍ତ୍ତ ରଖିଛନ୍ତି। ତେଣୁ, ଲାଖମା ପଡ଼ୋଶୀ ରାଜ୍ୟ ଓଡ଼ିଶାର ମାଲକାନଗିରି ଜିଲ୍ଲାକୁ ନିଜର ରହଣିସ୍ଥଳ ଭାବେ ବାଛି ନେଇଛନ୍ତି। ଗତକାଲି ଲାଖମା ମାଲକାନଗିରିରେ ପହଞ୍ଚିବା ପରେ ଜିଲ୍ଲା କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସର୍ବୋଚ୍ଚ ଅଦାଲତଙ୍କ ନିୟମ ପାଳନ କରିବା ସହ ଆଇନକୁ ସମ୍ମାନ ଜଣାଇ ସେ ଛତିଶଗଡ଼ରେ ନରହି ମାଲକାନଗିରିରେ ରହିବେ ବୋଲି କହିଥିଲେ। ଏହି ଅବସରରେ ସେ ବିଜେପି ସରକାର ଉପରେ ବର୍ଷିଥିଲେ। ସେ କହିଥିଲେ ଯେ ବିଜେପି ସରକାର



**ମାଲକାନଗିରିରେ ରହିବେ କବାସୀ ଲଖମା**

ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରି ତାଙ୍କୁ ୧୩ ମାସ ଅଯଥାରେ ଜେଲ୍‌ରେ ରଖିଥିଲା। କିନ୍ତୁ ତାଙ୍କୁ ବଦ୍‌ନାମ କରିବା ପାଇଁ ବିଜେପିର ସବୁ ଉଦ୍ୟମ ବିଫଳ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସେ ମାଲକାନଗିରି ଜିଲ୍ଲା କଂଗ୍ରେସ ସହ ମିଶି କାର୍ଯ୍ୟ କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ୪ ତାରିଖରେ ସୁପ୍ରିମ୍‌କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି।

### ଚୌଦ୍ୱାର ଜେଲ୍‌ରେ କଏଦୀଙ୍କ ଗହଣା ଗାଏବ

# ଜେଲ୍ ଅଧୀକ୍ଷକଙ୍କ ବିରୋଧରେ ସଂଗୀନ ଅଭିଯୋଗ

ଚୌଦ୍ୱାର,୮।୨(ସମିସ): ଓଡ଼ିଶାର ସବୁଠାରୁ ବଡ଼ କାରାଗାର କୁହାଯାଉଥିବା ଚୌଦ୍ୱାର ମଣ୍ଡଳ କାରାଗାର ଏବେ ଅପରାଧୀଙ୍କ ପାଇଁ ନୁହେଁ, ବରଂ ନିଜ ପରିସରରେ ଘଟୁଥିବା ଅନିୟମିତତା ଓ ଅଧିକାରୀଙ୍କ ମଧ୍ୟରେ ଚାଲିଥିବା ବିବାଦ ପାଇଁ ଚର୍ଚ୍ଚାର ଶିରୋନାମା ପାଲଟିଛି। କେତେବେଳେ କଏଦୀର ଆତ୍ମହତ୍ୟା ତ ପୁଣି କେତେବେଳେ ସୁଉଚ୍ଚ ପାଚେରୀ ଡେଇଁ କଏଦୀ ଫେରାର ହେବା ଭଳି ଘଟଣା ଜେଲ୍ ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏବେ ଜଣେ ମହିଳା ବନ୍ଦୀଙ୍କ ସୁନା ଗହଣା ଗାଏବ ହୋଇଯିବା ଘଟଣା ଜେଲରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଜେଲ୍ ଭିତରେ ସିସିଟିଭି କ୍ୟାମେରା ସମ୍ମୁଖରେ ଜମା ରଖାଯାଇଥିବା ଗହଣା କୁଆଡ଼େ ଗଲା, ସେନେଇ ଜେଲ୍ ଅଧିକାରୀଙ୍କ ପାଖରେ କୌଣସି ସନ୍ତୋଷଜନକ ଉତ୍ତର ନ ଥିବା ବେଳେ ଏବେ ଅଧିକ୍ଷକ ଓ ଜେଲରଙ୍କ ମଧ୍ୟରେ ଆରମ୍ଭ ହୋଇଛି ଶୀତଳ ଯୁଦ୍ଧ।

ଘଟଣାରୁ ପ୍ରକାଶ ଯେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ଇତିଶ୍ରୀ ମହାନ୍ତି ନାମକ ଜଣେ ମହିଳା ଗତ ୨୦୨୫ ସେପ୍ଟେମ୍ବର ମାସରେ ଗିରଫ ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ଜେଲରେ ପ୍ରବେଶ ସମୟରେ ନିୟମ ଅନୁଯାୟୀ ସେ ପିନ୍ଧିଥିବା ପ୍ରାୟ ୧୧ ଗ୍ରାମରୁ ଅଧିକ ଓଜନର ସୁନା କାନଫୁଲ, ମୁଦି ଓ ନାକଗୁଣାକୁ ଜେଲ୍ କର୍ମଚାରୀମାନେ ସିସିଟିଭି ସମ୍ମୁଖରେ ଜବତ କରି ଏକ ଖାମରେ ରଖିଥିଲେ। ଇତିଶ୍ରୀ ଦୀର୍ଘ ୩ ମାସ ଜେଲରେ ରହିବା ପରେ ଜାମିନ ପାଇ ମୁକୁଳିବା ସମୟରେ ଯେତେବେଳେ ନିଜର ଗହଣା ମାଗିଥିଲେ, ସେତେବେଳେ ଜେଲ୍ କର୍ତ୍ତୃପକ୍ଷ ଗହଣା ମିଳୁ ନ ଥିବା କହି ତାଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରାଇ ଶେଷରେ ଫେରାଇ ଦେଇଥିଲେ। ଏହି ଘଟଣା ପରେ ଇତିଶ୍ରୀ ବାରମ୍ବାର ଜେଲକୁ ଦୌଡ଼ିଥିଲେ ହେଁ ତାଙ୍କୁ କେବଳ ପ୍ରତିଶ୍ରୁତି ମିଳିଥିଲା, କିନ୍ତୁ ନିଜର କଷ୍ଟଅର୍ଜିତ ସୁନା ଗହଣା ଫେରି ପାଇ ନ ଥିଲେ। ଏହି ସମଗ୍ର ଘଟଣାରେ ଜେଲ୍ ଅଧିକ୍ଷକ ସୁଜିତ ରାଉଳଙ୍କ ଭୂମିକାକୁ ନେଇ ଏବେ ଗମ୍ଭୀର ଅଭିଯୋଗ ଉଠିଛି। ଇତିଶ୍ରୀଙ୍କ ଦାବି ଅନୁଯାୟୀ, ଗହଣା ଫେରାଇବା ପରିବର୍ତ୍ତେ ଅଧିକ୍ଷକ ତାଙ୍କୁ ପୂର୍ବତନ ଜେଲର୍ ସନ୍ତୋଷିନୀ ଦାସଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିବାକୁ ପ୍ରବର୍ତ୍ତାଇଥିଲେ। ଯଦି ସେ ପୂର୍ବତନ ଜେଲରଙ୍କ ନାମରେ ଏତଲା ଦିଅନ୍ତି, ତେବେ ତାଙ୍କୁ କିଛି ଆର୍ଥିକ ସହାୟତା ମଧ୍ୟ ମିଳିବ ବୋଲି ପ୍ରଲୋଭନ ଦେଇଥିଲେ। ଏହି ଘଟଣା ଜେଲ୍ ପ୍ରଶାସନ ଭିତରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇ ଦେଇଛି। ଜଣେ ଉଚ୍ଚପଦସ୍ଥ ଅଧିକାରୀ କିଭଳି ନିଜ ସହକର୍ମୀଙ୍କୁ ଫସାଇବା ପାଇଁ ଜଣେ ସାଧାରଣ ମହିଳାଙ୍କୁ ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି, ତାହାକୁ ନେଇ ଚୌଦ୍ୱାର ଥାନାରେ ଇତିଶ୍ରୀ ଲିଖିତ ଏତଲା ଦେଇଛନ୍ତି।

ଅନ୍ୟପକ୍ଷରେ, ଅଧିକ୍ଷକ ଶ୍ରୀ ରାଉଳ ଏହି ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଗହଣା ହଜିବା ଏକ ସତ୍ୟ ଘଟଣା ହୋଇଥିଲେ ହେଁ ଏଥିପାଇଁ ପୂର୍ବତନ ଜେଲର ଦାୟୀ। ଜେଲ୍ ମାନୁଆଲ ଅନୁଯାୟୀ ବନ୍ଦୀମାନଙ୍କ ମୂଲ୍ୟବାନ ସମ୍ପତ୍ତିର ଦାୟିତ୍ୱ କେବଳ ଜେଲରଙ୍କର ଥାଏ ଏବଂ ବଦଳି ସମୟରେ ପୂର୍ବତନ ଜେଲର ଏହି ଗହଣାକୁ ରେଜିଷ୍ଟରରେ ହସ୍ତାନ୍ତର କରିନାହାନ୍ତି।

### +୨ ପରୀକ୍ଷା ପ୍ରସ୍ତୁତି

# କପି ରୋକିବାକୁ ଛାତ୍ରଛାତ୍ରୀଙ୍କ ହେବ 'ବଡି ଫ୍ରିସ୍କିଂ'

ଭୁବନେଶ୍ୱର, ୮ ।୨(ସମିସ): +୨ ପରୀକ୍ଷାରେ କପିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ କଡ଼ାକଡ଼ି ଯାଞ୍ଚ କରାଯିବ। ପ୍ରବେଶପଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯିବ। କପି ଓ ଇଲେକଟ୍ରୋନିକ୍ସ ସାମଗ୍ରୀ ଯେପରି ପରୀକ୍ଷା କେନ୍ଦ୍ର ବା ହଲ୍ ଭିତରକୁ କେହି ନେଇ ନ ପାରିବେ, ସେଥିପାଇଁ ଶରୀର ଯାଞ୍ଚ ବା ବଡି ଫ୍ରିସ୍କିଂ କରାଯିବ। ଛାତ୍ରୀମାନଙ୍କୁ ସ୍ୱତନ୍ତ୍ର କୋଠରିରେ ବା କପଡ଼ାରେ ତିଆରି କକ୍ଷରେ କେବଳ ମହିଳା ପରୀକ୍ଷା ନିରୀକ୍ଷକ ଯାଞ୍ଚ କରିବେ। ଯାଞ୍ଚ ସମୟରେ ପରୀକ୍ଷାର୍ଥୀମାନେ ଏକା ସମୟରେ ଆସିଲେ ମଧ୍ୟ କାହା ପ୍ରତି କୋହଳ ମନୋଭାବ ପୋଷଣ କରାଯିବ ନାହିଁ। ମୋବାଇଲ୍ ଓ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀ ରୋକିବା ପାଇଁ ଦୁଇସ୍ତରୀୟ ଯାଞ୍ଚ କରାଯିବ। ପରୀକ୍ଷା ଆରମ୍ଭର ଅଧଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍‌କୁ ପ୍ରବେଶ କରିବେ। ୧୫ମିନିଟ୍ ପୂର୍ବରୁ ନିଜ ସିଟ୍‌ରେ ବସିବେ। ପରୀକ୍ଷା ସହ ଜଡ଼ିତ ନଥିବା ବ୍ୟକ୍ତି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶନାମା ଜାରି ହୋଇଛି।

ଅନୁରୂପ ଭାବେ, ପରୀକ୍ଷା ସମୟରେ ସୁରକ୍ଷା ପାଇଁ ବ୍ୟାପକ ପୁଲିସ୍ ମୁତୟନ ହେବେ। ହବ୍‌ରେ ପ୍ରଶ୍ନପତ୍ର ସୁରକ୍ଷା ପାଇଁ ୨୪ ଘଣ୍ଟିଆ ବନ୍ଧୁକଧାରୀ ପୁଲିସ ରହିବେ। ସେହିପରି ହବ୍‌ରୁ ପ୍ରଶ୍ନପତ୍ର ବାହାରି ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ସମୟରେ ମଧ୍ୟ ପୁଲିସ କଡ଼ା ସୁରକ୍ଷା ପ୍ରଦାନ କରିବ। କେବଳ ହବ୍ ନୁହେଁ, ପରୀକ୍ଷା କେନ୍ଦ୍ରର ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୁଲିସ ମୁତୟନ

**■ ହବ୍ ଓ ପରୀକ୍ଷା କେନ୍ଦ୍ରରେ ପୁଲିସ ଦେବ କଡ଼ା ପହରା**
**■ ପରୀକ୍ଷା କେନ୍ଦ୍ରକୁ କେହି ନେଇ ପାରିବେନି ମୋବାଇଲ୍**
**■ ତଦାରଖ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ**

ହେବେ। ସେହିପରି, ଉତ୍ତରଖାତାକୁ ମଧ୍ୟ କଡ଼ା ସୁରକ୍ଷାରେ ମୂଲ୍ୟାଙ୍କନ କେନ୍ଦ୍ରରେ ପହଞ୍ଚାଇବେ। ଜିଲ୍ଲା ପ୍ରସାଶନ ପକ୍ଷରୁ ପରୀକ୍ଷା ପର୍ଯ୍ୟବେକ୍ଷଣ ଓ ତଦାରଖ ପାଇଁ ପ୍ରତିନିଧି ନିଯୁକ୍ତ ହେବେ। ଏହାସହ ହବ୍ ଓ ପରୀକ୍ଷା କେନ୍ଦ୍ର ମଧ୍ୟରେ ସମନ୍ୱୟ ରଖିବା ପାଇଁ ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ମୁଖ୍ୟ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ଦିନ ସକାଳ ସାଢ଼େ ୮ ସୁଦ୍ଧା ପ୍ରଶ୍ନପତ୍ର ପ୍ୟାକେଟ୍ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଜରୁରୀ ବୋଲି କୁହାଯାଇଛି।

ପରୀକ୍ଷା ଶେଷ ହେବା ପୂର୍ବରୁ ପ୍ରଶ୍ନପତ୍ର ଯେପରି ବାହାରକୁ ନ ଆସେ, ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ କେବଳ ପରୀକ୍ଷାର୍ଥୀ ନୁହନ୍ତି, କୌଣସି ଅଧିକାରୀ, ପର୍ଯ୍ୟବେକ୍ଷକ, ସ୍କ୍ୱାଡ୍ ସଦସ୍ୟ, ଜିଲ୍ଲା ପ୍ରଶାସନର କର୍ମଚାରୀ ମଧ୍ୟ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ନେବାକୁ ବାରଣ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପୂର୍ବରୁ ନିଜ ମୋବାଇଲ୍ ଫୋନ୍‌କୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରେ ଜମା କରିବେ କିମ୍ବା ନିଜ ଗାଡ଼ିରେ ରଖିବେ। ସୁପରିଣ୍ଟେଣ୍ଡେଣ୍ଟମାନେ ଜମା ହୋଇଥିବା ଫୋନ୍‌ର ତାଲିକା କରି ତାରିଖ ଅନୁସାରେ ରେକର୍ଡ ରଖିବାକୁ କୁହାଯାଇଛି। ସେହିପରି ପରୀକ୍ଷା ସରିବା ପୂର୍ବରୁ ପରୀକ୍ଷା କେନ୍ଦ୍ର ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ସାଙ୍ଗରେ ପ୍ରଶ୍ନପତ୍ର ବାହାରକୁ ନେବା ପାଇଁ ଅନୁମତି ଦିଆଯିବ ନାହିଁ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ସମ୍ପର୍କରେ ଶନିବାର ମୁଖ୍ୟ ସଚିବ ଅନୁ ଗର୍ଗ ସମୀକ୍ଷା କରିବା ସହ ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଏସବୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଚଳିତବର୍ଷ ସମୁଦାୟ ୪ ଲକ୍ଷ ୧୬ ହଜାର ୬୨୩ ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେବେ।

# ଦେଶର ୧୦୦ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭିତରେ ଗଞ୍ଜାମ

ବ୍ରହ୍ମପୁର/ଛତ୍ରପୁର, ୮।୨(ସମିସ): ସଡ଼କ ଦୁର୍ଘଟଣାରେ ଗଞ୍ଜାମ ଏକ ଅଲୋଡ଼ା ରେକର୍ଡ କରିଛି। ଦେଶର ୧୦୦ ଦୁର୍ଘଟଣାପ୍ରବଣ ଜିଲ୍ଲା ଭିତରେ ଗଞ୍ଜାମ ସ୍ଥାନ ପାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ଏହି ତଥ୍ୟ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ତଥ୍ୟ ଅନୁଯାୟୀ, କେବଳ ୨୦୨୫ ମସିହାରେ ଗଞ୍ଜାମ





ଜିଲ୍ଲାରେ ଘଟିଥିବା ମୋଟ ୯୨୫ଟି ସଡ଼କ ଦୁର୍ଘଟଣାରେ ୪୬୮ ଜଣଙ୍କ ଜୀବନ ଯାଇଛି। ସେହିପରି ୫୧୪ ଜଣ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତି ଦୁର୍ଘଟଣା ସମୟରେ ହେଲମେଟ୍ ପିନ୍ଧି ନଥିଲେ ବୋଲି ସେଥିରେ ଉଲ୍ଲେଖ ରହିଛି। ଦେଶରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ସୁପ୍ରିମ୍‌କୋର୍ଟଙ୍କଠାରୁ ଆରମ୍ଭ କରି ରାଜ୍ୟଗୁଡ଼ିକ ବିଭିନ୍ନ ପଦକ୍ଷେପ ନେଉଥିଲେ ହେଁ ମୃତକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ଅପରପକ୍ଷେ, ଏହି ପରିସଂଖ୍ୟାନକୁ ନେଇ ଜିଲ୍ଲା ପ୍ରଶାସନର ମୁଣ୍ଡବିନ୍ଧା ଆରମ୍ଭ ହୋଇଛି। ଏହାକୁ ଗୁରୁତ୍ୱର ସହ ନେଇ ସଡ଼କ ସୁରକ୍ଷା ନିୟମର କଠୋର୍ ପାଳନ ପାଇଁ ଗଞ୍ଜାମ ଜିଲ୍ଲାର ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି

**■ ୨୦୨୫ରେ ୯୨୫ଦୁର୍ଘଟଣା ନେଇଛି ୪୬୮ ଜୀବନ**
**■ ନିୟମ ଅନୁପାଳନ ପାଇଁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ**

ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ।

ଏକ ପତ୍ର ମାଧ୍ୟମରେ ସେ ଜଣାଇଛନ୍ତି ଯେ ଜିଲ୍ଲାର ଲୋକଙ୍କ କଲ୍ୟାଣ ପାଇଁ ସଡ଼କ ସୁରକ୍ଷା ପରି ମୌଳିକ ବିଷୟରେ ପ୍ରଥମେ ଆମେ ନିଜେ ଉଦାହରଣ ସୃଷ୍ଟି କରିବା ଆମର ନୈତିକ ଓ ପ୍ରଶାସନିକ ଦାୟିତ୍ୱ। ଏଣୁ କର୍ମଚାରୀମାନେ ଦୁଇଚକିଆ ଯାନରେ ଯାତ୍ରା କରୁଥିବା ବେଳେ ନିଜେ ଏବଂ ଆପଣଙ୍କ ସହଯାତ୍ରୀ ହେଲମେଟ୍ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଚାରିଚକିଆ ଯାନ ଚଳାଇବା କିମ୍ବା ଯାତ୍ରା କରିବା ସମୟରେ ସିଟ୍‌ବେଲ୍ଟ ବାନ୍ଧନ୍ତୁ। ଗତିସୀମା, ଟ୍ରାଫିକ୍ ସିଗ୍ନାଲ୍ ଓ ସମସ୍ତ ସଡ଼କ ସୁରକ୍ଷା ନିୟମକୁ ଅନୁପାଳନ କରନ୍ତୁ। ଆପଣଙ୍କ ପରିବାର, ବନ୍ଧୁବର୍ଗ ଓ ସମୁଦାୟକୁ ପ୍ରତିଦିନ ସୁରକ୍ଷିତ ଯାତ୍ରା ଅବଲମ୍ବନ କରିବାକୁ ପ୍ରେରିତ କରନ୍ତୁ। ଏହା କେବଳ ନିୟମ ପାଳନର ପ୍ରସଙ୍ଗ ନୁହେଁ; ଏହା ଜୀବନ ସୁରକ୍ଷାର ପ୍ରଶ୍ନ। ସଡ଼କ ସୁରକ୍ଷା ସମ୍ପର୍କିତ ନିୟମାବଳୀର ଉଲଂଘନ କଲେ, ମୋଟର ଯାନ ଆଇନ ଅନୁସାରେ ଜରିମାନା, ଦଣ୍ଡ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଓ ଅନ୍ୟାନ୍ୟ ବୈଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ବିଭାଗ ମୁଖ୍ୟମାନେ ନିଜନିଜ କାର୍ଯ୍ୟାଳୟ ପରିସରରେ ଉକ୍ତ ନିର୍ଦ୍ଦେଶାବଳୀକୁ କଠୋରତାର ସହ ପାଳନ କରିବେ। ପ୍ରବେଶଦ୍ୱାର ଏବଂ ପାର୍କିଂସ୍ଥଳୀର ସିସିଟିଭି ରେକର୍ଡିଂଗୁଡ଼ିକୁ ସଂରକ୍ଷିତ ରଖିବେ। ଏଥିଦ୍ୱାରା ସମସ୍ତେ ସଚେତନ ହେବେ ଓ ଦୁର୍ଘଟଣା ଏଡ଼ାଇଯିବ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

### ଆଦିବାସୀ ପଡ଼ାକୁ ଅପହଞ୍ଚ ମୌଳିକ ସୁବିଧା

# ସଡ଼କ ଓ ପୋଲ ନିର୍ମାଣ ଦାବି; ବିଜୁଳି ଆଲୁଅ ସପନ

**ଥୁଆମୂଳ ରାମପୁର, ୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ସିଲେଟ ପଞ୍ଚାୟତ ଅଧୀନସ୍ଥ ଝାଞ୍ଜି ଗାଁରେ ରହିଛି ଅନେକ ସମସ୍ୟା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଓ ବିଦ୍ୟୁତ୍ ଅନେକ ସୁବିଧା ଏଠାକାର ଲୋକଙ୍କ ପାଇଁ ସାତସପନ ହୋଇପଡ଼ିଛି। ପ୍ରାୟ ୨୨ ଘର ଆଦିବାସୀ ପରିବାର ବସବାସ କରୁଥିବା ଏହି ଗାଁକୁ ଗମନାଗମନ ପାଇଁ ସବୁଦିନିଆ ଭଲ ରାସ୍ତା ଖଣ୍ଡେ ନାହିଁ। ପଞ୍ଚାୟତ ମୁଖ୍ୟାଳୟଠାରୁ ୪ କିମି ବଣ ପାହାଡ଼ର ଦୁର୍ଗମ ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଏହି ରାସ୍ତାକୁ ପ୍ରତିରୋଧ କରି ପ୍ରବାହିତ ହେଉଛି ଚିରସ୍ରୋତା ନଦୀ 'ନାଗାବଳୀ'। ଯାହା ଏଇ ଇଲାକାର ମଣିଷଙ୍କ ପାଇଁ ଭୟଙ୍କର ସମସ୍ୟା। ପୋଲ ଖଣ୍ଡେ ନିର୍ମାଣ ହୋଇ ନ ଥିବା ଯୋଗୁଁ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବର୍ଷାଦିନେ ସ୍ଥିତି ଭୟଙ୍କର ହୋଇପଡ଼ିଥାଏ। ଯେତେ ଜରୁରୀ କାମ ହେଉନା କାହିଁକି ଭଗବାନଙ୍କୁ ଭରସା ଛଡା ସେମାନଙ୍କ ପାଇଁ ଆଉ ଅନ୍ୟ ଉପାୟ ନାହିଁ। ବର୍ଷା ୪ ମାସ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଥାଏ। ନା ଅଛି ବିଦ୍ୟାଳୟ ନା ଅଙ୍ଗନବାଡି କେନ୍ଦ୍ର। ଫଳରେ ଶିକ୍ଷା ଠୁ ବହୁ



ଦୂରରେ ଏଠିକାର କୋମଳମତୀ ଆଦିବାସୀ ଛୁଆ। ସେହିପରି ରାସ୍ତା ନାହିଁ ବୋଲି ଗର୍ଭବତୀ ମହିଳା ଏବଂ ରୋଗୀଙ୍କୁ ଖଟିଆରେ ବୋହି ଏଇ ରାସ୍ତା ଦେଇ ୫ କିଲୋମିଟର ଦୂର ପଞ୍ଚାୟତ ମୁଖ୍ୟାଳୟଠାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ପାଖକୁ ନେଉଥିବା କଥା କହନ୍ତି ଅଞ୍ଚଳବାସୀ। ବର୍ଷାଦିନେ ତ ସ୍ଥିତି ଅସମ୍ଭାଳ ହୋଇ ପଡ଼ିଥାଏ। ଚିକିତ୍ସା ଅଭାବ କାରଣରୁ ରୋଗୀର ଜୀବନ ଛଟପଟ ହେଉଥିଲେ ମଧ୍ୟ ଏଠାରେ ସ୍ୱାସ୍ଥ୍ୟସେବା ବା ପହଞ୍ଚିବ କିପରି। ଗମନାଗମନର ଏଭଳି ସ୍ଥିତି ଯୋଗୁଁ ଝାଞ୍ଜି ସମେତ ଦୁରବେଲଗୁଡା ଏବଂ କେଲୁଆ ବାସୀଙ୍କ ପାଇଁ ମଧ୍ୟ ସମସ୍ୟା ଅନୁରୂପ। ସାଧାରଣ ନିର୍ବାଚନ ସମୟରେ ମତଦାନ ପାଇଁ ନାକୁରୁଣ୍ଡି ପଞ୍ଚାୟତର ମୋହନଗିରି ମତଦାନ କେନ୍ଦ୍ରକୁ ଯିବାକୁ ପଡ଼ିଥାଏ। ଯାହା ସିଲେଟ ଗାଁକୁ ହେଇ ପ୍ରାୟ ୧୫ କିଲୋମିଟରରୁ ଅଧିକ। ଯଦି ପାଦଚଲା ବାଟରେ ଗଲେ ବଣପାହାଡର ଘଞ୍ଚ ଜଙ୍ଗଲ ଦେଇ ୮ କିମି ଯିବାକୁ ପଡ଼ିଥାଏ। ସେହିପରି ପିଡିଏସ୍ ଚାଉଳ, ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା, ଭିନ୍ନକ୍ଷମଙ୍କ ଭତ୍ତା ଏବଂ ଯେ କୌଣସି ଜରୁରୀକାଳୀନ ଜିନିଷପତ୍ର ଆଣିଯିବା ମଧ୍ୟ ସମ୍ଭବ ହୋଇନଥାଏ। ଗାଁରେ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ। ଦୂଷିତ ଝରଣା ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଗାଁକୁ ପହଞ୍ଚି ପାରିନି ବିଦ୍ୟୁତ ଆଲୁଅ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଗାଁର ପ୍ରତ୍ୟେକ ଘରକୁ ସୌର ଆଲୁଅ ବ୍ୟବସ୍ଥା କରାଯାଇଛି। ହେଲେ ସେଇ ସୌର ଆଲୁଅର ସରଞ୍ଜାମ ମରାମତି ଅଭାବରୁ ଜଳୁନଥିବା ବେଳେ ସଞ୍ଜ ଆସିଲେ ଅନ୍ଧାରୀ ଇଲାକା ପାଲଟିଯାଏ ଗାଁ। କେବଳ ଦୁରବେଲଗୁଡ଼ା ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ଅତି ନିକଟରେ ଥିବା ଝାଞ୍ଜି ଗାଁକୁ କାହିଁକି ବିଦ୍ୟୁତ ସମ୍ପ୍ରସାରଣ କାହିଁକି କରାନଗଲା ତାହା ବଡ ପ୍ରଶ୍ନ। ସରକାର ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ଓ ପୋଲ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କଲେ ଏହି ଦୁର୍ଗମ ଇଲାକାର ଅସହାୟ ଲୋକଙ୍କ ବଡ଼ ଉପକାର ହେବ। ପ୍ରଶାସନକୁ ଏଥିପ୍ରତି ଶୀଘ୍ର ଧ୍ୟାନ ଦେଇ ମୌଳିକ ସୁବିଧା ପ୍ରଦାନ କରିବାକୁ ସାଧାରଣରେ ଦାବି କରୁଛନ୍ତି।

### ପ୍ରଶାସନର ଦୃଷ୍ଟି ଆଢୁଆଳରେ କଲମପୁର କଲ୍ୟାଣ ମଣ୍ଡପ

# ନାକଟେକୁଛନ୍ତି ଜନ ସାଧାରଣ

**କଲମପୁର, ୮ ।୨ (ସମିସ):** ପୂର୍ବତନ ରାଜ୍ୟ ସରକାର ଜନସାଧାରଣଙ୍କ ନିମନ୍ତେ ବିଭିନ୍ନ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମିତ କରି ଦେଇଛନ୍ତି, ଏଥିରେ ସଭାସମିତି ବିବାହ ବ୍ରତ ଆଦି କାର୍ଯ୍ୟ କରିବା ପାଇଁ ସହାୟକ ହେବ ବୋଲି ପରିକଳ୍ପନା କରାଯାଇଥିଲା। ଏ ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା କଲମପୁର ସଦରମହକୁମାରେ ମଧ୍ୟ ଏକ କଲ୍ୟାଣ ମଣ୍ଡପ ନିର୍ମିତ ହେଲା, କଲମପୁର ସଦରମହକୁମାରେ ସଭା ସମିତି ବିବାହ ବ୍ରତ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏହି କଲ୍ୟାଣ ମଣ୍ଡପ ନିର୍ମିତ ହେବାପରେ ଏଥିରେ ସଭା, ବିବାହ କରିବାରେ ବିଶେଷ ସହାୟକ ହେବ ବୋଲି କଲମପୁରବାସୀ ଆଶା ପୋଷଣ କରିଥିଲେ। କଲ୍ୟାଣ ମଣ୍ଡପ ଛାତ ପଡ଼ି ସମ୍ପୂର୍ଣ୍ଣ ହେଲା, ଲୋକେ କିଛି ଅର୍ଥ ଜମାକରି ଏହାକୁ ବ୍ୟବହାର କରିବା ମଧ୍ୟ ଆରମ୍ଭ କରିଦେଲେ, କିନ୍ତୁ ପରବର୍ତ୍ତୀ ସମୟରେ ଏଥିପ୍ରତି ଦୃଷ୍ଟି ଦିଆଗଲା ନାହିଁ। ବର୍ତ୍ତମାନ ଏହି କଲ୍ୟାଣ ମଣ୍ଡପ ଅସ୍ୱଚ୍ଛ ପରିବେଶରେ ଭରି ରହିଛି। ଏଥିରେ ପାନୀୟ ଜଳ ଓ ପାଚେରି ବ୍ୟବସ୍ଥା ନ ଥିବାରୁ କୁଡ଼କୁଡ଼ ଅଳିଆ ଆବର୍ଜନାରେ ଭରି ଚାଲିଛି, ଭିତରେ ଥିବା ପାଇଖାନା ଅବସ୍ଥା ନ କହିବା ଭଲ, ନାକଫଟା ଦୁର୍ଗନ୍ଧରେ ଭରି ଯାଇଛି ପ୍ରକୋଷ୍ଠ। ଭଡ଼ାଦେଇ ବ୍ଲକ ପ୍ରଶାସନ ଅର୍ଥ ଆଦାୟ କରି ନେଉଛି ସତ, ହେଲେ କାର୍ଯ୍ୟକ୍ରମ ପରିସମାପ୍ତି ପରେ ସଫାସୁତୁରା ଦାୟିତ୍ୱ ପ୍ରତି କୌଣସି ବ୍ୟବସ୍ଥା କରିନାହାନ୍ତି। ମହତ ଉଦ୍ଦେଶ୍ୟରେ ନିର୍ମିତ କଲ୍ୟାଣ ମଣ୍ଡପ ସକାଶେ ଖର୍ଚ୍ଚ କରିବାକୁ ନା ପ୍ରଶାସନ ନା ନିର୍ବାଚିତ ଜନ ପ୍ରତିନିଧି କାହାରି ମଧ୍ୟ ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଏଥିପ୍ରତି ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହେଉଛି।

# ଆଞ୍ଚଳିକ ଡମ୍ବ ସମାଜ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**କୋକସରା, ୮ ।୨(ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ରବିବାର କୋକସରା ଆଞ୍ଚଳିକ ଡମ୍ବସମାଜର ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଭବାନୀପାଟଣା ପୂର୍ବତନ ବିଧାୟକ ତଥା ଡମ୍ବ ସମାଜର ଜିଲ୍ଲା ସଭାପତି ଅନାମ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡମ୍ବ ସମାଜର ସାଧାରଣ ସମ୍ପାଦକ ପ୍ରଶାନ୍ତ ନାଏକ, କୋକସରା ପୂର୍ବତନ ବ୍ଲକ ଅଧ୍ୟକ୍ଷା ସଭ୍ୟାରାଣୀ ବାଗ, ଲଡୁଗାଁ ସରପଞ୍ଚ ନକୁଳ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡମ୍ବ ସମାଜର ଜିଲ୍ଲା ସଭାପତି ବିଧିବଦ୍ଧ ଭାବେ କୋକସରା ଆଞ୍ଚଳିକ ଡମ୍ବ ସମାଜର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସଭାପତି ମାର୍କଣ୍ଡ ବେମାଲ, କାର୍ଯ୍ୟକାରୀ ସଭାପତି ଗୋବର୍ଦ୍ଧନ ବାଗ, ସାଧାରଣ ସମ୍ପାଦକ ସତ୍ୟବାନ ପାଣିଗ୍ରାହୀ, ସମ୍ପାଦକ ଦଶରଥ ବାଗ, ମହିଳା ଶାଖା ସଭାନେତ୍ରୀ ରେଖାବତୀ ମହାନନ୍ଦ, ସମାଜ ସଂଗଠକ କିଶୋର ନାଏକ, ପବିତ୍ର ନିଆଲ, ଉପଦେଷ୍ଟା ଓ କାର୍ଯ୍ୟକାରୀ ସଭାପତି ଗରୁଡ଼ ବାଗ, ଗଜେନ୍ଦ୍ର ନାଗ, ବଳରାମ ବାଗ, ଭୁବନେଶ୍ୱର ଦୁର୍ଗା, କେଶବ ଚନ୍ଦ୍ର ନାଏକ, ଧବଳେ ନାଏକ ପ୍ରମୁଖଙ୍କ ନାମ ଘୋଷଣା କରିଥିଲେ। ପରେ ଜିଲ୍ଲା ସାଧାରଣ ସମ୍ପାଦକ ନୂତନ କର୍ମକର୍ତ୍ତାଙ୍କୁ ଶପଥ ଗ୍ରହଣ କରାଇଥିଲେ। ଏହି ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରବୀଣ ପାଣିଗ୍ରାହୀ, ପ୍ରଧାନୀ ବାଗ, ଟୁନା ବାଗ, ଦିଶାନ୍ତ ବେଶ୍ରା, ଫୁଲୋତୋଲା ଖମାରୀ ସହିତ ବିଭିନ୍ନସ୍ଥାନରୁ ସମାଜ ପ୍ରେମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗଜିନ୍ଦ୍ର ନାଗ ଓ ସତ୍ୟବାନ ପାଣିଗ୍ରାହୀ ପରିଚାଳନା କରିଥିଲେ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୮ ।୨(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର



ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଅଜୟ ମିଶ୍ର, ମୁଖ୍ୟବକ୍ତା ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଦଳାଇ, ଅନ୍ୟତମ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଗୁଣନିଧି ନାଏକ ଓ ଉପ କୁଳସଚିବ ମେଜର ଡ.ଜୟଦେବ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଅଧ୍ୟକ୍ଷ ଡ. ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା 'ଦୂର୍ବାର' ଲୋକାର୍ପିତ ହେବା ସହ ଗଣିତ ବିଭାଗର ମୁଖ୍ୟ ପ୍ରଦୀପ କୁମାର ପ୍ରଧାନଙ୍କ ସମ୍ପାଦିତ ଗଣିତ ପୁସ୍ତକ ରିଅଲ ଆନାଲିସିସ - ୨ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଟି ବିଭାଗର ଅଧ୍ୟାପିକା ଲିପ୍ସା ମହାରଣା ମଞ୍ଚ ପରିଚାଳନା କରିଥିଲେ। ଆଶିଷ ମହାପାତ୍ର, ଅଶୋକ ପାଢ଼ୀ ଏବଂ ଛାତ୍ରଛାତ୍ରୀ ସହାୟତା କରିଥିଲେ।

# ଆଜି ଉପମୁଖ୍ୟମନ୍ତ୍ରୀଙ୍କ କେସିଙ୍ଗା ଗସ୍ତ

**କେସିଙ୍ଗା, ୮ ।୨(ସମିସ):** ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସନ୍ତାକାଲି କେସିଙ୍ଗା ଗସ୍ତରେ ଆସି ବିଭିନ୍ନ ନବନିର୍ମିତ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସୋମୋବାର ସକାଳୁ ଉପମୁଖ୍ୟ ମନ୍ତ୍ରୀ ଭୁବନେଶ୍ୱରରୁ ବିମାନ ଯୋଗେ କେସିଙ୍ଗା ବ୍ଲକ ଉତ୍କେଲା ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ କେସିଙ୍ଗା ବ୍ଲକର ଗୁର୍ଜିମୁଣ୍ଡାରେ ଥିବା ଜିଲ୍ଲାର ପ୍ରମୁଖ ପୀଠ ମାଁ ଯୋଗମାୟା ପୀଠକୁ ଯାଇ ଆର୍ଶୀବାଦ ନେବେ। ଯୋଗମାୟା ପୀଠରୁ ଆସି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷିସାହା ସଂସ୍କୃତି ଭବନର ମୁଖ୍ୟମନ୍ତ୍ରୀ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା କେସିଙ୍ଗା ସିଟିଜନ ଫୋରମ୍ ର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରେ ଯୋଗଦେବେ। ପରେ ପରେ ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ରେ ନବନିର୍ମିତ ହଷ୍ଟେଲ ଉଦ୍‌ଘାଟନ କରିସାରିଲା ପରେ କେସିଙ୍ଗା ବ୍ଲକ କନ୍ଦେଶିର ଗ୍ରାମ ସ୍ଥିତ ମାଇନର ଇରିଗେଶନ ବିଭାଗ ପକ୍ଷରୁ ନିର୍ମିତ ଟୁରିଜମ ପୋଷ୍ଟକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

# ଅଶୋକ ପାଢ଼ୀ ବିଜେଡି ଉପ-ସଭାପତି ମନୋନୀତ

**କୋମନା, ୮।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଗ୍ରାମର ବିଶିଷ୍ଟ ରାଜନେତା ତଥା ସମାଜସେବୀ ଅଶୋକ ପାଢ଼ୀଙ୍କୁ ବିଜୁ ଜନତା ଦଳ (ବିଜେଡି) ରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କରାଯାଇଛି। ତାଙ୍କର ସାଙ୍ଗଠନିକ ଦକ୍ଷତା ଏବଂ ଦଳ ପ୍ରତି ନିଷ୍ଠାକୁ ଦୃଷ୍ଟିରେ ରଖି ତାଙ୍କୁ ବିଜେଡି ଉପ-ସଭାପତି ଭାବେ ଚୟନ କରାଯାଇଛି।ଅଶୋକ ପାଢ଼ୀଙ୍କୁ ଦଳର ସାଂଗଠନିକ



କାର୍ଯ୍ୟକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ଉପ-ସଭାପତି ଦାୟିତ୍ୱ ଦିଆଯାଇଛି। ଏହି ଖବର ପ୍ରଚାରିତ ହେବା ପରେ କୋମନା ଅଞ୍ଚଳର କର୍ମୀ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ସ୍ଥାନୀୟ ବିଜେଡି ନେତୃବୃନ୍ଦ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ନୂତନ ଦାୟିତ୍ୱ ପାଇବା ପରେ ଶ୍ରୀ ପାଢ଼ୀ ଦଳର ସୁପ୍ରିମୋଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳକୁ ଅଞ୍ଚଳରେ ଅଧିକ ଶକ୍ତିଶାଳୀ କରିବା ପାଇଁ ସଙ୍କଳ୍ପବଦ୍ଧ ବୋଲି ପ୍ରକାଶ କରିଛନ୍ତି।ତାଙ୍କର ଏହି ନିଯୁକ୍ତି ଦ୍ୱାରା କୋମନା ଅଞ୍ଚଳରେ ଦଳୀୟ ସଂଗଠନ ଆହୁରି ମଜବୁତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

### 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ବିଫଳ

# ସହସ୍ରାଧିକ ଚାରାର ଚିହ୍ନବର୍ଣ୍ଣ ନାହିଁ

**କଲମପୁର, ୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ 'ଏକ ପେଡ୍ ମା' କେ ନାମ' ଅଭିଯାନ କାର୍ଯ୍ୟକ୍ରମ ବିଫଳ ହୋଇଛି। ଏହି କାର୍ଯ୍ୟକ୍ରମ ୨୦୨୪ ରୁ ଆରମ୍ଭ ହୋଇଥିବାବେଳେ ଦିତୀୟ ପର୍ଯ୍ୟାୟ ୨୦୨୫ ଜୁନ୍ ମାସରେ ଆରମ୍ଭ ହୋଇଥିଲା। ଗତ ଜୁନ୍ ମାସ ୫ ରୁ ୮ ତାରିଖ ମଧ୍ୟରେ ଧାର୍ଯ୍ୟ ମୁତାବକ ଚାରାରୋପଣ ସକାଶେ ସରକାର ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରିଥିଲେ, ପ୍ରତି ପଞ୍ଚାୟତରେ ୧ ହଜାର ଗଛ ଲଗାଇବା ପାଇଁ ବନବିଭାଗ ଠାରୁ ଚାରା ଯୋଗାଇ ଦିଆଯାଇଥିଲା। ଏହି ହିସାବରେ କଲମପୁର ବ୍ଲକ ଅଞ୍ଚଳରେ ୧୧ଟି ପଞ୍ଚାୟତକୁ ୧୧ ହଜାର ଚାରାରୋପଣ ହେବାପାଇଁ ସ୍ଥିର ହୋଇଥିଲା। ଗଛ ଲଗାଇବା ସହିତ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ନିଜେ ନେବାକୁ କୁହାଯାଇଥିଲା, ବର୍ଷେ ନପୁରୁଣୁ ଏବେ ଗଛ ପୋତା ସ୍ଥାନରେ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ, କାଗଜପତ୍ର ଓ ଫଟୋ ସେସନରେ ଗଛ ପୋତା ଯାଇଥିବାରୁ ଏଭଳି ଅଭିଯୋଗ ଦୃଷ୍ଟିଗୋଚର ହୋଇଛି। ଏହି ଅଞ୍ଚଳରେ କୌଣସି ପଞ୍ଚାୟତରେ ମଧ୍ୟ ହଜାରେ ଗଛ ଲଗାଯାଇଥିବା ନଜିର ନାହିଁ, କେତେକ ପଞ୍ଚାୟତ କର୍ମଚାରୀ ଗଛ ଲଗାଇବା ପରିବର୍ତ୍ତେ ପଞ୍ଚାୟତ ସମ୍ମୁଖରେ ଚାରା ପକାଇ ରଖି ଦେଇଥିଲେ, କିଏ ଆସିଲା କିଏ ନେଲା କିଛି ଠିକ ଠିକଣା ରହିଲା ନାହିଁ। ଏହି କାର୍ଯ୍ୟକ୍ରମ ଏହି ଅଞ୍ଚଳରେ ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଅଞ୍ଚଳରେ ଲଗାଯାଇ ଥିବା ୧୧ହଜାର ଗଛ ମଧ୍ୟରେ ଏବେ ଶହେ ଗଛ ଖୋଜିଲେ ମଧ୍ୟ ଦେଖିବାକୁ ମିଳିବା ମୁସ୍କିଲ ହୋଇ ପଡ଼ିଛି। ଦାୟିତ୍ୱରେ ବ୍ୟକ୍ତି ବିଶେଷଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ମହଲରେ ମତ ପ୍ରକାଶ ପାଇଛି।

# ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଲେ ଯୋଗାଣ ଅଧିକାରୀ

**ସିନାପାଲି, ୮ ।୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ ନିଜର ମାନବିକତାର ପରିଚୟ ଦେଇ ଜଣେ ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଶନିବାର ରାତି ୧୧ଟା ସମୟରେ ସିନାପାଲି ଦେଇ କଳାହାଣ୍ଡିକୁ ସଂଯୋଗ କରିଥିବା ଫୋରୱେ ରାସ୍ତା ଉପରେ ଦୁର୍ଘଟଣା ହୋଇ ଜଣେ ଯୁବକ ପଡ଼ି ରହିଥିଲେ। ଯୋଗାଣ ଅଧିକାରୀ ସେହି ରାସ୍ତାରେ ଯାଉଥିବାବେଳେ ଯୁବକ ଜଣକ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହାପରେ ସେ ନିଜ ଗାଡ଼ିରେ ବସାଇ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକ ନେଇ ଚିକିତ୍ସା ଯୋଗାଇ ଥିଲେ। ଫଳରେ ଯୁବକଙ୍କ ଜୀବନ ବଞ୍ଚି ଯାଇଥିଲା। ଏଭଳି ମାନବିକତାର ପରିଚୟ ଦେଇ ପ୍ରଶଂସାର ପାତ୍ର ହୋଇ ପାରିଥିବା ବେଳେ ଏଭଳି କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଯୁବକ ଜଣକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ବର୍ତ୍ତମାନ ସୁସ୍ଥ ଥିବା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶ୍ରୀମାନ ସାହୁ ପ୍ରକାଶ କରିଛନ୍ତି।

# ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ବିଷୟରେ ସଚେତନତା ଶିବିର



**କେସିଙ୍ଗା, ୮ ।୨(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ କେସିଙ୍ଗା ବ୍ଲକ ଚାଞ୍ଚେର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ସଂକ୍ରାନ୍ତୀୟ ନିୟମ ବିଷୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପୋରୋକ୍ତ ନିୟମ ସମ୍ପର୍କରେ ଉପସ୍ଥିତ ଜନସାଧାରଣ ଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ସୌମ୍ୟ ରଞ୍ଜନ ମିଶ୍ର, ଟ୍ରାଫିକ ଇନ୍ସପେକ୍ଟର ଭବାନୀପାଟଣା ମିଥୁନ ପ୍ରଧାନ, ଉତ୍କେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ଦୁର୍ଗା ଙ୍କ ସମେତ ଅଦାଲତ, ପଞ୍ଚାୟତ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟିଲଗ୍ନା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସାହିତ୍ୟ ସମାବେଶ




**କୋମନା, ୮ ।୨ (ସମିସ):** ମାଲକାନଗିରି ଜିଲ୍ଲାର ସାହିତ୍ୟ ଅନୁଷ୍ଠାନ ମାଟିଲଗ୍ନା ସାହିତ୍ୟ ସଂସଦ ପକ୍ଷରୁ ନୂଆପଡ଼ା ଜିଲ୍ଲା ଉଦ୍ୟାନବନ୍ଦସ୍ଥିତ ପଞ୍ଚାୟତ ହାଇସ୍କୁଲଠାରେ ରାଜ୍ୟସ୍ତରୀୟ ବାର୍ଷିକ ସାହିତ୍ୟ ସମାବେଶ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମାଟିଲଗ୍ନା ସାହିତ୍ୟ ସଂସଦର ଉପଦେଷ୍ଟା କିଶୋର ଚନ୍ଦ୍ର ତ୍ରିପାଠୀ ସ୍ୱାଗତଭାଷଣ ଦେଇଥିବାବେଳେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର କୁମାର ଦୁରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। କିଶୋର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଉପନିବନ୍ଧକ ତଥା ବରିଷ୍ଠ ସାହିତ୍ୟିକା ମମତା ଦାସ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତି, ଜିଲ୍ଲାବିଜ୍ଞାନ ପରିଦର୍ଶକ ଗିରିଧାରୀ ସା, ମୁଖ୍ୟ ଉପଦେଷ୍ଟା ନୁରାବତୀ ସାହୁ, ପରିଚାଳକ ନରସିଂହ ପ୍ରସାଦ ନାଏକ ପ୍ରମୁଖ ଯୋଗଦେଇ ଥିଲେ। ରାଜ୍ୟ ସଂଯୋଜକ ମନୋରଞ୍ଜନ ଚାନ୍ଦ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଯାହାର ପରିକଳ୍ପନା ବରିଷ୍ଠ ସାହିତ୍ୟକ ସୁଶାନ୍ତ କୁମାର ମୁଣ୍ଡ ପୃଷ୍ଟି କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବି ଓ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସ୍ୱର୍ଣ୍ଣକାନ୍ତି ପତି, ସତ୍ୟବତୀ ଜେନା, ଅନ୍ନିମା ଚକ୍ରବର୍ତ୍ତୀ, ସୌଭାଗ୍ୟ ଦାସ ଏବଂ ଖଗେଶ୍ୱର ବାଗ ପ୍ରମୁଖ ନିଜର କବିତା ମାଧ୍ୟମରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଭଗବାନ ସିଂ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କଣ୍ଟାପାଲି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ନୂଆପଡ଼ା/କୋମନା, ୮ ।୨(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ କଣ୍ଟାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାମ୍ବର ଭୋଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡିଏଭି କଲେଜ ଟିଟିଲାଗଡ଼ ଡ. ଶିବ ପ୍ରସାଦ ବେହେରା, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଜୋନ୍ ନ-୦୨ର ସଦସ୍ୟ ଅବନୀ ରଞ୍ଜନ ଯୋଷୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ, ସହକାରୀ ଜିଲ୍ଲାପାଳ କୁରୁକ୍ଷେତ୍ର ନାଏକ, କୋମନା ଗୋଷ୍ଠୀ ଶିକ୍ଷାଧିକାରୀ ଅନୀତା ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ତାଣ୍ଡି, ଜିଲ୍ଲା ସାମ୍ବାଦିକ ସଂଘ (ଜାନ) ସଭାପତି ଘନଶ୍ୟାମ ଭୋଇ, ବରିଷ୍ଠଶିକ୍ଷକ ତଥା ପୂର୍ବତନ ସିଆରସିସି ଶରତ କୁମାର ପଣ୍ଡା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନୂଆପଡ଼ା ସୁଶୀଲ କୁମାର ଶବର, ସରପଞ୍ଚ ଗଣ୍ଡାମେର ହୃଷିକେଶ ଶବର,





ସମିତି ସଭ୍ୟ ଗଣ୍ଡାମେର ପଞ୍ଚାୟତ କେଶବ ନିଆଲ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି କ୍ଷମାସାଗର ବିଭାର, ପୂର୍ବତନ ପ୍ରଧାନଶିକ୍ଷକ ଲବ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ଦେଶଭକ୍ତି ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ମନମୁଗ୍ଧ କରିଥିଲେ। ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସଫଳତା ହାସଲ କରିଥିବାରୁ ପୁରସ୍କାର ପ୍ରଦାନ କରାଗଲା। ସେମେଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶୋଭାକର ପ୍ରଧାନଙ୍କୁ ସୁବର୍ଣ୍ଣ ସାରସ୍ୱତ ସମ୍ମାନ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶୁକ୍ଳମୁଣ୍ଡି ଖେମଦାସଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ। ଅଞ୍ଜଳି ତାଣ୍ଡି ସହ ଶିକ୍ଷୟିତ୍ରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବାବୁପାଲି ଶିକ୍ଷାଜ୍ୟୋତି ସମ୍ମାନ। ଅନାଦି ନନ୍ଦନ ପଧାନ ପୂର୍ବତନ ଶିକ୍ଷକ ଉଚ୍ଚବିଦ୍ୟାଳୟ କଣ୍ଟାପାଲିଙ୍କୁ ବିଦାୟ ସମ୍ବର୍ଦ୍ଧନା, ଘନଶ୍ୟାମ ଭୋଇ ସାମ୍ବାଦିକଙ୍କୁ ସୁବର୍ଣ୍ଣ ଜନସଞ୍ଚାର ସମ୍ମାନ ଓ ଶରତଚନ୍ଦ୍ର ପଣ୍ଡାଙ୍କୁ ସୁବର୍ଣ୍ଣ ପ୍ରଜ୍ଞା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ମଧୁସୂଦନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବାବେଳେ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ପରିଚାଳନାରେ ଶିକ୍ଷୟିତ୍ରୀ ନିରୁପମା ଓ ଦୀପିକା, ସ୍ମୃତିସମ୍ପଦ ଶବର, ସୁଷ୍ମନ୍ତ ଶବର ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ସହ-ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

**ଚା’ ଦୋକାନ କର୍ମଚାରୀଙ୍କୁ ହତ୍ୟା ଘଟଣା**

# ନାବାଳକ ସମେତ ୫ ଗିରଫ

ରାଉରକେଲା, ୮।୨(ସମିସ)



ପ୍ଲାଣ୍ଟସାଇଟ୍ ଥାନା ଷ୍ଟେସନ୍‌ରୋଡ ସ୍ଥିତ ଅମର ଭବନ ନିକଟ ଶୌଚାଳୟଠାରେ ଚା’ ଦୋକାନ କର୍ମଚାରୀ ଅଭିନାଶ ଯାଦବ (୩୪)ଙ୍କୁ ସଂଘବଦ୍ଧ ହତ୍ୟା ଘଟଣାରେ ପୁଲିସ ନାବାଳକ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲି କୁଲି ଖଟାଲ ବସ୍ତିର ମୋହିତ ବାକ୍ସା (୧୯), ଟିମ୍ବର କଲୋନୀ ବୈଷ୍ଣଦେବୀ ମନ୍ଦିର ନିକଟର ରାଜଭିର ରାମ (୨୪), ବନ୍ଧମୁଣ୍ଡା ସେକ୍ଟର ସି/୯ର ସିଧୁ ତନ୍ତୀ ଓରଫ ବିଟୁ (୨୪) ଓ ଗୋପବନ୍ଧୁପାଲିର ଶୁଭମ୍ ପାସୱାନ (୧୯)। ସେମାନଙ୍କ ଠାରୁ ଗୋଟିଏ ଛୁରୀ, ୨ଟି କାର ଓ ୫ଟି ମୋବାଇଲ ଜବତ କରାଯାଇଛି। ରବିବାର ପୁଲିସ୍ ମୁଖ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନୀ ଏନେଇ ସୂଚନା ଦେଇଛନ୍ତି। ମୃତକ ଅଭିନାଶ ଗୋପବନ୍ଧୁପାଲି ବସ୍ତିରେ ରହୁଥିବା ବେଳେ ଷ୍ଟେସନ ନିକଟସ୍ଥ ଏକ ଚା ଦୋକାନରେ କାମ କରୁଥିଲେ। ଗତ ୬ ତାରିଖ ରାତି ପ୍ରାୟ ୯ଟା ୧୫ ମିନିଟ ସମୟରେ ଶୌଚ ହେବାକୁ ଶୌଚାଳୟକୁ ଯାଇଥିଲେ। ସେଠାରୁ ବାହାରିବା ବେଳେ ହଠାତ୍ ଅଭିଯୁକ୍ତମାନେ ଶୌଚାଳୟ ମୁଖ୍ୟ କବାଟ ନିକଟରେ ତାଙ୍କୁ ଅତର୍କିତ ଭାବେ ଛୁରୀରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କର ଛାତିରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ଜୋନ୍-୨ ଡିଏସପି ଜିତେନ କୁମାର ସେଠୀ, ଇନ୍‌ସପେକ୍ଟର ବିବସ୍ୱ ପ୍ରଧାନଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ତଦନ୍ତ ଆରମ୍ଭ ହେବାର ୨୪ ଘଣ୍ଟା ମଧ୍ୟରେ ଏସ୍‌ପି ଶ୍ରୀ ୱାଧୱାନୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଥିଲା। ହତ୍ୟାକାଣ୍ଡର କାରଣ ସମ୍ପର୍କରେ ସୂଚନା ଦେଇ ଏସପି ଶ୍ରୀ ୱାଧୱାନୀ କହିଛନ୍ତି, ଗତ ଗଣେଶ ପୂଜା ଭସାଣୀ ବେଳେ ମୃତକ ଅଭିନାଶ ସହ ଅଭିଯୁକ୍ତମାନଙ୍କର ବଚସା ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଅବିନାଶକୁ ହତ୍ୟା କରିଥିବା ଅଭିଯୁକ୍ତମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ବିଟୁ ନାଁରେ ପୂର୍ବରୁ ବ୍ରାହ୍ମଣୀ ତରଙ୍ଗ, ବନ୍ଧମୁଣ୍ଡା, ଲାଠିକଟା, ଝିରପାଣି, ସେକ୍ଟର -୩ ଥାନାରେ

- ପୂର୍ବ ଶତ୍ରୁତାରୁ ହୋଇଥିଲା ହତ୍ୟା
- କାର, ଛୁରୀ ଓ ମୋବାଇଲ ଜବତ

୩୬ଟି, ରାଜବିର ନାଁରେ ପ୍ଲାଣ୍ଟସାଇଟ୍, ସେକ୍ଟର -୩ ଥାନାରେ ୪ଟି ଓ ପ୍ଲାଣ୍ଟସାଇଟ୍ ଥାନାରେ ଶୁଭମ୍ ନାଁରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଆଗାମୀ ଦିନରେ ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କ ଉପସ୍ଥିତି ଜରୁରୀ ହେଲେ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି।

## ସୃଜନୀ ସାହିତ୍ୟ ସଂସଦର ବସନ୍ତ ମିଳନ



**ରାଉରକେଲା, ୮।୨(ସମିସ):** ସୃଜନୀ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ ଓ ବସନ୍ତ ମିଳନ ସାରନଗରୀ ସୋନା ଉଦ୍ୟାନଠାରେ ପାଳିତ ହୋଇଯାଇଛି। ସଭାପତି ସଚିନ୍ଦ୍ର କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ କବି ପଦ୍ମଲୋଚନ ମିଶ୍ର, ସରୋଜ କୁମାର ବେହେରା, ହରପ୍ରିୟା ସାମଲ, ସୁଧୀର କୁମାର ନାଥ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ଦେହୁରୀଆ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ସ୍ତମ୍ଭକାର ସ୍ୱର୍ଗତ ରବି କାନୁନଗୋଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଋତୁଭାବ ବସନ୍ତର ଆଗମନ, କୋଇଲିର କୁହୁତାନ, ଆମ୍ବ ବଉଳର ବାସ୍ନା ପୂର୍ବ ପରି ଆଉ ମଣିଷ ମନକୁ ବିମୋହିତ କରି ପାରୁ ନାହିଁ। ଗ୍ରୀଷ୍ମର ରୌଦ୍ର ତାପରେ ବସନ୍ତ ଲୁଚି ଯାଉଛି। ଋତୁ ଚକ୍ରର ପରିବର୍ତ୍ତନ ପାଇଁ ଅନେକାଂଶରେ ଆମେ ମାନେ ଦାୟୀ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ଲକ୍ଷ୍ମୀଧର ସ୍ୱାଇଁ, ତ୍ରିଲୋଚନ ସ୍ୱାଇଁ, ଜଗବନ୍ଧୁ ମହାନ୍ତି, ଅଶୋକ କୁମାର ସାମଲ, ବ୍ରଜ କିଶୋର ରାଉତ, ଏନ୍ ଏସ୍‌ପି ରାୟ, ରାମଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ହରପ୍ରିୟା ସାମଲଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ପଣ୍ଡା, ନାଗମଣି ମହାନ୍ତି, ଅନିତା ସ୍ୱାଇଁ, ଅନ୍ନପୂର୍ଣ୍ଣା ମହାନ୍ତି ସ୍ୱରଚିତ କବିତା ପାଠ କରିଥିଲେ। ବସନ୍ତ କୁମାର ଜେନା, ନାରଣ ରଣସିଂ, ରବୀନ୍ଦ୍ର ଜେନା, ବେଣୁଧର ମଲ୍ଲ, ଗୋପାଳ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। ଧ୍ରୁବ ଚରଣ ବିଶ୍ୱାଳ ସହଯୋଗ କରିଥିବା ବେଳେ ରାଜକିଶୋର ଜେନା ଧନ୍ୟବାଦ ଦେଇଥିଲେ।

**ଜାମବେର୍ଣ୍ଣା ନାବାଳିକା ମୃତ୍ୟୁ ଘଟଣା**

# ମୃତ ଛାତ୍ରୀଙ୍କ ପରିବାରଙ୍କୁ ଭେଟିଲା ବିଜେଡି ମହିଳା ସଂଗଠନ

**ରାଉରକେଲା, ୮।୨(ସମିସ):** ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ନୂଆଗାଁ ବ୍ଲକ୍ ବାଗଡ଼େଗା ପଞ୍ଚାୟତର ଜାମବେର୍ଣ୍ଣା ଗ୍ରାମର ନାବାଳିକା ମୃତ୍ୟୁ ଘଟଣାକୁ ନେଇ ପୀଡିତାଙ୍କ ଗାଁକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହିତ ରାଉରକେଲା ଏସ୍‌ପିଙ୍କୁ ବିରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ, ରାଉରକେଲା ସାଂଗଠନିକ ଜିଲ୍ଲାର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ନାରୀନେତ୍ରୀ ସନ୍ଧ୍ୟା ଲାକ୍ରାଙ୍କ ନେତୃତ୍ୱରେ ଏମ୍ମା ଏକ୍କା, ସୁଶୀଳା ଟୋପ୍ପୋ, ସୁମିତ୍ରା ଓରାମ, ନୂଆଗାଁ ବ୍ଲକ ସଭାପତି ପ୍ରକାଶ ସାହୁ, ବରିଷ୍ଠ ନେତା ପ୍ରଦୀପ ସାହୁ, ମୁନ୍ନା ଆଚାର୍ଯ୍ୟ, ହୁଲାସ ମାହାତୋ, ବିଜୟ ବାରିକ, ଯୁବନେତା ଦିଲୀପ ଲହେରି ଏବଂ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା ପ୍ରମୁଖ ସାକ୍ଷାତ କରି ଘଟଣାର ସଠିକ ତଦନ୍ତ କରିବା ସହ ପରିବାର ଲୋକଙ୍କୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି। ଏପରିକି ଛାତ୍ରୀଙ୍କ ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ହସ୍ପିଟାଲ କର୍ତ୍ତୃପକ୍ଷ ଯେଉଁଭଳି ଅବହେଳା କଲେ ସେ ଉପରେ ମଧ୍ୟ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ସେହିଭଳି ଝିରିପାଣି ସ୍ଥିତ ଲେଡିଲାୟନ ସଂଗଠନର ସଭାନେତ୍ରୀ ବନ୍ଦିତା ମାହାତ ଏବଂ ତାଙ୍କ ସଦସ୍ୟମାନେ ମଧ୍ୟ ପୀଡିତାଙ୍କ ଗାଁକୁ ଯାଇ ପରିବାର ଲୋକଙ୍କୁ ଭେଟି ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ରାଉରକେଲା ଏସ୍‌ପିଙ୍କୁ ସାକ୍ଷାତ କରି ସଠିକ ଦିଗରେ ଏଭଳି ସ୍ପର୍ଶ କାତର ଘଟଣାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।



## ଦୁଇ ବାଇକ ମୁହାଁମୁହିଁ ଧକ୍କା; ୩ ଗୁରୁତର

**କୁତ୍ରା, ୮।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ରାଜ୍ୟରାଜପଥରୁ ୫ ଶହ ମିଟର ଦୂର ଚୁନିପଡ଼ା ଯିବା ରାସ୍ତାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ବ୍ୟକ୍ତିମାନେ ହେଉଛନ୍ତି ସିଆଲଜୋର ଗ୍ରାମର ଅମିତ ନାଏକ (୨୪), ମଙ୍ଗଳପଡ଼ା ଗ୍ରାମର ବିକାଶ ଧନୁୱାର ଓ ରୋହିତ ଜଜୋ। ସୂଚନାନୁଯାୟୀ, ଅମିତ କୁତ୍ରାରୁ ନିଜ ଗ୍ରାମକୁ ବାଇକ (ଓଆର୧୪୬୨୯୮୦) ଯୋଗେ ଯାଉଥିବା ବେଳେ ସାମ୍ନାରୁ (ଓଡି୧୫ଡବ୍ଲୁ୮୩୦୮) ବାଇକରେ ବିକାଶ ଓ ରୋହିତ ଆସୁଥିଲେ। ଚୁନିପଡ଼ା ରାସ୍ତା ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତିନିଜଣ ବାଇକରୁ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ କୁତ୍ରା ମେଡିକାଲ ଓ ପରେ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

# ବିଜେଡିର ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ

**ଲହୁଣୀପଡ଼ା, ୮।୨(ସମିସ):** ବିଜେଡି ବଣାଇଁ ନିର୍ବାଚନ ମଣ୍ଡଳୀ ତରଫରୁ ଲହୁଣୀପଡ଼ା (କ) ଏବଂ କୋଇଡା (କ) ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ ବୈଠକ ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଲହୁଣୀପଡ଼ା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଉରକେଲା ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ବିଫଳତା, ମଣ୍ଡି ସମସ୍ୟା ଚଳିତ ବର୍ଷ ଚାଷୀଙ୍କ ଠାରୁ ଅଧିକ ଧାନ କଟନି ଛଟନି, ବାର୍ଦ୍ଧକ୍ୟ ଭତ୍ତା ନ ମିଳିବା, କାରଖାନାଗୁଡ଼ିକୁ ଛାଡ଼ି ସାଧାରଣ ଗାଡ଼ି ମାଲିକଙ୍କୁ ପଲ୍ୟୁସନ୍ ସାର୍ଟିଫିକେଟ ନାରେ ହଇରାଣ କରିବା ଉପରେ ଆଲୋକପାତ କରିଥିଲେ। ତୃଣମୂଳସ୍ତରରୁ କର୍ମୀମାନେ ସକ୍ରିୟ ରହି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏସ୍‌ଆଇଆର୍ ଉପରେ ଆଲୋଚନା କରାଯାଇ ବୁଥସ୍ତରରେ ସଜାଗ ରହି ନିଜ ଭୋଟରଙ୍କୁ ସୁରକ୍ଷା ଦେବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ କିପରି ରହିବ ଧ୍ୟାନ ଦେବାକୁ କହିଥିଲେ। ଏହି ବୈଠକରେ ଉଭୟ ଜୋନ୍‌ର ବୁଥସ୍ତରୀୟ ଏଜେଣ୍ଟ ଏବଂ ପଞ୍ଚାୟତସ୍ତରୀୟ ସଭାପତି, ନିର୍ବାଚିତ ପ୍ରତିନିଧି ଏବଂ ସକ୍ରୀୟ କର୍ମୀ ଯୋଗଦେବା ସହ ଦଳ କିପରି ତୃଣମୂଳସ୍ତରରୁ ମଜବୁତ୍ ହେବ ତା’ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କିସାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟା ଜୁଲିଆନ କାଣ୍ଡିର, ସୁଶୀଳା ନାୟକ, ପୂର୍ବତନ ଏସ୍‌ଡିସି ସଭ୍ୟ ପ୍ୟାର ବାର୍ଲା, ବଣାଇ ବ୍ଲକ ସଭାପତି ବାଣେଶ୍ୱର ସାହୁ ପ୍ରମୁଖ ମଞ୍ଚାସିନ ହେବା ସହ ଦଳର ବୁଥସ୍ତରୀୟ ଏଜେଣ୍ଟକୁ ନେଇ କିପରି ମଜବୁତ୍ ହେବା ତା’ ଉପରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସିଂରାୟ ମୁଣ୍ଡା, ମାଳତୀ କିସାନ, ସମିତି ସଭ୍ୟ ଅଶୋକ ବେହେରା, ଗୋପୀନାଥ ମୁଣ୍ଡାରି, ହରି ମହାନ୍ତ, କାନ୍ଦୁରୁ କିସାନ, ଟୁକୁ ଜଇଷ୍ୱାଲ୍, ଭରତ ମହାନ୍ତ, ସୁରେଶ କୁମ୍ଭାର, ଦ୍ରୋପଦି କିସାନ, ବୈକୁଣ୍ଠ ପାତ୍ର, ଧନେଶ୍ୱର ନାଏକ, ଭୁବନାନନ୍ଦ କିସାନ, ଗକୁଳ ବାରିକ, ସୁରେଶ ମୁଣ୍ଡା, ରତ୍ନାକର ମହାନ୍ତ, ସନ୍ତୋଷ ମହାନ୍ତ, ସୁରେଶ ମହନ୍ତ, ସୀତା କିସାନ ପ୍ରମୁଖ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦଳୀୟ ୨୦୦ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।




## ଏକ୍ସ-ରେ ଟେକ୍ନିସିଆନ୍ ବିଶ୍ୱଦେବଙ୍କ ପରଲୋକ

**ରାଉରକେଲା, ୮।୨(ସମିସ):** ରାଉରକେଲା ନିକଟସ୍ଥ ଜଗଦାଠାରେ ଥିବା ସିଡବ୍ଲୁଏସ ହସ୍ପିଟାଲର ଏକ୍ସରେ ବିଭାଗରେ କାର୍ଯ୍ୟରତ ବରିଷ୍ଠ ଟେକ୍ନିସିଆନ ବିଶ୍ୱଦେବ ଦାଶ (ବିଶୁ)ଙ୍କ ଶନିବାର ବିଳମ୍ବିତ ରାତିରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ



**ଆଉ ଶୁଭିବନି ତାଙ୍କ ସଙ୍ଗୀତ ସ୍ୱର**

ତାଙ୍କୁ ୫୨ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନରୁ ଲିଭର ସିରୋସିସ ରୋଗରେ ପୀଡିତ ଥିଲେ। ମୃତ୍ୟୁ ବେଳେ ତାଙ୍କ ଶଯ୍ୟା ନିକଟରେ ତାଙ୍କ ମା ଓ ବଡଭାଇ ଉପସ୍ଥିତ ଥିଲେ। ରବିବାର ତାଙ୍କ ମରଶରୀରକୁ ବେଦବ୍ୟାସ ନିଆଯାଇ ଶବ ସତ୍କାର କରାଯାଇଥିଲା। ଉଲ୍ଲେଖନୀୟ, ବିଶୁଙ୍କ ନିକଟରେ ସଙ୍ଗୀତ ଗାଇବାର ପ୍ରତିଭା ସହ ଅନେକ ଜୀବଜନ୍ତୁଙ୍କ ସ୍ୱରକୁ ଅବିକଳ ଭାବରେ ନକଲ କରିପାରୁଥିଲେ। ତାଙ୍କ ବିୟୋଗରେ ହସ୍ପିଟାଲ ସମେତ ଜଗଦା ଓ ଝିରପାଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**‘ଅପରାହ୍ନ’ ପକ୍ଷରୁ ସାହିତ୍ୟଝରର ଆଲୋଚନା**

# ‘ସୁସ୍ଥ ସମାଜ ଗଠନରେ ସମ୍ବାଦପତ୍ର ଓ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ’

**ରାଉରକେଲା, ୮।୨(ସମିସ):** ସୁସ୍ଥ ସମାଜ ଗଠନ ନିମନ୍ତେ ଉଭୟ ସମ୍ବାଦପତ୍ର ଓ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବାଲେଶ୍ୱରରୁ ପ୍ରକାଶିତ ‘ଅପରାହ୍ନ’ ଖବରକାଗଜର ସୁନ୍ଦରଗଡ଼ ଜିଲ୍ଲା ସାହିତ୍ୟଝରର ଆଲୋଚନା ସଭାରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସେକ୍ଟର-୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ଭବନରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷତା କରି ଅପରାହ୍ନର ସମ୍ପାଦକ ବଂଶୀଧର ଜେନା ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ନିମନ୍ତେ ସାହିତ୍ୟକୁ ସମ୍ବାଦପତ୍ରରେ ପ୍ରମୁଖ ସ୍ଥାନ ଦିଆଯାଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଆଲୋଚିକା ଓ ଗବେଷିକା ଡଃ. ଅନ୍ତର୍ଜିତା ନାୟକ ‘ସମ୍ବାଦପତ୍ର ସଂସ୍କରଣରେ ସାମ୍ପ୍ରତିକ ସୃଜନ ସ୍ୱାକ୍ଷର’ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ଉଭୟ ସମ୍ବାଦପତ୍ର ଓ ସାହିତ୍ୟ ସାମାଜିକ ସମସ୍ୟାକୁ ଅଭିବ୍ୟକ୍ତ କରିବାର ମୁଖ୍ୟ ମାଧ୍ୟମ ହୋଇଥିବାରୁ ସମସ୍ୟାର ସମାଧାନ କ୍ଷେତ୍ରରେ ଏମାନେ ବଳିଷ୍ଠ ଆୟୁଧ ରୂପେ କାର୍ଯ୍ୟ କରିଥାନ୍ତି। କିନ୍ତୁ ସାମ୍ପ୍ରତିକ ସାହିତ୍ୟରେ ଲେଖା ଚୋରି ନେଇ ଡଃ. ନାୟକ ଗଭୀର ଉଦବେଗ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଓ ଆଲୋଚକ ଡଃ. ଅଶ୍ୱିନୀ କୁମାର ରାୟ ସମ୍ବାଦପତ୍ରରେ ସୃଜନଶୀଳତା ରୂପ, ରସ ଓ ଛନ୍ଦର ମିଳନ ଘଟାଇପାରେ ବୋଲି କହିଥିଲେ। ସମ୍ମାନିତ ବକ୍ତା ବରିଷ୍ଠ ସାହିତ୍ୟିକ ଓ ସାମ୍ବାଦିକ ଲକ୍ଷ୍ମୀନାରାୟଣ ହୋତା ସାହିତ୍ୟ ଓ ସମ୍ବାଦପତ୍ର ଉଭୟ ପରିପୂରକ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥି ଲକ୍ଷ୍ମୀପ୍ରିୟା ଦାସ ସମ୍ବାଦପତ୍ର ଓ ସାହିତ୍ୟର ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ଅପରାହ୍ନର ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆବାହକ କବି ସୁଶାନ୍ତ କୁମାର ନାୟକ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ପ୍ରଥମ ସୋପାନରେ ସାହିତ୍ୟିକ ମନୋଜ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ସବିତା ପରିଡ଼ା ଓ ରିନାରାଣୀ ସ୍ୱାଇଁ ସଂଯୋଜନା କରିଥିଲେ। ଏହି ଅବସରରେ କବିତା ପାଠ କରିଥିବା ୪୭ ଜଣ କବିଙ୍କୁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଥିଲା। ଏହାଛଡା ଅପରାହ୍ନର ସମ୍ପାଦକ ଓ ପରିଚାଳନା ସାମ୍ବାଦିକଙ୍କୁ ସାହିତ୍ୟ ଝର ତରଫରୁ ସାରସ୍ୱାତ ଯୁଗଳ ବନ୍ଦୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୁତିଶ୍ରୀ ଜେନା ଓ ସନ୍ତୋଷ କୁମାର ସାବତ, ବାସନ୍ତୀ ପୃଷେଠ, ବିଜୟ କୁମାର ସାହୁ, ସତ୍ୟବ୍ରତ ଦାସ, ଶଙ୍କରୀ ବାରିକ, ତ୍ରୈଲୋକ୍ୟନାଥ ମହାପାତ୍ର, ସୁଶ୍ରୀ ସାନଭି ଚୋବେ, ସବିତା ପରିଡ଼ା, ମନୋରଞ୍ଜନ କଣ୍ଟା, ତୀର୍ଥବାସୀ ପଟେଲ, ରୁପାନନ୍ଦ ଜୟପୁରୀଆ, ଭଜନ ଦିହିରିଆ, ବିଷୟା ଗନ୍ଧା, କବି ସୁଶାନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବିଜୟ କୁମାର ମିଶ୍ର ଓ ଶୁଚିସ୍ମିତା ପଣ୍ଡା ମାନପତ୍ର ପାଠ କରିଥିଲେ। ଶେଷରେ କବି ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଟେନ୍‌ସା ଟିପ୍ପର ସଂଘର କର୍ମକର୍ତ୍ତା ନିର୍ବାଚନ କେବେ?

**କୋଇଡା, ୮।୨(ସମିସ):** ଟେନ୍‌ସାରେ ଥିବା ଟେନ୍‌ସା ଟିପ୍ପର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ କେବେ ହେବ ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରତି ଦୁଇ ବର୍ଷ ବ୍ୟବଧାନରେ ଥରେ ଲେଖାଏଁ ଟିପ୍ପର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ କରାଯିବାର ଆସୋସିଏସନର ବାଇଲ’ରେ ଉଲ୍ଲେଖ ରହିଥିବା ବେଳେ ଇତି ମଧ୍ୟରେ ନିର୍ବାଚନର ୫ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଟିପ୍ପର ଆସୋସିଏସନର ନୂତନ କମିଟି ଗଠନ ପାଇଁ କର୍ମକର୍ତ୍ତା ନିର୍ବାଚନ କରା ନଯିବା ପଛରେ କି ରହସ୍ୟ ଲୁଚି ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସେପଟେ ପାଞ୍ଚ ବର୍ଷ ଧରି ନିର୍ବାଚିତ କର୍ମକର୍ତ୍ତା ରହି ଆସିଥିବାରୁ ସେମାନେ ମନୋମୁଖୀ କାରବାର ଚଳାଇ ଆସିବା ସହ ଟିପ୍ପର ଲୋଡିଂ ବେଳେ ମେରି ରାୟ ନୀତି ଚଳାଇଥିବା ଅଭିଯୋଗ ହୋଇଛି। ଏପରିକି ଟେନ୍‌ସା ଅଞ୍ଚଳ ସହ ସମ୍ପୃକ୍ତି ନଥିବା ଅନେକ ମାଲିକ ଏଥିରେ ସଦସ୍ୟ ରହିଥିବାରୁ ସ୍ଥାନୀୟ ଟିପ୍ପର ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନେକ ଟେନ୍‌ସା ଟିପ୍ପର ମାଲିକଙ୍କୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ମଧ୍ୟ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଛି।

**ଜିଲ୍ଲା ମହୋତ୍ସବ ‘ଯତରା’ ଉଦ୍‌ଘାଟିତ**

# ପ୍ରଥମ ସନ୍ଧ୍ୟାରେ ଝୁମାଇଲେ ଋକୁ ସୁନା, ଅନ୍ତରା, ବର୍ଣ୍ଣାଳୀ

ରାଉରକେଲା, ୮।୨(ସମିସ)



ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ‘ଯତରା -୨୦୨୬’ ଆଜି ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଯତରା ପଡ଼ିଆଠାରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ନାୟକ, ସଦର ବିଧାୟକ ଯୋଗେଶ କୁମାର ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ଦଳ, କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ଋକୁ ସୁନା, ଅନ୍ତରା ଚକ୍ରବର୍ତ୍ତୀ ଓ ବର୍ଣ୍ଣାଳୀ ହୋତାଙ୍କ ଗୀତରେ ଦର୍ଶକ ଝୁମିଥିଲେ। ସକାଳେ ସମଲେଇ ମନ୍ଦିର ଠାରୁ ଯତରା ପଡ଼ିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ପ୍ରଜ୍ୱଳିତ ମଶାଲକୁ ସହର ପରିକ୍ରମା କରାଯାଇ ଯତରା ପଡ଼ିଆରେ ସ୍ଥାପନ କରିଥିଲେ। ଏହି ଶୋଭାଯାତ୍ରାକୁ ବିଭିନ୍ନ ଛକମାନଙ୍କରେ ଜିଲ୍ଲାର ବିଭିନ୍ନ ସଂଗଠନ, ଅନୁଷ୍ଠାନମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମ୍ପୃକ୍ତ ବ୍ଲକର କଳାକାର, ସୁନ୍ଦରଗଡ଼ ପୌରାଞ୍ଚଳର କଳାକାର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ବ୍ଲକସ୍ତରୀୟ ଯତରା କାର୍ଯ୍ୟକ୍ରମରେ ଉତ୍ତମ ପ୍ରଦର୍ଶନ କରିଥିବା କଳାକାରମାନେ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**୨୨ତମ ବାର୍ଷିକ ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ପାଟମୁଣ୍ଡା ୱେଭ୍ କେନ୍ଦୁଝର ଚାମ୍ପିଅନ୍

**କୋଇଡା, ୮।୨(ସମିସ):** ବାବା ଧବଳେଶ୍ୱର ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ କୋଇଡା ବ୍ଲକ ପାଟମୁଣ୍ଡା ମିନି ଷ୍ଟାଡିୟମଠାରେ ୨୨ତମ ବାର୍ଷିକ ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗତ ୪ ଫେବୃଆରୀରୁ ୫ ଦିନ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୧୬ ଗୋଟି ଦଳ ଭାଗ ନେଇଥିଲେ। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, ସମାଜସେବୀ ବାଦଲ ବାରିକ, ରୁଷି ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ। ପାଞ୍ଚ ଦିନ ଧରି ଖେଳ ପରିଚାଳନା ପରେ ଫାଇନାଲ ମୁକାବିଲା ୱେଭ୍ ଷ୍ଟୋର୍ମ କେନ୍ଦୁଝର ବନାମ ବିଶାଳ ଏକାଦଶ ଯୋଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୱେଭ୍ ଷ୍ଟୋର୍ମ କେନ୍ଦୁଝର ଚଳିତବର୍ଷ ଚାମ୍ପିୟନ୍ ହୋଇଥିଲେ। ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ସମାଜସେବୀ ଡ. ବାଦଲ ବାରିକ୍, ବିଜେପି ଯୁବ ମଣ୍ଡଳ ସଭାପତି ଦିପକ ଜ୍ୟୋତି ବାର୍ଲା, ସହଦେବ ବେହେରା, ପୂର୍ବତନ ପାଟମୁଣ୍ଡା ସରପଞ୍ଚ କାଙ୍ଗାଲୁ ବାରିକ, ରୁଷି ମହାକୁଡ଼ ପ୍ରମୁଖ ଯୋଗଦେଇ ଚାମ୍ପିୟନ୍ ଦଳକୁ ବଡ ଟ୍ରଫି ସହ ଦେଢ଼ ଲକ୍ଷ ଟଙ୍କା, ରନର୍ସପ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା, ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ସହ ୧୦ ହଜାର ନଗଦ ପ୍ରଦାନ କରାଯାଇଥିଲା। ୧୫ ଗୋଟି ମ୍ୟାନ ଅଫ୍ ଦି ମ୍ୟାଚ୍‌ଙ୍କୁ ୧ ହଜାର ପ୍ରଦାନ କରାଯାଇଥିଲା। କ୍ଲବ୍ ପକ୍ଷରୁ ସଭାପତି ବିଜୁ ବାରିକ, ବସନ୍ତ ମହାକୁଡ଼, ଅକ୍ଷୟ ବାରିକ, ଗଣେଶ ବାରିକ, ସୁବାସ ବାରିକ, ଅଜୟ ବାରିକ, କାଳିଆ ପାତ୍ର, ଦୁର୍ଗା ମହାକୁଡ, ଚିଣ୍ଟୁ ପାତ୍ର, ମନୋଜ ମହାକୁଡ଼, ସଚିନ ବାରିକ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଭାଷ୍ୟକାର କ୍ଷୀରୋଦ ଗିରି ଓ ବୁଲବୁଲ ଆପଟ ଧାରାବିବରଣୀ ପ୍ରଦାନ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ

ଏକ ଅତ୍ୟାଚାରୀ ସରକାର ବାଘଠାରୁ ମଧ୍ୟ ଭୟଙ୍କର।
-କନ୍‌ଫ୍ୟୁସିୟସ୍

## ଟିକା ଦ୍ୱନ୍ଦ୍ୱ

ଏକ ଯୁଗାନ୍ତକାରୀ ଘଟଣାକ୍ରମେ ଆମେରିକାରେ ଶିଶୁମାନଙ୍କୁ ଦିଆଯାଉଥିବା ଟିକା ସଂଖ୍ୟାରେ ଉଲ୍ଲେଖନୀୟ ହ୍ରାସ ପାଇବାକୁ ଯାଉଛି। ଯଦି ଏହା କେବଳ ପ୍ରଶାସନିକ, ବୈଦେଶିକ, ବାଣିଜ୍ୟିକ କିମ୍ବା ସାମରିକ ନିଷ୍ପତ୍ତି ହୋଇଥା'ନ୍ତା ତେବେ ଆଡ଼ବାୟା ଟ୍ରମ୍ପଙ୍କ ବାଚାଳାମି ବୋଲି ଅଣଦେଖା କରାଯାଇପାରିଥା'ନ୍ତା। କିନ୍ତୁ ଆମେରିକାର ସ୍ୱାସ୍ଥ୍ୟ ସଚିବାଳୟ, ଆମେରିକାର ରୋଗ ନିୟନ୍ତ୍ରଣ ଓ ପ୍ରତିଷେଧକ କେନ୍ଦ୍ର(ସିଡିସି) ପକ୍ଷରୁ ସମାନ ଜଳବାୟୁରେ ଥିବା ବିକଶିତ ଦେଶମାନଙ୍କରେ କିଭଳି ଟିକାକରଣ କରାଯାଉଛି ସେ ସମ୍ପର୍କରେ କରିଥିବା ଅନୁଧ୍ୟାନ ଆଧାରରେ ସେଠାକାର ଜାତୀୟ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶକ ରିପୋର୍ଟ ଦେବା ପରେ ଟ୍ରମ୍ପ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଟିକାର ଜନ୍ମଭୂମି ଭାବେ ବିଦିତ ଓ ସ୍ୱୀକୃତ ଆମେରିକାରେ ଟିକା ନିଷେଧ ପରେ ବିଶ୍ୱସ୍ତରରେ ଏହାର ପ୍ରଭାବ କିଭଳି ରହିବ ଏବଂ ଅନ୍ୟଦେଶମାନେ ଏହାକୁ ଅନୁସରଣ କରିବା ଉଚିତ କି ନୁହେଁ ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଟ୍ରମ୍ପଙ୍କ ଯୁକ୍ତି ଅନୁଯାୟୀ ଟିକାକରଣ ପଛରେ ଏକ ବଡ଼ ଅଭିସନ୍ଧି ରହିଛି। ତେଣୁ ଆବଶ୍ୟକ ନଥାଇ ମଧ୍ୟ ଶିଶୁମାନଙ୍କୁ ଟିକା ଦିଆଯାଉଛି। ଆମେରିକାରେ ଶୈଶବରୁ ମେଦବହୁଳତା, ମଧୁମେହ, ବର୍ଣ୍ଣାନ୍ଧତା, ଦୃଷ୍ଟିଶକ୍ତି ଦୋଷ, ବିଶେଷକରି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ଅଟିଜିମ୍ ପାଇଁ ଟ୍ରମ୍ପ ମାତ୍ରାଧିକ ଟିକାକରଣକୁ ଦାୟୀ କରିଛନ୍ତି। ଏହାପୂର୍ବରୁ ମଧ୍ୟ ଗର୍ଭବତୀଙ୍କ ପାଇଁ ପାରାସିଟାମଲ୍ ସେବନ କୁପ୍ରଭାବ ବିଷୟରେ ମତ ଦେଇ ଟ୍ରମ୍ପ ଚର୍ଚ୍ଚାକୁ ଆସିଥିଲେ। ଟ୍ରମ୍ପଙ୍କ ଏହି ସଦ୍ୟ ନିର୍ଦ୍ଦେଶ ପରେ ସେଠାରେ ଶିଶୁମାନଙ୍କୁ ଦିଆଯାଉଥିବା ଟିକା ସଂଖ୍ୟା ୧୭ରୁ ୧୧କୁ ହ୍ରାସ ପାଇବାକୁ ଯାଉଛି। ଏପରିକି ରୋଟାଭାଇରସ୍, ଇନ୍‌ଫ୍ଲୁଏନ୍‌ଜା, ମେନିନ୍‌ଗୋକୋକଲ, ହେପାଟାଇଟିସ୍ ଏ ଭଳି ରୋଗ ପ୍ରତିଷେଧକ ଟିକା ମଧ୍ୟ ସେଠାକାର ନବଜାତକମାନଙ୍କୁ ଦିଆଯିବ ନାହିଁ। ହେପାଟାଇଟିସ୍ ବି ପ୍ରତିଷେଧକ କେବଳ ଅଭିଭାବକଙ୍କ ନିଷ୍ପତ୍ତି ଓ ଡାକ୍ତରଙ୍କ ପରାମର୍ଶ ଉପରେ ଛାଡ଼ି ଦିଆଯାଇଛି। ସେହିଭଳି ଏଚ୍‌ପିଭି ଟିକାର ଦୁଇଟି ପାନ ବଦଳରେ ଗୋଟିଏ ଦିଆଯିବ।

ଟିକା ସହିତ ଅପବାଦ ବହୁପୂର୍ବରୁ ଯୋଡ଼ି ହୋଇରହିଛି। ବିଶେଷକରି ବିଭିନ୍ନ ସଂସ୍ଥା ଦ୍ୱାରା ବିକଶିତ କୋଭିଡ୍ ଟିକାର ପାର୍ଶ୍ୱପ୍ରଭାବ ନେଇ ଏବେ ଅଭିଯୋଗ, ବିବାଦ ଓ ବିତର୍କ ବଢ଼ିବାରେ ଲାଗିଛି। ଆୟୁର୍ବିଜ୍ଞାନର ନବଜାଗରଣ ଯୁଗରେ କେତେକ ସ୍ୱାଧୀନଚେତା ଭାରତୀୟ ଡାକ୍ତର ମଧ୍ୟ ଟିକା ସମେତ କର୍କଟ, ମଧୁମେହ, ରକ୍ତଚାପ ଔଷଧକୁ ଏକ ବଡ଼ ରାକେଟ୍‌ର ଯୋଜନାବଦ୍ଧ ଷଡ଼ଯନ୍ତ୍ର ଭାବେ ସାଂଘାତିକ ଅଭିଯୋଗ ଆଣିଛନ୍ତି, ଯାହାକୁ ପାରମ୍ପରିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଖଣ୍ଡନ କରୁଛନ୍ତି। ଉଲ୍ଲେଖନୀୟ ହେଲା ଉଭୟ ପକ୍ଷ ଦୃଢ଼ ପ୍ରମାଣନିଷ୍ଠ ଯୁକ୍ତି ଉପସ୍ଥାପନ କରୁଥିବାରୁ ତାହା ରୋଗୀ ଓ ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତି ଓ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ବିଶେଷକରି କ୍ରିକେଟ୍ ତାରକା ନବଜୋତ ସିଂହ ସିଦ୍ଧୁଙ୍କ ପତ୍ନୀଙ୍କ ମାମଲାରେ ଏହି ଦ୍ୱନ୍ଦ୍ୱକୁ ଆହୁରି ଜଟିଳ କରିଛି।

ସିଦ୍ଧୁଙ୍କ କର୍କଟ ରୋଗାକ୍ରାନ୍ତ ପତ୍ନୀଙ୍କ ସଂକ୍ରମଣ ଷ୍ଟେଜ୍ ୪ରେ ପହଞ୍ଚିସାରିଥିବା ଏଲୋପାଥି ଡାକ୍ତରମାନେ ରିପୋର୍ଟ ଦେଇସାରିଥିଲେ, ଯେଉଁଠାରେ କୌଣସି ଔଷଧ ଆଉ ପ୍ରଭାବଶାଳୀ ହୁଏ ନାହିଁ କି ବଞ୍ଚିବାର ଆଶା ନଥାଏ। କିନ୍ତୁ ସଂଯମ ଜୀବନଶୈଳୀ ଓ ଶୃଙ୍ଖଳିତ ଖାଦ୍ୟାଭ୍ୟାସ ଦ୍ୱାରା ବିନା କୌଣସି ଔଷଧରେ ସମ୍ପୂର୍ଣ୍ଣ ପ୍ରାକୃତିକ ଭାବରେ ସେ ଆରୋଗ୍ୟ ଲାଭ କରି ପୁନଃଜୀବନ ପାଇପାରିଲେ। ଏ କଥା ସିଦ୍ଧୁ ଗଣମାଧ୍ୟମରେ ଉପସ୍ଥାପନ କରିବା ପରେ ସ୍ୱାଭାବିକ ଭାବେ ଡାକ୍ତରୀ ସଂଘ ପ୍ରତିକ୍ରିୟାଶୀଳ ହୋଇପଡ଼ିଲେ। କାରଣ କର୍କଟ ନିଦାନ ଓ ଚିକିତ୍ସାରେ ବଡ଼ ବଡ଼ କର୍ପୋରେଟ୍ ଡାକ୍ତରଖାନା ଏବଂ ଔଷଧ ଓ କେମୋ ପ୍ରସ୍ତୁତିରେ ବଡ଼ ବଡ଼ ଔଷଧ ନିର୍ମାତାମାନେ ଯେଭଳି ବିପୁଳ ପରିମାଣର ମୁନାଫା କରିଚାଲିଛନ୍ତି ତାହାର ସଫଳ ଯାତ୍ରାରେ ସିଦ୍ଧୁ ସିଦ୍ଧାନ୍ତ ଏକ ପ୍ରତିବନ୍ଧକ ନିଶ୍ଚୟ। ଏହାଛଡ଼ା ସିଦ୍ଧୁଙ୍କ ପ୍ରଦର୍ଶିତ କର୍କଟମୁକ୍ତ ମାର୍ଗ ମଧ୍ୟ ଜନସ୍ୱାସ୍ଥ୍ୟ ପ୍ରତି ଆହ୍ୱାନ ସୃଷ୍ଟି କରିବା ନିଶ୍ଚିତ ଥିଲା। ତେଣୁ ମାତ୍ରାଧିକ ସରକାରୀ ଓ ବେସରକାରୀ ଚାପରେ ସିଦ୍ଧୁ ଅଗତ୍ୟା ଗଣମାଧ୍ୟମରେ ପୁଣି ନିଜକୁ ଉପସ୍ଥାପିତ କରି ଡାକ୍ତରୀ ପରାମର୍ଶକୁ ଅନୁସରଣ କରିଥିବା ସ୍ୱୀକାର କଲେ। ଏଥିରୁ ଔଷଧ ନିର୍ମାତାଙ୍କ ରାକେଟ୍, ଶାସନ ପ୍ରଶାସନ ସହିତ ମଧୁଚନ୍ଦ୍ରିକାର ପ୍ରଭାବ, ପରିସର ଓ ପ୍ରତିପତ୍ତି କେତେ ବ୍ୟାପକ ତାହା ସ୍ପଷ୍ଟ।

ଅନେକ ସ୍ୱାଧୀନଚେତା(ଯେଉଁମାନେ ଔଷଧ କମ୍ପାନୀ ଓ ସରକାରୀ ଚାକିରିର ଲୋଭକୁ ପରିହାର କରିପାରିଛନ୍ତି) ଡାକ୍ତରଙ୍କ କହିବା କଥା ହେଲା ଏଲୋପାଥି ଔଷଧ ରୋଗକୁ ସମୂଳେ ବିନାଶ କରିପାରେ ନାହିଁ। ଏହା କେବଳ ପ୍ରତିକ୍ରିୟାକୁ ହ୍ରାସ କରେ ଏବଂ ନିୟନ୍ତ୍ରଣରେ ରଖେ। ଏପରିକି ଆମେ ସାଧାରଣ ରୋଗ ପାଇଁ ଖାଉଥିବା ଏବଂ ମାମୁଲି ଭାବୁଥିବା ଔଷଧର ଯେ ଦୀର୍ଘକାଳୀନ ଗୁରୁତର ପାର୍ଶ୍ୱ ପ୍ରଭାବ ରହିଛି ସେ ବିଷୟରେ ସେମାନେ ଚେତାଇ ଦେଇଛନ୍ତି। ଅର୍ଥାତ୍ ଗୋଟିଏ ରୋଗର ଉପଶମ ପାଇଁ ଖାଉଥିବା ଔଷଧ ଅନ୍ୟ ରୋଗ କିଣି ଆଣିବା ଭଳି ପରିସ୍ଥିତି ଏବେ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି, ଯାହାକୁ ଆମେରିକା ଭଳି ସର୍ବାଧିକ ଅତ୍ୟାଧୁନିକ ସଭ୍ୟ ଓ ସର୍ବଶକ୍ତିମାନ ରାଷ୍ଟ୍ରର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସରକାରୀ ଭାବେ ସ୍ୱୀକୃତ କରିଦେଇଛନ୍ତି। ତେଣୁ ସେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପାଣ୍ଠି ଦେବା ବନ୍ଦ କରିଦେଇଥିବା ବେଳେ ଆନ୍ତର୍ଜାତିକ ଟିକାକରଣ ସହଯୋଗ(ଗାଭି)ରୁ ମଧ୍ୟ ଓହରି ଆସିଛନ୍ତି।

ଏ ସବୁ ଆଲୋଚନା, ବିବାଦ, ବିତର୍କ ସତ୍ତ୍ୱେ ଏହା ଅସ୍ୱୀକାର କରାଯାଇପାରିବ ନାହିଁ ଯେ ନିରନ୍ତର ଟିକାକରଣ ଫଳରେ ଭାରତ ଆଜି ପ୍ରାୟତଃ ପୋଲିଓମୁକ୍ତ ହୋଇପାରିଛି। ସେହିପରି ଟିକାକରଣର ସଫଳ ପ୍ରଭାବରେ ହଇଜା, ପ୍ଲେଗ୍, ବସନ୍ତ ରୋଗର ପ୍ରାଦୁର୍ଭାବରୁ ମାନବସଭ୍ୟତାକୁ ଅନେକାଂଶରେ ମୁକ୍ତି ମିଳିଛି। ଅପରପକ୍ଷରେ ଏପର୍ଯ୍ୟନ୍ତ ଟିକା ଆବିଷ୍କାର ହୋଇପାରି ନଥିବାରୁ ଯକ୍ଷ୍ମାରେ ବର୍ଷକୁ କୋଟିକୋଟି ଲୋକ ପ୍ରାଣ ହରାଉଛନ୍ତି। ୟୁଆଇପି ଯୋଜନା ଅଧୀନରେ ଏବେ ଓଡ଼ିଶାରେ ସରକାରୀ ଭାବେ ଶିଶୁମାନଙ୍କୁ ୧୨ଟି ଟିକାର ପ୍ରାୟ ୨୪ଟି ପାନ ଦିଆଯାଉଛି। ବେସରକାରୀ ଡାକ୍ତରଖାନାରେ ଜନ୍ମ ନେଉଥିବା ଶିଶୁଙ୍କୁ ଦିଆଯାଉଥିବା ଟିକା ସଂଖ୍ୟା ଏହାଠାରୁ ଆହୁରି ଅଧିକ। ତେଣୁ ଆମେରିକାର ଉପରୋକ୍ତ ନିଷ୍ପତ୍ତି ପରେ ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଭାରତର ନୀତି ନିର୍ଦ୍ଧାରକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଟିକାକରଣ ସମ୍ପର୍କରେ ଗୁରୁତ୍ୱର ସହିତ ପୁନଃଚିନ୍ତନ କରିବାର ଏବଂ ଜନସାଧାରଣଙ୍କ ପାଇଁ ନିର୍ଭରଯୋଗ୍ୟ ମାର୍ଗଦର୍ଶିକା ଜାରି କରିବାର ଆବଶ୍ୟକ ରହିଛି।

# ଅଫିମଯୁଦ୍ଧ ବନାମ ତୈଳଯୁଦ୍ଧ

ଡାକ୍ତର ରାଜକିଶୋର ପଣ୍ଡା

ସଭ୍ୟତାର ଆରମ୍ଭରୁ ମଣିଷ ବିଭିନ୍ନ ପଦାର୍ଥକୁ କେନ୍ଦ୍ର କରି ସଂଘର୍ଷ କରି ଆସିଛି। ଆମେରିକାର ଗୃହଯୁଦ୍ଧ(ସୂତା ଓ କୃଷିଜାତ ଦ୍ରବ୍ୟ), ସୋଭିଏତ୍-ଫିନ୍‌ଲ୍ୟାଣ୍ଡ ଯୁଦ୍ଧ(ନିକେଲ), ଜର୍ମାନୀ-ରୁଷ ଯୁଦ୍ଧ(ଖାଦ୍ୟଦ୍ରବ୍ୟ ଓ ତୈଳ), ପଳାସୀ ଯୁଦ୍ଧ(ଭାରତର ମସଲା, ବସ୍ତ୍ର, ମୂଲ୍ୟବାନ ପଥର) ଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟର ଆମେରିକାର ଇରାକ ଓ ଲିବିୟା ଉପରେ ଆକ୍ରମଣ(ତୈଳ) ଆଦି ବିଶ୍ୱ ଯେତେସବୁ ଯୁଦ୍ଧର ଘନଘଟା ଦେଖିଛି ସେ ସବୁ ପଛରେ ରହିଛି ସାମଗ୍ରୀ। ଏପରିକି ମଣିଷ(କ୍ରୀତଦାସ) ମଧ୍ୟ ପଣ୍ୟ ହୋଇଛି ଏବଂ ଏହାକୁ ନେଇ ଯୁଦ୍ଧ ହୋଇଛି। ଏହି ଆଲୋଚନାକୁ କେବଳ ସେହି ଦୁଇଟି ସାମଗ୍ରୀ ଯୁଦ୍ଧ ପ୍ରସଙ୍ଗରେ ସୀମିତ ରଖିବା, ଯାହା ବିଶ୍ୱ ସାମାଜିକ, ଅର୍ଥନୀତି ଓ ଭୂରାଜନୀତି ଉପରେ ଦୀର୍ଘକାଳୀନ ପ୍ରଭାବ ବିସ୍ତାର କରିଛି।

ଊନବିଂଶ ଶତାବ୍ଦୀରେ ଗୋଟିଏ ପଟେ ପାଶ୍ଚାତ୍ୟ ସଭ୍ୟତା ଏବଂ ଅନ୍ୟପଟେ ଚୀନ ମଧ୍ୟରେ ଦୁଇଟି ନିର୍ଣ୍ଣାୟକ ଯୁଦ୍ଧ ସଂଘଟିତ ହୋଇଥିଲା। ଇତିହାସ ଏହାକୁ ପ୍ରଥମ ଓ ଦ୍ୱିତୀୟ 'ଅଫିମ ଯୁଦ୍ଧ' ଭାବରେ ନାମିତ କରିଛି। ଏହି ଯୁଦ୍ଧପଛର ମୁଖ୍ୟ କାରଣ ଥିଲା ଚୀନରେ ବିଦେଶୀ ବାଣିଜ୍ୟର ଏକଚାଟିଆ କାରବାର। ଚୀନରୁ ୟୁରୋପ୍‌କୁ ପ୍ରଚୁର ମାତ୍ରାରେ ପୋର୍ସିଲେନ୍, ରେଶମ, ଚା', ରବର, ସୋୟାବିନ୍ ଇତ୍ୟାଦି ରପ୍ତାନୀ ହେଉଥିଲା। ପ୍ରତିବଦଳରେ ଚୀନକୁ ୟୁରୋପରୁ ସେଭଳି କୌଣସି ବିଶେଷ ଦ୍ରବ୍ୟ ଆମଦାନୀ ହେଉ ନ ଥିଲା। ଫଳସ୍ୱରୂପ ଚୀନ ଓ ଇଂଲଣ୍ଡ ମଧ୍ୟରେ ବ୍ୟାବସାୟିକ ଅସନ୍ତୁଳନ ବଢ଼ିଚାଲିଲା। ଏହାଛଡ଼ା ଚୀନ୍‌ରେ ସେତେବେଳେ ପ୍ରଚଳିତ 'କ୍ୟୋଟୋ' ପରମ୍ପରା(ଆଗନ୍ତୁକମାନେ ଚୀନ ସମ୍ରାଟଙ୍କ ଆଗରେ ମୁଣ୍ଡ ମୁଆଁଇ ନଅ ଥର ନମସ୍କାର କରି ତାଙ୍କୁ ଅଭିବାଦନ ଜଣାଇବାକୁ ବାଧ୍ୟ)କୁ ୟୁରୋପୀୟ ବ୍ୟବସାୟୀ ଓ ଧର୍ମଯାଜକମାନେ ମାନୁ ନ ଥିଲେ। ଏହିଭଳି ଭାବେ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ଓ ଆତ୍ମାଭିମାନର ଅସନ୍ତୋଷ କୁହୁଳିବାରେ ଲାଗିଲା। ନିଅଣ୍ଟିଆ ବାଣିଜ୍ୟକୁ ସଜାଡ଼ିବା ସକାଶେ ବ୍ରିଟିଶ୍ ବ୍ୟବସାୟୀମାନେ ଚୀନରେ ଅଫିମ କାରବାର ଆରମ୍ଭ କଲେ। କୌଶଳକ୍ରମେ ବ୍ରିଟିଶରମାନେ ପ୍ରଥମେ ଚୀନାମାନଙ୍କୁ ମାଗଣାରେ ଅଫିମ ବାଣ୍ଟି ସେମାନଙ୍କୁ ନିଶାସକ୍ତ କରିଦେଲେ। ଏହାପରେ ଚୀନ୍‌ରେ ବିପୁଳ ପରିମାଣରେ ଅଫିମ ଅବାଧରେ ବିକ୍ରି ହୋଇଚାଲିଲା। ଉଲ୍ଲେଖନୀୟ ହେଲା ବ୍ରିଟିଶରମାନେ ଏହି ଅଫିମ ଭାରତରୁ ନେଇ ଚୀନ୍‌ରେ ବିକ୍ରି କରୁଥିଲେ। ୧୮୦୦ ରୁ ୧୮୩୫ ମସିହା ପର୍ଯ୍ୟନ୍ତ ଚୀନ୍‌କୁ ଭାରତରୁ ବ୍ରିଟିଶ ବ୍ୟବସାୟୀମାନଙ୍କ ଦ୍ୱାରା ପ୍ରଚୁର ପରିମାଣରେ ଅଫିମ ଚାଲାଣ ପରେ ଚୀନାମାନେ ବ୍ରିଟିଶରମାନଙ୍କ ପାଖରେ ଏକପ୍ରକାର ନିଶା-ଗୋଲାମ୍ ପାଲଟିଗଲେ।

ପରିସ୍ଥିତିକୁ ଉପଲବ୍ଧି କରି ୧୮୨୦ ମସିହାରେ ଚୀନ ସରକାର 'କ୍ୟାଣ୍ଟନ' ବନ୍ଦରରେ ଅଫିମ କାରବାର ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଲେ। କିନ୍ତୁ ଏହା ବିଶେଷ ଫଳପ୍ରଦ ହେଲା ନାହିଁ। କାରଣ ପ୍ରଥମତଃ ଚୀନର ଅସାଧୁ ଅଧିକାରୀମାନେ ବିପୁଳ ପରିମାଣର ଲାଞ୍ଚ ଗ୍ରହଣ କରି ଲୁଚାଛପାରେ ଅଫିମ ଆମଦାନୀ ଜାରି ରଖିଲେ। ଅପରପକ୍ଷରେ ଚୀନ୍ ବ୍ୟବସାୟୀମାନେ ରୌପ୍ୟ ମୁଦ୍ରାରେ ଅଫିମ କାରବାର କରିବାରୁ ପ୍ରଚୁର ପରିମାଣରେ ରୌପ୍ୟ ମୁଦ୍ରା ଚୀନ୍ ବାହାରକୁ ଚାଲିଗଲା। ପରିଶେଷରେ ଏହା ଏକ ଯୁଦ୍ଧକୁ ଜନ୍ମ ଦେଲା, ଯାହାକୁ ଇତିହାସ 'ପ୍ରଥମ ଅଫିମ ଯୁଦ୍ଧ' ନାମରେ ନାମିତ କଲା। ୧୮୩୯ ରୁ ୧୮୪୨ ମସିହା ପର୍ଯ୍ୟନ୍ତ ସଂଘଟିତ ଏହି ଯୁଦ୍ଧରେ ଅତ୍ୟାଧୁନିକ ନୌସେନାବାହିନୀ ଉପଯୋଗରେ ବ୍ରିଟିଶ୍ ସେନା ଚୀନକୁ ଶୋଚନୀୟ ଭାବରେ ପରାସ୍ତ କଲା। ଚୀନ୍‌ର ଜାତୀୟତାବାଦୀମାନେ ୧୮୩୯ ମସିହାକୁ ଦେଶର 'ଅପମାନ ଯୁଗ'(ହ୍ୟୁମିଲିଏସନ ଏଜ୍)ର ଅୟମାରମ୍ଭ ଭାବେ ନାମିତ କରିଥା'ନ୍ତି ଏବଂ ଏହିଠାରୁ ଆଧୁନିକ ଚୀନ ଇତିହାସର ସୃଷ୍ଟି ବୋଲି କୁହାଯାଏ।

ଦୁଇ ଗୋଷ୍ଠୀ ମଧ୍ୟରେ ସ୍ୱାକ୍ଷରିତ 'ନାନକିଙ୍ଗ୍ ଚୁକ୍ତି' ସହିତ ଏହି ଯୁଦ୍ଧର ପରିସମାପ୍ତି ଘଟିଲା। ଏହି ଚୁକ୍ତିରେ ପ୍ରମୁଖ ଥିଲା ହଂକଂକୁ ବ୍ରିଟିଶରମାନଙ୍କୁ ହସ୍ତାନ୍ତର, କ୍ୟାଣ୍ଟନ ଓ ସାଂଘାଇ ସହିତ ଅନ୍ୟ ତିନିଗୋଟି ବନ୍ଦରରେ ଅବାଧ ବାଣିଜ୍ୟ ସକାଶେ ବ୍ରିଟିଶରମାନଙ୍କୁ ଅନୁମତି, ଚୀନ୍ ଦ୍ୱାରା ବ୍ରିଟିଶ୍‌କୁ ଯୁଦ୍ଧଜନିତ କ୍ଷତିପୂରଣ ପ୍ରଦାନ। ପରାଜୟ, ଅପମାନ ଓ ବିପୁଳ କ୍ଷୟକ୍ଷତିରେ ଜର୍ଜରିତ ଚୀନ୍‌ର ଦୁର୍ଦ୍ଦଶା ବୋଧେ ଏତିକିରେ ସରି ନଥିଲା। ଏହା ପରେ ପରେ ଡଚ୍, ଫରାସୀ ଓ ଦିନାମାର୍‌ମାନେ ଚୀନ୍‌ରେ ଉପନିବେଶ ସ୍ଥାପନ କରି ସାମାଜିକ ଓ ଅର୍ଥନୈତିକ ଶୋଷଣ ଆରମ୍ଭ କଲେ। 'ନାନକିଙ୍ଗ ଚୁକ୍ତି' ଅଫିମ ସମ୍ପର୍କରେ ନିରବ ରହିଥିବାରୁ ଚୀନ୍‌ରେ ଏହାର କାରବାର ଆହୁରି ବଢ଼ିଲା। ଏଥିରେ ଚୀନ୍‌ର ସାମାଜିକ-ଅର୍ଥନୀତି ରସାତଳଗାମୀ ହେଲା, ଯାହା ପରବର୍ତ୍ତୀ ଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତ କଲା।

ପାଶ୍ଚାତ୍ୟ ରାଷ୍ଟ୍ରମାନେ 'ନାନକିଙ୍ଗ' ଚୁକ୍ତିର ସମ୍ପ୍ରସାରଣ ଦାବି ଜାରି ରଖିଥିବା ବେଳେ 'ଆରୋ' ନାମକ ବ୍ରିଟିଶ ଜାହାଜକୁ ଚୀନାମାନେ ଜଳଦସ୍ୟୁ ସନ୍ଦେହରେ ୧୮୫୬ ମସିହାରେ ଜବତ କରିନେଲେ। କିନ୍ତୁ ବ୍ରିଟିଶରମାନେ ଚୀନ୍‌ର ଏତାଦୃଶ ଆଚରଣକୁ 'ନାନକିଙ୍ଗ ଚୁକ୍ତି'ର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ।

୧୮୫୬ରେ ଆରମ୍ଭ ହୋଇଥିବା ଏହି 'ଦ୍ୱିତୀୟ ଅଫିମ ଯୁଦ୍ଧ' ବା 'ଆରୋ ଯୁଦ୍ଧ'ରେ ଗୋଟିଏ ପଟେ ରହିଲେ ବ୍ରିଟେନ, ରୁଷ, ଆମେରିକା, ଫ୍ରାନ୍ସ୍ ଓ ବ୍ରିଟିଶ ଶାସିତ ଭାରତ ଏବଂ ଅନ୍ୟପଟେ ଏକାକୀ ରହିଲା ଚୀନ। ଫରାସୀ ମିସ୍‌ନାରୀ 'ଅଗଷ୍ଟ ଚାପଡ଼ିଲେନ୍'ଙ୍କୁ ଚୀନ୍‌ରେ ହତ୍ୟା କରାଯାଇଥିବା ଅଭିଯୋଗରେ ଫ୍ରାନ୍ସ ଏହି ଯୁଦ୍ଧରେ ଭାଗ ନେଇଥିଲା। ୧୮୬୦ ମସିହାରେ ମିଳିତ ଶକ୍ତି ଆଗରେ ଚୀନ୍ ପରାସ୍ତ ହେବା ସହିତ ସ୍ୱାକ୍ଷରିତ ହେଲା 'ତିଆନଜିନ ଚୁକ୍ତି' ଓ 'ଆଇଗୁନ୍ ଚୁକ୍ତି'। 'ତିଆନଜିନ୍ ଚୁକ୍ତି' ଅନୁଯାୟୀ ଚୀନ୍ ଆହୁରି ଏଗାରଟି ବନ୍ଦର ବାଣିଜ୍ୟ କାରବାର ନିମନ୍ତେ ପାଶ୍ଚାତ୍ୟ ରାଷ୍ଟ୍ର ପାଇଁ ଉନ୍ମୁକ୍ତ କଲା। 'ଆଇଗୁନ ଚୁକ୍ତି' ଅନୁଯାୟୀ ରୁଷ ଓ ଚୀନ ମଧ୍ୟରେ ବିବାଦୀୟ ଭାବରେ ସୀମା ନିର୍ଦ୍ଧାରଣ ହେଲା। ଏହାପରେ ଚୀନ୍ ବାଧ୍ୟ ହେଲା ଅଫିମ କାରବାରକୁ ଆଇନତଃ ସ୍ୱୀକୃତି ଦେବା ପାଇଁ। ପ୍ରାୟ ଏକଶତାବ୍ଦୀ ପରେ ଏହି ଅଫିମ ଯୁଦ୍ଧ ଜନ୍ମ ଦେଲା ସମ୍ପ୍ରତି ବିଶ୍ୱରେ ଦେଖାଦେଇଥିବା ତୈଳଯୁଦ୍ଧକୁ।

୮ ଜୁନ୍ ୧୯୭୪ ମସିହାରେ ଆମେରିକା ଓ ସାଉଦି ଆରବ ନେତୃତ୍ୱରେ 'ଓପେକ୍'(ତୈଳ ଉତ୍ପାଦକ ଦେଶ ସଗଠନ) ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା 'ପେଟ୍ରୋଡଲାର ଚୁକ୍ତି'। ଏହି ଚୁକ୍ତିର ସର୍ତ୍ତାବଳୀ ଅନୁସାରେ 'ଓପେକ୍' ଉତ୍ପାଦିତ ଅଶୋଧିତ ତୈଳକୁ କେବଳ ଆମେରିକୀୟ ଡଲାର ବିନିମୟରେ ବିକିବ ଏବଂ ମୁନାଫାକୁ ଆମେରିକାର ଟ୍ରେଜେରୀ ବଣ୍ଡରେ ନିବେଶ କରିବ। ପ୍ରତିବଦଳରେ ଆମେରିକା 'ଓପେକ୍'କୁ ପ୍ରତିରକ୍ଷା ଓ ସାମରିକ ସହାୟତା ଯୋଗାଇଦେବ। ଏହି ଚୁକ୍ତି ଯୋଗୁଁ ଡଲାର ଅଭୂତପୂର୍ବ ଶକ୍ତିଶାଳୀ ହେବା ସହିତ ଯୁକ୍ତରାଷ୍ଟ୍ର ଆମେରିକା ହେଲା ପୃଥିବୀର ସର୍ବଶକ୍ତିମାନ ରାଷ୍ଟ୍ର। ଯେଉଁ ରାଷ୍ଟ୍ର ପେଟ୍ରୋଡଲାରରେ ତୈଳ କାରବାର ପାଇଁ ଅରାଜି ହେଲା ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ସେହି ଦେଶର ଶାସନ ଭାର ନିଜ ଅଧୀନକୁ ନେଇ ଆସିଲା। ଇରାକ୍, ଲିବିୟା ଓ ଭେନେଜୁଏଲାର ସ୍ଥିତି ଏହାର କେତେକ ଉଦାହରଣ। ୫୦ ବର୍ଷ ପାଇଁ ହୋଇଥିବା 'ପେଟ୍ରୋଡଲାର ଚୁକ୍ତି' ଇତିମଧ୍ୟରେ ପୂରିଯାଇଛି। ତେଣୁ 'ଓପେକ୍' ନିଜର ଆବଶ୍ୟକତା ଓ ସୁବିଧା ମୁତାବକ ଯେକୌଣସି ମୁଦ୍ରାରେ ତୈଳ କାରବାର କରିପାରିବ। ଏହାର ସୁଯୋଗ ନେବାକୁ ଚୀନ୍ ସର୍ବାଦୌ ପ୍ରସ୍ତୁତ ହୋଇସାରିଛି ଏବଂ ଅଫିମ ଯୁଦ୍ଧର ପ୍ରତିଶୋଧ ପାଇଁ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ବିଶ୍ୱକୁ କଡ଼ା ଆହ୍ୱାନ ଦେଇଛି।

ଏବେ ତୈଳଯୁଦ୍ଧର ଗୋଟିଏ ପଟେ ରହିଛି ଆମେରିକା ଏବଂ ଅନ୍ୟପଟେ ଚୀନ୍। ଗତ କିଛିବର୍ଷ ଧରି ଚୀନ୍ ବିପୁଳ ପରିମାଣର ତୈଳ ଗଚ୍ଛିତ କରି ରଖୁଛି। ଏହିକ୍ରମରେ ବିଶ୍ୱର ସର୍ବାଧିକ ତୈଳଭଣ୍ଡାର ଭେନେଜୁଏଲାର ନବେ ପ୍ରତିଶତରୁ ଅଧିକ ଅଶୋଧିତ ତୈଳ ଚାଇନା କିଣି ନେଉଛି। ୨୦୨୫ ରେ ଚୀନ୍ ଦେଢ଼ ଶହ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଛି ଏବଂ ଏଥିପାଇଁ ବ୍ୟୟ କରିଛି ଦଶ ବିଲିଅନ ଡଲାର। ଚୀନ୍‌ର ଏହି ଚାଲ୍ ପଛରେ ରହିଛି ଦୁଇଟି ଲକ୍ଷ୍ୟ। ପ୍ରଥତଃ, ବିପୁଳ ପରିମାଣରେ ତୈଳ ମହଜୁଦ୍ କରି ରଖିସାରିବା ପରେ ଚୀନ୍ ନିଜ ମୁଦ୍ରା(ୟାନ୍)ରେ ବିକ୍ରି ଆରମ୍ଭ କରିବ। ଏହାଜରିଆରେ 'ପେଟ୍ରୋଡଲାର' କ୍ରମଶଃ ଦୁର୍ବଳ ହୋଇ ତୈଳ-କୂଟନୀତିରେ ଆମେରିକାର ଆଧିପତ୍ୟ ହ୍ରାସ ପାଇବ। ଏପରିକି ମଧ୍ୟପ୍ରାଚ୍ୟକୁ ଆମେରିକା ସମ୍ପୂର୍ଣ୍ଣ ରୂପେ କବ୍‌ଜା କରିବା ପୂର୍ବରୁ ଚୀନ ନିଜର ଆବଶ୍ୟକତା ପୂରଣ ପାଇଁ ଗଚ୍ଛିତ ତୈଳକୁ ବିନିଯୋଗ କରିପାରିବ।

ଚୀନର ଦ୍ୱିତୀୟ ଲକ୍ଷ୍ୟ ହେଉଛି ଊନବିଂଶ ଶତାବ୍ଦୀରେ ଯେଭଳି ଭାବେ ଚୀନାମାନଙ୍କୁ ନିଶାସକ୍ତ କରି ଚୀନ୍‌ର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ତଳିତଳାନ୍ତ କରାଯାଇଥିଲା ସେହିକୌଶଳ ଏବେ ଆମେରିକା ବିରୋଧରେ ପ୍ରୟୋଗ କରିବା। ତେଣୁ ଏବେ ଭେନେଜୁଏଲା ଓ ମେକ୍ସିକୋ ଜରିଆରେ ଚୀନ୍ ବିପୁଳ ପରିମାଣରେ ଫେଣ୍ଟାନିଲ(ଅଫିମଠାରୁ ଆହୁରି ଶକ୍ତିଶାଳୀ) ଆମେରିକାକୁ ଚୋରାରେ ରପ୍ତାନି କରିଚାଲିଛି। ପେଟ୍ରୋଡଲାର ଦୁର୍ବଳ ହେବାର ଆଶଙ୍କା ସହିତ ସହିତ ସେଠାକାର ଯୁବବର୍ଗଙ୍କ ମଧ୍ୟରେ ଫେଣ୍ଟାନିଲ୍ ଆସକ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହିଧାରା ଜାରି ରହିଲେ ଆମେରିକାର ଅର୍ଥନୀତି ଭୁଶୁଡ଼ିବା ଅବଶ୍ୟମ୍ଭାବୀ। ଯଦିଓ ଜୋ ବାଇଡେନ ଓ ସି. ଜିନ ପିଙ୍ଗ୍‌ଙ୍କ ମଧ୍ୟରେ ଫେଣ୍ଟାନିଲକୁ ନେଇ କେତେକ ଆଲୋଚନା ହୋଇଥିଲା, ସେଥିରୁ କିଛିଫଳପ୍ରଦ ନିଷ୍କର୍ଷ ବାହାରି ପାରିନାହିଁ।

ଅତୀତରେ ପାଶ୍ଚାତ୍ୟ ଶକ୍ତିମାନେ ଅନୁନ୍ନତ ଏସୀୟ ଶକ୍ତିମାନଙ୍କୁ କଳେବଳେକୌଶଳେ ପଦାନତ କରିପାରିଥିଲେ। କିନ୍ତୁ ବର୍ତ୍ତମାନ ଏହା ସମ୍ଭବ ନୁହେଁ, ବିଶେଷ କରି ଏସିଆର ଅନ୍ୟତମ ମହାଶକ୍ତି ଚୀନ ପ୍ରସଙ୍ଗରେ।

(ଓଡ଼ିଶା ସ୍ୱାସ୍ଥ୍ୟ ସେବା)
ଭୁବନେଶ୍ୱର, ମୋ: ୮୧୪୪୦୪୨୯୯୭

# ଗାନ୍ଧୀ: ଏକ କାଳଜୟୀ ଚେତନାର ମହାଭାଷ୍ୟ

ମାନସ କୁମାର କର

ଇତିହାସର ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡରେ କିଛି ବ୍ୟକ୍ତିତ୍ୱ ଜନ୍ମ ନିଅନ୍ତି, ଯେଉଁମାନେ କେବଳ ସମୟକୁ ପ୍ରଭାବିତ କରନ୍ତି ନାହିଁ, ବରଂ ସମୟର ଗତିପଥକୁ ବଦଳାଇ ଦିଅନ୍ତି। ମୋହନଦାସ କରମଚାନ୍ଦ ଗାନ୍ଧୀ ସେହିଭଳି ଏକ ଅନନ୍ୟ ସତ୍ତା। ଗାନ୍ଧୀ କେବଳ ରକ୍ତମାଂସର ଏକ ଶରୀର ନଥିଲେ, ସେ ଥିଲେ ଏକ ଶାଶ୍ୱତ ଚେତନା। ଏମିତି ଏକ ଚେତନା, ଯାହା ଭାରତୀୟ ସଂସ୍କୃତିର ମୂଳଦୁଆରୁ ଜନ୍ମ ନେଇ ସମଗ୍ର ବିଶ୍ୱକୁ ମାନବିକତାର ନୂତନ ପାଠ ପଢ଼ାଇଥିଲେ। ଆଜିର ହିଂସାଜର୍ଜରିତ, ସ୍ୱାର୍ଥପର ଓ ବସ୍ତୁବାଦୀ ଦୁନିଆରେ 'ଗାନ୍ଧୀ' ଶବ୍ଦଟି ଏକ ପ୍ରାସଙ୍ଗିକତାର ମନ୍ତ୍ର ଭଳି ଶୁଭେ।

ଗାନ୍ଧୀଙ୍କ ଚେତନାର ଶିଖର ଥିଲା 'ଅହିଂସା'। ସାଧାରଣତଃ 'ଅହିଂସା'କୁ କେବଳ କାହାକୁ ଆଘାତ ନଦେବା ବୋଲି ବୁଝାଯାଏ। କିନ୍ତୁ ଗାନ୍ଧୀଙ୍କ ପାଇଁ ଏହା ଥିଲା ଏକ ସକ୍ରିୟ ଶକ୍ତି। ସେ ବୁଝାଇଥିଲେ ଯେ, ପ୍ରତିଶୋଧ ନେବା ପାଇଁ ସାହସ ଦରକାର ନାହିଁ। କିନ୍ତୁ କ୍ଷମା କରିବା ପାଇଁ ଅପରିମିତ ମନୋବଳ ଆବଶ୍ୟକ। ଗାନ୍ଧୀଙ୍କ 'ଅହିଂସା' ଦୁର୍ବଳର ଅସ୍ତ୍ର ନୁହେଁ, ବରଂ ବୀରର ପରିଚୟ। ସେ କହିଥିଲେ, 'ହିଂସା ଦ୍ୱାରା ପ୍ରାପ୍ତ ବିଜୟ କ୍ଷଣସ୍ଥାୟୀ, କାରଣ ତାହା ଘୃଣାର ମଞ୍ଜି ରୋପଣ କରେ।' ଆଜି ଯେତେବେଳେ ପରମାଣୁ ଅସ୍ତ୍ରର ଛାୟାରେ ବିଶ୍ୱ ଥରହର, ସେତେବେଳେ ଗାନ୍ଧୀଙ୍କ ସେହି ଅହିଂସା ଚେତନା ହିଁ ମାନବ ସଭ୍ୟତାର ଶେଷ ଆଶାବାଡ଼ି ଭଳି ପ୍ରତୀୟମାନ ହୁଏ।

ଗାନ୍ଧୀଙ୍କ ଜୀବନର ଅନ୍ୟ ଏକ ଦିଗ ହେଉଛି 'ସତ୍ୟ'। ତାଙ୍କ ପାଇଁ 'ସତ୍ୟ' କୌଣସି ଧାର୍ମିକ କର୍ମକାଣ୍ଡ ନଥିଲା, ବରଂ ଥିଲା ଜୀବନର ପରମ ଲକ୍ଷ୍ୟ। ସେ ନିଜକୁ ଏକ ପରୀକ୍ଷାଗାର ଭାବେ ବ୍ୟବହାର କରୁଥିଲେ। ତାଙ୍କର ଆତ୍ମଜୀବନୀ 'ସତ୍ୟର ପ୍ରୟୋଗ' ପଢ଼ିଲେ ଜଣାପଡ଼େ ଯେ, ସେ ନିଜଭିତରେ ଥିବା ସାଧାରଣ ମଣିଷଟିକୁ କିଭଳି କଠୋର ଅନୁଶାସନ ମଧ୍ୟରେ ମହାତ୍ମା କରି ଗଢ଼ିଥିଲେ। ସେ 'ସ୍ୱରାଜ'ର କଳ୍ପନା କରିଥିଲେ। କିନ୍ତୁ ତାଙ୍କ ପାଇଁ 'ସ୍ୱରାଜ'ର ଅର୍ଥ କେବଳ ଇଂରେଜ ଶାସନରୁ ମୁକ୍ତି ନଥିଲା; ତାଙ୍କ ପାଇଁ ଏହା ଥିଲା 'ନିଜ ଉପରେ ନିଜର ଶାସନ'। ଯଦି ଜଣେ ବ୍ୟକ୍ତି ନିଜର ଇନ୍ଦ୍ରିୟ ଓ ଚିନ୍ତାଧାରାକୁ ନିୟନ୍ତ୍ରଣ କରିପାରିବ ନାହିଁ, ତେବେ ସେ ପ୍ରକୃତ ସ୍ୱାଧୀନତା ପାଇବାକୁ ଅଯୋଗ୍ୟ ବୋଲି ସେ ମନେ କରୁଥିଲେ।

ଗାନ୍ଧୀଙ୍କ 'ଗ୍ରାମ୍ୟ ସ୍ୱରାଜ' ଓ 'ସ୍ୱଦେଶୀ' ଚିନ୍ତାଧାରା ଆଜିର 'ଗ୍ଲୋବାଲାଇଜେସନ' ଯୁଗରେ ଅଧିକ ପ୍ରାସଙ୍ଗିକ। ସେ କହିଥିଲେ, 'ପୃଥିବୀ ମଣିଷର ଆବଶ୍ୟକତା ପୂରଣ କରିବାକୁ ସକ୍ଷମ, କିନ୍ତୁ ତା'ର ଲୋଭ ପାଇଁ ନୁହେଁ।' ଏହି ଗୋଟିଏ ଧାଡ଼ି ଆଜିର ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଯଥେଷ୍ଟ। ଗାନ୍ଧୀ ବୃହତ ଶିଳ୍ପ ଅପେକ୍ଷା କୁଟୀର ଶିଳ୍ପ ଏବଂ ଗାଁର ବିକାଶ ଉପରେ ଗୁରୁତ୍ୱ ଦେଉଥିଲେ। ସେ ଚାହୁଁଥିଲେ ଯେଉଁଠି ଶ୍ରମିକର ହାତ ଶକ୍ତ ହେଉ, ମେସିନର ଶବ୍ଦରେ ମଣିଷର ଅସ୍ତିତ୍ୱ ହଜି ନଯାଉ। ଚରଖା କେବଳ ଏକ ସୂତା କଟା ଯନ୍ତ୍ର ନଥିଲା, ତାହା ଥିଲା ଶ୍ରମର ମର୍ଯ୍ୟାଦା ଏବଂ ସ୍ୱାବଲମ୍ବନଶୀଳତାର ପରିଭାଷା। ସାମାଜିକ କ୍ଷେତ୍ରରେ ଗାନ୍ଧୀ ଏକ ବିରାଟ ବିପ୍ଳବ ଆଣିଥିଲେ। ଅସ୍ପୃଶ୍ୟତା ନିବାରଣଠାରୁ ଆରମ୍ଭ କରି ନାରୀ ଶିକ୍ଷା ପର୍ଯ୍ୟନ୍ତ ସେ ପ୍ରତିଟି ପାରମ୍ପରିକ କୁସଂସ୍କାର ବିରୁଦ୍ଧରେ ଛିଡ଼ା ହୋଇଥିଲେ। ସମାଜର ଅନ୍ତିମ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିଟିର ଆଖିରୁ ଲୁହ ପୋଛିବା ହିଁ ତାଙ୍କର ପ୍ରକୃତ ରାଜନୀତି ଥିଲା। ତାଙ୍କର 'ଅନ୍ତ୍ୟୋଦୟ' ଚିନ୍ତାଧାରା ଅର୍ଥାତ୍ ସବୁଠାରୁ ପଛରେ ଥିବା ବ୍ୟକ୍ତିର ଉଦୟ ଆଜି ବି ଶାସନ ବ୍ୟବସ୍ଥାରେ ଏକ ଆଦର୍ଶ ହୋଇ ରହିଛି। ଗାନ୍ଧୀଙ୍କ ଚେତନା କେବଳ ଭାରତ ପାଇଁ ସୀମିତ ନଥିଲା। ଗାନ୍ଧୀଙ୍କ ପ୍ରଭାବ ଭୌଗୋଳିକ ସୀମାକୁ ମଧ୍ୟ ଅତିକ୍ରମ କରିଥିଲା। ମାର୍ଟିନ ଲୁଥର କିଙ୍ଗ ଜୁନିୟରଙ୍କ ନାଗରିକ ଅଧିକାର ଆନ୍ଦୋଳନ ହେଉ ଅବା ନେଲସନ ମାଣ୍ଡେଲାଙ୍କ ବର୍ଣ୍ଣବୈଷମ୍ୟ ବିରୋଧୀ ସଂଗ୍ରାମ, ଗାନ୍ଧୀବାଦ ହିଁ ଥିଲା ସେମାନଙ୍କର ପ୍ରେରଣା। ତାଙ୍କର ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ ତେନେ କହିୟେ...' ମଧ୍ୟରେ ସେହି ମାନବବାଦୀ ଦର୍ଶନ ଲୁଚି ରହିଛି, ଯିଏ ପରର ଦୁଃଖକୁ ନିଜର ମନେକରେ।

ଆଜିର ସମୟରେ ଆମେ ହୁଏତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ପୂଜା କରୁଛୁ, କିନ୍ତୁ ତାଙ୍କ ବିଚାରକୁ ଭୁଲିଯାଉଛୁ। ଗାନ୍ଧୀ ଜଣେ ବ୍ୟକ୍ତି ଭାବେ ଶାରୀରିକ ସ୍ତରରେ ବିଦାୟ ନେଇଥାଇ ପାରନ୍ତି, କିନ୍ତୁ ଚେତନା ଭାବେ ସେ ଅମର। ଯେପର୍ଯ୍ୟନ୍ତ ଦୁନିଆରେ ଅନ୍ୟାୟ ପ୍ରତି ଅସନ୍ତୋଷ ରହିଥିବ, ସେପର୍ଯ୍ୟନ୍ତ 'ସତ୍ୟାଗ୍ରହ' ପ୍ରାସଙ୍ଗିକ ରହିବ। ଯେପର୍ଯ୍ୟନ୍ତ ଘୃଣା ଓ ହିଂସା ରହିଥିବ, ସେପର୍ଯ୍ୟନ୍ତ 'ଅହିଂସା' ପ୍ରାସଙ୍ଗିକ ରହିବ। ଆଜି ଆମେ ହୁଏତ ଗାନ୍ଧୀଙ୍କୁ ମୁଦ୍ରା କିମ୍ବା କାନ୍ଥର ଫଟୋଚିତ୍ରରେ ସୀମିତ କରିଦେଇଛୁ। କିନ୍ତୁ ତାଙ୍କ ବିଚାରର ଅଗ୍ନି ଶିଖା ଆଜି ବି ଅନିର୍ବାଣ। ଯେପର୍ଯ୍ୟନ୍ତ ଦୁନିଆରେ ଅସହିଷ୍ଣୁତା ରହିଥିବ, ସେପର୍ଯ୍ୟନ୍ତ ଗାନ୍ଧୀ ପ୍ରାସଙ୍ଗିକ ରହିବେ। ତାଙ୍କୁ କେବଳ ଶ୍ରଦ୍ଧାଞ୍ଜଳି ଦେବା ଯଥେଷ୍ଟ ନୁହେଁ, ବରଂ ତାଙ୍କୁ ଆଚରଣରେ ଧାରଣ କରିବା ହିଁ ହେବ ଶ୍ରେଷ୍ଠ ପୂଜା। ଗାନ୍ଧୀ ଏକ ଅତୀତ ନୁହନ୍ତି, ସେ ହେଉଛନ୍ତି ଆମ ଭବିଷ୍ୟତର ମାନଚିତ୍ର।

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଆମ ବୃକ୍ଷଲତା ଆମ ଜୀବନ

## ବେଲ
(Bael or Stone Apple- Aegle marmelos)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ବେଲ ଭାରତୀୟ ଉପମହାଦେଶ ଏବଂ ଦକ୍ଷିଣ-ପୂର୍ବ ଏସିଆର ଏକ ମୂଳଜାତ ବୃକ୍ଷ। ଏହା ଓଡ଼ିଶା ଏବଂ ପୂର୍ବ ଭାରତୀୟ ରାଜ୍ୟରେ ଜଙ୍ଗଲୀ ଭାବରେ ବଢ଼ିଥାଏ। ଉତ୍ତରପ୍ରଦେଶ, ହିମାଳୟ ପାଦଦେଶ, ଡେକାନ୍ ମାଳଭୂମି ଏବଂ ଇଣ୍ଡୋ-ଗାଙ୍ଗେଟିକ ପ୍ଲେନ ବା ଭାରତ-ଗାଙ୍ଗେୟ ସମତଳ ଭୂମିରେ ମଧ୍ୟ ଚାଷ କରାଯାଏ।

ବେଲ ଏକ ମଧ୍ୟମ ଧରଣର ପର୍ଣ୍ଣମୋଚୀ ବୃକ୍ଷ, ଯାହା ୧୦ ମିଟରରୁ ଅଧିକ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଛାଲି ମସୃଣ, ଫିକା ମାଟିଆ କିମ୍ବା ଧୂସର ରଙ୍ଗର, ସୂକ୍ଷ୍ମ ଭାବରେ ଫାଟି ଫାଟି ଥାଏ। କଟା ଅଂଶରୁ ପତଳା ରସ କିମ୍ବା ଅଠା ବାହାରେ। ପତ୍ରଟି ଯୌଗିକ, ତ୍ରିପର୍ଣ୍ଣୀ, ବିକଳ୍ପ। ପ୍ରତ୍ୟେକ ପତ୍ର ସୂକ୍ଷ୍ମ ଅଗ୍ରଭାଗ ଓ ଗୋଲାକାର ଧାର ବିଶିଷ୍ଟ। ଫୁଲଗୁଡ଼ିକ ଫିକା ସବୁଜ କିମ୍ବା ହଳଦିଆ, ମଧୁର ସୁଗନ୍ଧଯୁକ୍ତ, ଉଭୟଲିଙ୍ଗୀ, ଡାଳ ଓ ପତ୍ର ଅକ୍ଷରେ ଗୁଚ୍ଛରେ ଝୁଲି ରହିଥାଏ। ଫଳ ଆକାରରେ ବଡ଼, ଗୋଲାକାର କିମ୍ବା ସାମାନ୍ୟ ନାସପାତି ଆକୃତିର ଏବଂ ଏକ ଘନ କଠିନ ଆବରଣ ଧାରଣ କରିଥାଏ। କାଠୀୟ ଖୋଳଟି ମସୃଣ, ସବୁଜ, ଧୂସର ରଙ୍ଗର ଏବଂ ସମ୍ପୂର୍ଣ୍ଣ ପାଚିଯିବା ପରେ ହଳଦିଆ କିମ୍ବା ବାଦାମୀ ରଙ୍ଗ ଧାରଣ କରେ। ଫଳ ଭିତରେ ପଲ୍ପ ସହିତ ଅନେକ ଚେପଟା-ଆୟତାକାର ବିହନ ଥାଏ। ଫଳଟି ଗଛରେ ପାଚିବାକୁ ବହୁତ ସମୟ ଲାଗେ। ଭିତରେ ସୁସ୍ୱାଦ ସୁଗନ୍ଧିତ, ମିଠା ଓ ସୁଖଦ ତନ୍ତୁମୟ ହଳଦିଆ ପଲ୍ପ ଭରି ହୋଇ ରହିଥାଏ। ଏଥିରେ ଅନେକ ଲୋମଶ ବିହନ ଏକ ପତଳା ମ୍ୟୁସିଲେଜ ବା ଅଠାଳିଆ ତରଳ ପଦାର୍ଥରେ ଆବଦ୍ଧ ହୋଇଥାଏ।

ବେଲର ସମସ୍ତ ଅଂଶ ବିଭିନ୍ନ ରୋଗର ଚିକିତ୍ସା ପାଇଁ ପାରମ୍ପରିକ ଔଷଧରେ ବ୍ୟବହୃତ ହୁଏ। ଏଥିରେ ଡାଇରିଆ ପ୍ରତିରୋଧୀ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଭାଇରାଲ୍, ରେଡିଓପ୍ରୋଟେକ୍ଟିଭ୍, ଆଣ୍ଟିକ୍ୟାନ୍ସର, କେମୋପ୍ରିଭେଣ୍ଟିଭ୍, ଆଣ୍ଟିପାଇରେଟିକ୍, ଅଲସର ହିଲିଂ, ଆଣ୍ଟିଜେନୋଟକ୍ସିକ, ଡାଇୟୁରେଟିକ୍, ଆଣ୍ଟିଫର୍ଟିଲିଟି ଏବଂ ପ୍ରଦାହ ପ୍ରତିରୋଧକ ଗୁଣ ଅଛି। ଫଳଟି ଭିଟାମିନ୍ ସିରେ ଭରପୂର ଥାଏ। ଫଳଗୁଡ଼ିକୁ ଗଛରୁ ତାଜା ଖାଇହେବ କିମ୍ବା ଶୁଖାଇ ପରେ କ୍ୟାଣ୍ଡି, ଟଫି, ପଲ୍ପ ପାଉଡର ଭଳି ପ୍ରସ୍ତୁତ କରି ଖିଆଯାଇପାରିବ। ତାଜା ପାଚିଲା ବେଲ ରସକୁ ଛାଣି ଗୁଡ଼ ବା ଚିନି, ଗୋଲମରିଚ ସହିତ ମିଶାଇ ପାନୀୟ ତିଆରି କରି ସେବନ କରାଯାଏ, ଯାହାକୁ ବେଲ ପଣା କୁହାଯାଏ।

ବେଲ ଗଛରେ ଏଜେଲାଇନ୍, ଏଗେଲ୍ ମାର୍ମେଲୋସିନ୍, ଫୁରୋକୋମାରିନ୍, ଜାଣ୍ଥୋଟକ୍ସୋଲ୍ ଓ ଆଲୋଇମ୍ପେରେଟୋରିନ୍‌ର ମିଥାଇଲ୍ ଏଷ୍ଟର୍, ଫ୍ଲାଭୋନଏଡ୍ସ, ରୁଟିନ୍ ଓ ମାର୍ମେସିନ୍, ଅନେକ ଅତ୍ୟାବଶ୍ୟକୀୟ ତେଲ ରହିଥାଏ। ଏହାର ଆଲକାଲଏଡ୍ ମଧ୍ୟରେ ଫାର୍ଗାରିନ୍, ଆଇସୋପେଣ୍ଟେନାଇଲହାଲଫୋର୍ଡିନଲ୍, ମିଥାଇଲହାଫୋର୍ଡିନଲ୍ ଥାଏ। ଏହା ଅକ୍ସାଲିକ୍, ଟାର୍ଟାରିକ, ମାଲିକ୍ ଓ ଆସ୍କର୍ବିକ୍ ଏସିଡ୍ ସମେତ ବିଭିନ୍ନ ଜୈବିକ ଅମ୍ଳରେ ଭରପୂର ଥାଏ। ଏହାର ବିହନ ତେଲରେ ସାଧାରଣ ଫ୍ୟାଟି ଏସିଡ୍ ବା ସ୍ନେହସାର ଅମ୍ଳ ସହିତ ଅନ୍ୟାନ୍ୟ ଅନେକ ଉପାଦାନ ଥାଏ।

ବେଲ ଗଛଗୁଡ଼ିକ ସାଧାରଣତଃ ହିନ୍ଦୁ ମନ୍ଦିର ଏବଂ ଘର ବଗିଚା ନିକଟରେ ଦେଖାଯାଇଥାଏ। ସଂସ୍କୃତରେ ଋଗବେଦରେ ଶ୍ରୀସୂକ୍ତରେ ବେଲର ଧାର୍ମିକ ଗୁରୁତ୍ୱର ପ୍ରାରମ୍ଭିକ ପ୍ରମାଣ ଦେଖାଯାଏ, ଯାହା ଏହି ଗଛକୁ ଧନ ଏବଂ ସମୃଦ୍ଧିର ଦେବୀ ଲକ୍ଷ୍ମୀଙ୍କ ବାସସ୍ଥାନ ଭାବରେ ପୂଜା କରେ। ବେଲ ଗଛକୁ ଦେବୀ ସତୀଙ୍କ ଅବତାର ଭାବେ ମଧ୍ୟ ବିବେଚନା କରାଯାଏ। ଭଗବାନ ଶିବ ବେଲ ଗଛକୁ ଭଲ ପାଆନ୍ତି। ସେ ବିଲ୍ୱଦଣ୍ଡ ନାମରେ ପରିଚିତ ଉପାଧି ପାଇଛନ୍ତି। ଏହାର ପତ୍ର ଓ ଫଳ ଶିବଙ୍କ ପୂଜାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ତ୍ରିପତ୍ରକୁ ଶିବଙ୍କ ତ୍ରିଶୂଳ ଓ ତ୍ରିନେତ୍ରର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ନେପାଳର ନେୱାର ସଂସ୍କୃତିର ଲୋକଙ୍କ ଦ୍ୱାରା 'ବେଲ ବିବାହ' ନାମରେ ଜଣାଶୁଣା ଝିଅମାନଙ୍କ ପାଇଁ ଏକ ପ୍ରଜନନ ରୀତିର ଅଂଶ। ଝିଅମାନଙ୍କୁ ବେଲ ଫଳ ସହିତ 'ବିବାହ' କରାଯାଏ; ଯେପର୍ଯ୍ୟନ୍ତ ଫଳକୁ ସୁରକ୍ଷିତ ରଖାଯାଏ ସେପର୍ଯ୍ୟନ୍ତ ଝିଅଟି କେବେ ବିଧବା ହେବ ନାହିଁ, ଏପରିକି ତାଙ୍କ ମାନବ ସ୍ୱାମୀ ମୃତ୍ୟୁବରଣ କଲା ପରେ ମଧ୍ୟ ବୋଲି ବିଶ୍ୱାସ ରହିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୨ରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନର ଧର୍ମଘଟ

# ଧର୍ମଘଟକୁ ସମର୍ଥନ ଘୋଷଣା କଲା ରାଜ୍ୟ କଂଗ୍ରେସ

ଭୁବନେଶ୍ୱର, ୮।୨(ସମିସ): ଆସନ୍ତା ୧୨ ତାରିଖ (ଗୁରୁବାର) ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମର୍ଥନ କରିଛି। ଏହି ମର୍ମରେ ପିସିସି ସଭାପତି ଭକ୍ତଚରଣ ଦାସ ଏକ ପ୍ରେସ୍ ବିବୃତିରେ କହିଛନ୍ତି, 'ଡବଲ୍' ସରକାର ଅମଳରୁ ଚାଲି ଆସିଥିବା କଲ୍ୟାଣକର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରି ଭିବି ଜି-ରାମ-ଜି ପରି ଶ୍ରମିକବିରୋଧୀ ଯୋଜନା ଆରମ୍ଭ କରିଛନ୍ତି। ଏହା ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ଦେଶବ୍ୟାପୀ ନିରନ୍ତର ଧର୍ମଘଟ, ବିକ୍ଷୋଭ, ଅନଶନ ଚାଲି ଆସିଛି। ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଯଥା ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ବିୟୁସିସି, ୟୁଟିୟୁସି, ଏଲ୍‌ପିଏଫ୍ ଓ ସେୱା ସମେତ ବିଭିନ୍ନ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ର କର୍ମଚାରୀ ସଂଗଠନ ପରି ୫୦ରୁ ଅଧିକ ସ୍ୱାଧୀନ ମହାସଂଘ ଆହ୍ୱାନରେ ମନରେଗା ଉଚ୍ଛେଦ ବିରୋଧରେ ଓ ଶ୍ରମିକ-ବିରୋଧୀ ୪ ଶ୍ରମ-କୋଡ୍ ବାତିଲ ଦାବିରେ ଦେଶବ୍ୟାପୀ ଧର୍ମଘଟ କରାଯାଉଥିବାରୁ କଂଗ୍ରେସ ଏହାକୁ ସମର୍ଥନ କରୁଛି।

ସୂଚନାଯୋଗ୍ୟ, ପିସିସିର ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ଦେବା ଓ ଚାଷୀଙ୍କ ପାଇଁ ବିଜୁଳି ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବା ଦାବିରେ ଗତ ଦୁଇମାସ ହେଲା ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଆସୁଛି। ବିହନ, ସାର ଓ ଧାନସଂଗ୍ରହରେ ଅବ୍ୟବସ୍ଥା କରି ରାଜ୍ୟ ସରକାର ଚାଷୀକୁଳକୁ ଚରମ ଦୁର୍ଦ୍ଦିନକୁ ଠେଲି ଦେଇଛନ୍ତି। ମନରେଗା, ବିଜୁଳି ଓ ଚାଷୀଙ୍କ ସମସ୍ୟା ପ୍ରସଙ୍ଗକୁ ୧୨ ତାରିଖର ଧର୍ମଘଟରେ ଉପରୋକ୍ତ ସଂଗଠନମାନେ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଉଛି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଶ୍ରମିକ, ସାଧାରଣ ଉପଭୋକ୍ତା ଓ ଚାଷୀମାନଙ୍କର ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶାରେ କଂଗ୍ରେସର ତୃଣମୂଳସ୍ତରରୁ ଯାଏ ନେତା ଓ କର୍ମୀ ଏହି ଧର୍ମଘଟକୁ ସମର୍ଥନ କରିବା ପାଇଁ ପିସିସି ସଭାପତି ଦାସ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଦାସ କହିଛନ୍ତି।

ସୂଚନାଯୋଗ୍ୟ, ଆଇଏନଟିୟୁସି ସର୍ବଭାରତୀୟ ଉପସଭାପତି, ଓଡ଼ିଶା ରାଜ୍ୟ ଶାଖା ସଭାପତି ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଶନିବାର କଂଗ୍ରେସ ଭବନରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ସାକ୍ଷାତ କରି ଧର୍ମଘଟ ବିଷୟରେ ଅବଗତ କରାଇବା ସହ ଦଳର ସମର୍ଥନ ଲୋଡ଼ିଥିଲେ। ଏହାପରେ ପିସିସି ଏହି ଆନ୍ଦୋଳକୁ ସମର୍ଥନ ଘୋଷଣା କରିଛି।

# ପୁଣି ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍ ଅଚଳ

## ବୈଷୟିକ ସହାୟତା ପାଇଁ ଫୋନ୍ ଉଠାଉନାହାନ୍ତି କର୍ମଚାରୀ

ଭୁବନେଶ୍ୱର, ୮।୨ (ସମିସ): ସ୍ୱୟଂପୁନି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ୱେବସାଇଟ୍ ଅଚଳ। ପୂର୍ବରୁ ଧିମା ଚାଲୁଥିବା ବେଳେ ଆବେଦନ ଅବଧିକୁ ୧୫ଦିନ ବୃଦ୍ଧି କରାଯାଇଛି। ମାତ୍ର ଏଥର ବୈଷୟିକ ତ୍ରୁଟି ସୁଧାରିବାରେ କର୍ତ୍ତୃପକ୍ଷ ବିଫଳ ହେଉଛନ୍ତି। ନୂତନ ପଞ୍ଜିକରଣ ସମ୍ଭବ ହେଉ ନ ଥିବା ବେଳେ ପଞ୍ଜିକରଣ କରିଥିବା ଛାତ୍ରଛାତ୍ରୀ ମଧ୍ୟ ଆବେଦନ କରିପାରୁନାହାନ୍ତି। ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ହେଲା, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ବୈଷୟିକ ସହାୟତା ପାଇଁ ଦିଆଯାଇଥିବା ନମ୍ବରରେ କେହି ଫୋନ୍ ଉଠାଉନାହାନ୍ତି। ଫଳରେ ଆବେଦନ କରିବା ନେଇ ପୁଣିଥରେ ଛାତ୍ରଛାତ୍ରୀମାନେ ଆଶଙ୍କାରେ ପଡ଼ିଛନ୍ତି।

ପ୍ରାୟ ୩ଦିନ ନୂତନ ପଞ୍ଜୀକରଣ ପାଇଁ ଉଭୟ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡିକୁ ସମାନ ଓଟିପି ଆସୁଛି। ତାହା ଦାଖଲ କରିବା ପରେ ଅବୈଧ ବୋଲି ୱେବସାଇଟ୍‌ରେ ଦର୍ଶାଉଛି। ଫଳରେ ନୂତନ ପଞ୍ଜୀକରଣ ସମ୍ଭବ ହେଉନାହିଁ। ଅପରପକ୍ଷରେ, ପୂର୍ବରୁ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀମାନେ ଆବେଦନ କରିବା ପାଇଁ ଅଗ୍ରସର ହେଉଛନ୍ତି। ସମସ୍ତ ତଥ୍ୟ ଦାଖଲ କରି ସବମିଟ୍ ମାରିବା ପରେ ୱେବସାଇଟ୍ ସମ୍ପୂର୍ଣ୍ଣ କ୍ରାସ ହୋଇଯାଉଛି। ବ୍ୟାପକ ବୈଷୟିକ ତ୍ରୁଟି ଲାଗି ରହିଥିବା ବେଳେ ଓଏସ୍‌ଏସ୍‌ଏସ୍‌ସି କର୍ମଚାରୀମାନେ ବେପରୁଆ ହୋଇ ବସିଛନ୍ତି। ସ୍ଥାୟୀ ସମାଧାନ କରିବାରେ ଅକ୍ଷମ କର୍ତ୍ତୃପକ୍ଷ ୱେବସାଇଟ୍‌ରେ ଉପଲବ୍ଧ ଫୋନ୍ ନମ୍ବରରେ କଲ୍ କଲେ ମଧ୍ୟ ଉଠାଉ ନାହାନ୍ତି। ଫଳରେ ଆବେଦନ କରିପାରିବା ନେଇ ଆଶାୟୀମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ବାରମ୍ବାର ୱେବସାଇଟ୍ ତ୍ରୁଟି ହେଉଥିବାବେଳେ ସରକାର କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରୁଛନ୍ତି।

# ବିଜେଡିରୁ ନିଲମ୍ବିତ ହେଲେ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା

ଭୁବନେଶ୍ୱର, ୮।୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରାଇ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏନେଇ ରାଜ୍ୟ ବିଜେଡି ମୁଖ୍ୟାଳୟ ଉପ-ସଭାପତି ପ୍ରଫୁଲ୍ଲ ଜେନାଙ୍କ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସରୋଜିନୀଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ସେ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 06.02.2026, I Jhunu Lata Senapati resident At/Po-Konark, Adhula, Dist-Puri, Odisha, Pin-752111, declare that I have changed the name of my Daughter from Sushree Amrita Senapati to Parbeen Senapati. Henceforth, she will be known as Parbeen Senapati for all purposes.

Jhunu Lata Senapati

**AFFIDAVIT**
**Change of Name (Minor)**

By virtue of an affidavit sworn before The Notary Public, Titilagarh, on dated-07/02/2026. I, Pratima Tandi (applicant name), W/o Dilip Ghivela, permanent & current resident of AT: Pitapara, Bitabandh, PO: Malisira, PS: Titilagarh, Dist: Balangir, State: Odisha, PN: 767037 declare that I have changed my minor daughter's name from Priyanka Ghivela to Pritika Ghivela. Henceforth, I shall be known as Pritika Ghivela (new name) for all future purposes.

Pratima Tandi

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଠୁନାହିଁ ଧାନ...

ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ପଡ଼ି ରହିଛି। ଫଳତଃ ରାଜ୍ୟର ମିଲରମାନେ ନୂଆ ଧାନ ଉଠାଇବାକୁ ବିଶେଷ ଆଗ୍ରହ ପ୍ରକାଶ କରୁ ନାହାନ୍ତି ବୋଲି ସେ କହିଛନ୍ତି। ଏହାସହିତ କିଛି ଦିନ ପୂର୍ବରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବା ଓ ସରକାର ସେମାନଙ୍କ ଦାବି ପୂରଣ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲେ ମଧ୍ୟ ସରକାର ନିଜର ପ୍ରତିଶୃତି ପୂରଣ କରିବାକୁ ଭୁଲିଯାଇଥିବା ଅଭିଯୋଗ ହୋଇଛି।

ମିଲର-ସରକାରଙ୍କ ପ୍ରାୟୋଜିତ ନାଟକ ଯୋଗୁଁ କ୍ଷତିଗ୍ରସ୍ତ ଚାଷୀ ଆନ୍ଦୋଳନକୁ ଓହ୍ଲାଉଛନ୍ତି । ମାତ୍ର ଏହି ଆନ୍ଦୋଳନ ସରକାରଙ୍କୁ ହଜମ ହେଉନାହିଁ । ଖୋଦ୍ ଉପମୁଖ୍ୟମନ୍ତ୍ରୀ ଚାଷୀମାନେ 'ନୌଟଙ୍କୀ' କରୁଛନ୍ତି ବୋଲି କହିଲେ, ଆଉ ଜଣେ ମନ୍ତ୍ରୀ ଚାଷୀଙ୍କୁ 'ଆନ୍ଦୋଳନଜୀବୀ' ଆକ୍ଷେପ କଲେ । ଏବେ ସମବାୟ ମନ୍ତ୍ରୀ ଧାନ ବିକ୍ରି ପାଇଁ ମଣ୍ଡିରେ ବସିଥିବା ଚାଷୀଙ୍କୁ 'ଫେକ୍ ଚାଷୀ' ଆକ୍ଷେପ କଟା ଘା'ରେ ଚୂନ ମାରିବା ପରି ହୋଇଛି । ରବିବାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଧିମା ଧାନ କିଣା ବ୍ୟବସ୍ଥାକୁ ସ୍ୱୀକାର କରିଥିଲେ ମଧ୍ୟ ଏଥିପାଇଁ ଚାଷୀଙ୍କୁ ଦାୟୀ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଧାନକିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି। ସରକାରଙ୍କୁ ବଦ୍‌ନାମ କରିବାକୁ କିଛି ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି। ସେଥିରେ ସେମାନେ ସଫଳ ହେବେନି। ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନେ ଚାଷୀ ନୁହନ୍ତି। ଅନାବାଦୀ ଗୋଚର ଭଳି ଅନେକ ସ୍ଥାନରେ ଚାଷ ହୋଇଛି। ସେମାନଙ୍କୁ ନୋଟିସ୍ ହୋଇଛି, ନ ଚେତିଲେ କାର୍ଯ୍ୟାନୁଷ୍ଠାନ ହେବ। ବଡ଼ ଚାଷୀମାନେ ଏହି ବିରୋଧ କରୁଛନ୍ତି। ଗତ ବର୍ଷ ୫ ଶହ କ୍ୱିଣ୍ଟାଲ ଧାନ ସେମାନେ ବିକ୍ରି କରିଥିଲେ, ଏଥର କ୍ୟାପ୍ସ ହୋଇଥିବାରୁ ଅସୁବିଧାରେ ପଡ଼ୁଛନ୍ତି। ଅନ୍ୟପଟେ ମିଲରଙ୍କ ପାଖରେ ଜାଗା ନ ଥିବାରୁ ଧାନ କିଣା ପ୍ରକ୍ରିୟା ଧିରେ ହେଉଛି ବୋଲି ମନ୍ତ୍ରୀ କହିବା ସହ ଯାହାଙ୍କର ଟୋକନ ଲାପ୍ସ ହେଉଛି, ଆଉ ୧୫ ଦିନ ଟୋକାନ ଅବଧି ବୃଦ୍ଧି କରିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଥିବା ସେ କହିଛନ୍ତି।

### ବିକ୍ରମ ପଣ୍ଡା...

ନେବାକୁ ଡାକ୍ତର ପରାମର୍ଶ ଦେବା ସହିତ ୭ ଦିନ ପରେ ପୁଣି ସ୍ୱାସ୍ଥ୍ୟ ପରୀକ୍ଷା ପରେ ପରବର୍ତ୍ତୀ ଚିକିତ୍ସା କରାଯିବ ବୋଲି କହିଥିଲେ। ପରେ ବିକ୍ରମଙ୍କୁ ପୁଣି ଥରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ନିଆଯାଇଥିଲା। ମାତ୍ର କିଛି ସମୟ ପରେ ପୁଣି ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ଯନ୍ତ୍ରଣାରେ ଛଟପଟ ବିକ୍ରମ ଆଜି ଦିନତମାମ ଖାଦ୍ୟ ଗ୍ରହଣ କରିନଥିଲେ। ଫଳରେ, ବିକ୍ରମଙ୍କୁ ସନ୍ଧ୍ୟାରେ ପୁଣିଥରେ ଏମ୍‌କେସିଜି ମେଡିକାଲକୁ ନେବାକୁ ଜେଲ୍‌ର ଡାକ୍ତର ପରାମର୍ଶ ଦେଇଥିଲେ। ଆଜି ବିକ୍ରମଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ମେଡିକାଲକୁ ଅଣାଯାଇଥିବା ବେଳେ ତାଙ୍କୁ ଦେଖିବାକୁ ତାଙ୍କ ବାପା, ପତ୍ନୀ, ଭଉଣୀ ଓ ସାନପୁଅ ସମେତ ବହୁ କର୍ପୋରେଟର ଓ ସମର୍ଥକ ପହଞ୍ଚିଥିଲେ।

### ବାଇକ୍ ଦୁର୍ଘଟଣାରେ...

ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଠାବ କରିବାକୁ ଚେଷ୍ଟା ଚଳାଇଛି।

ସୂଚନାନୁଯାୟୀ, ଅଜା-ଆଇ ଓ ନାତି ଆଜି ସକାଳେ ମୋହନଙ୍କ ଘର ଧରାଖମନକୁ ବୁଲି ଆସିଥିଲେ। ସଂଧ୍ୟାରେ ସେମାନେ ଫେରିବାକୁ ଚାହିଁବାରୁ ମୋହନ ତାଙ୍କୁ ଏକ ବାଇକ୍‌ରେ ଗାଁକୁ ଛାଡ଼ିବାକୁ ନେଇଥିଲେ। ଏହି ସମୟରେ ପଣ୍ଡରେନ୍ ଗାଁ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ କ୍ଷୀର ଓ ନାତି ଦେବାଶିଷଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ସହ ଗୁରୁତର କୁନି ଓ ମୋହନଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଗୋଟିଏ ପରିବାରର ତିନିତିନିଜଣଙ୍କ ମୃତ୍ୟୁକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି।

### ରୋଗୀ ସମେତ...

ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି।

ସୂଚନାନୁସାରେ, ଚିକିଟି ବ୍ଲକ ପାତିସୁନାପୁର ଗାଁର ଏକ ପକ୍ଷାଘାତ ରୋଗୀ ବ୍ରହ୍ମପୁର ବଡ଼ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ସମ୍ପର୍କୀୟ ଅଧିକ ଚିକିତ୍ସା ପାଇଁ ଶନିବାର ବିଳମ୍ବିତ ରାତିରେ ଏକ ସ୍କର୍ପିଓ ଯୋଗେ ଏମ୍‌କେସିଜିରୁ ଆନ୍ଧ୍ରର ବିଶାଖାପାଟଣା ଏମ୍ସ ମେଡିକାଲ ନେଉଥିଲେ। ହେଲେ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲା ଟେକିଲି ନନ୍ଦିଗାଁ ନିକଟରେ ଦୁର୍ଘଟଣା ଘଟିଥିଲା। ଫଳରେ ପକ୍ଷାଘାତ ରୋଗୀଙ୍କ ଡାଲିଆଙ୍କ ସମେତ ତାଙ୍କ ଭାଉଜ ଚନ୍ଦ୍ରମଣିଙ୍କ ପ୍ରାଣହାନୀ ଘଟିଥିଲା। ଅନ୍ୟ ୫ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କ ଭିତରୁ ୪ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିବା ବେଳେ ଆଉ ଜଣକୁ ବିଶାଖାପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ, ଡବ୍ଲୁ. ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଜଣେ ଶିଶୁ।

### ଦମ୍ପତିଙ୍କ ସମେତ...

ବରିଗୁଡ଼ା ଗ୍ରାମ ଛକ ନିକଟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଉକ୍ତ ବାଇକ୍‌ରେ ଚିନ୍ତାଙ୍କ ସମେତ ୩ଜଣ କୁମୁଡୁପାଡୁ ଗ୍ରାମକୁ ଫେରୁଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଚିନ୍ତା ଓ ଅନିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାସହ ଅନିତାଙ୍କ ଦୁଇ ପୁଅଙ୍କ ସମେତ ସ୍ୱାମୀ ଆପ୍ପା ରାଓ ଏବଂ ଅନ୍ୟ ବାଇକ୍‌ରେ ଥିବା ୨ଜଣ ଗୁରୁତର ଆହତ ହୋଇଥିଲେ। ସୁଙ୍କି ଥାନା ପୁଲିସ ଗୁରୁତରମାନଙ୍କୁ ଉଦ୍ଧାର କରି ଦୁଇଜଣଙ୍କୁ ସହିଦ ଲକ୍ଷ୍ମଣ ନାୟକ କଲେଜ ଓ ହସ୍ପିଟାଲ ଏବଂ ଅନ୍ୟ ୩ଜଣଙ୍କୁ ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆପ୍ପା ରାଓଙ୍କ ମୃତ୍ୟୁ ଘଟିଛି।

### ଭାରତରେ ମିଳୁଛି...

ଏହି ର୍‍ୟାକେଟର କାମ କରିବାର ଶୈଳୀ ପୂରା ଭିନ୍ନ ହୋଇଥାଏ। ପ୍ରଥମେ ଗାଁରେ ୨୫ରୁ ୪୦ ବର୍ଷରୁ ଯୁବକଙ୍କୁ ଖୋଜାଯାଏ, ଯେଉଁମାନେ ପରିବାରଠାରୁ ଅଲଗା ରୁହନ୍ତି କିମ୍ବା ଆର୍ଥିକ ଅଭାବରେ ରହୁଛନ୍ତି। ସେମାନଙ୍କୁ ଭାରତରେ ହୋଟେଲରେ ଚାକିରି ଦେବା ବାହାନାରେ ବିମାନ ଯୋ।।ଗେ ଦିଲ୍ଲୀ, ହାଇଦରାବାଦ କିମ୍ବା ବେଙ୍ଗାଲୁରୁ ଅଣାଯାଏ। ଏହାପରେ କିଡନୀ ବାହାର କରିବାର ୬ ମାସ ପରେ ସେମାନଙ୍କୁ ପୁଣି ନେପାଳ ପଠାଇ ଦିଆଯାଏ। କାଠମାଣ୍ଡୁ କୋର୍ଟରେ ଦାଖଲ ହୋଇଥିବା ଚାର୍ଜସିଟ୍ ଅନୁଯାୟୀ, ଗିରଫ ହୋଇଥିବା ୫ ଜଣ ନେପାଳୀ ତସ୍କରଙ୍କ କିଡନୀ ମଧ୍ୟ ପୂର୍ବରୁ ବାହାର କରାଯାଇ ସାରିଛି। ଏହି ର୍‍ୟାକେଟରେ ଦିଲ୍ଲୀର କିଛି ହସ୍ପିଟାଲ ଓ କୋଲକାତାର ନାମୀଦାମୀ ମେଡିକାଲ ସଂସ୍ଥାର ନାମ ସାମ୍ନାକୁ ଆସିଛି। ଦିଲ୍ଲୀର ତିଲକ ନଗର ସ୍ଥିତ ଏକ ଲ୍ୟାବ୍‌ରେ ସମସ୍ତ ଟେଷ୍ଟ କରାଯାଉଥିଲା। ଏହି କିଡ଼ନୀ କାରବାରରେ ଗ୍ରାହକଙ୍କ ପାଇଁ ୩୫ରୁ ୪୦ ଲକ୍ଷ ଖର୍ଚ୍ଚ ହୋଇଥାଏ। କିଡନୀ ଦେଉଥିବା ବ୍ୟକ୍ତିଙ୍କୁ ୪ରୁ ୫ ଲକ୍ଷ ଟଙ୍କା ମିଳେ। ର୍‍ୟାକେଟ ପରିଚାଳକଙ୍କୁ ପାଇଁ ୨୫ ଟଙ୍କା ମିଳିଥାଏ। ସେହିପରି ସୀମାରୁ ଦିଲ୍ଲୀ ଆଣିବା ଖର୍ଚ୍ଚ ୧ରୁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।

# ପୋଲ ତଳୁ ହୋମ୍‌ଗାର୍ଡଙ୍କ ସହ ୨ ଶବ ଉଦ୍ଧାର

ନନ୍ଦପୁର, ୮।୨(ସମିସ): ନନ୍ଦପୁର ଥାନା ଖୁଲୁଆ ପେଟିଆବେଡ଼ା ବ୍ରିଜ୍ ତଳୁ ଜଣେ ହୋମ୍‌ଗାର୍ଡଙ୍କ ସମେତ ଦୁଇଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଦ୍ୱୟ ହେଲେ, ହୋମଗାର୍ଡ ଭଗବାନ ଖରା ଓ ହିକିମପୁଟ ପଞ୍ଚାୟତ ସଦର ଗ୍ରାମ ହିକିମପୁଟର ଉଗ୍ରସେନ ପାଙ୍ଗି। ପେଟିଆ ବେଡ଼ା ବ୍ରିଜ୍ ତଳୁ ଆଜି ସକାଳେ ଦୁହିଁଙ୍କ ଶବ ଜବତ ହୋଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଦୁହିଁଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି। ଦୁହିଁଙ୍କ ମୃତ୍ୟୁ ପଛରେ ଦୁର୍ଘଟଣା ନା ଅନ୍ୟ କୌଣସି କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏଥିରେ ସ୍ୱଷ୍ଟତା ଆସିବ ବୋଲି ପୁଲିସ କହିଛି।



ସୂଚନାନୁସାରେ, ହିକିମପୁଟର ଉଗ୍ରସେନ ପାଙ୍ଗି ଗତକାଲି ସଂଧ୍ୟାରେ ନିଜ ବାଇକ୍‌ରେ ଦାମନଯୋଡ଼ିରୁ ଘରକୁ ଫେରୁଥିଲେ। ତାଙ୍କ ସହ ନନ୍ଦପୁର ଥାନାରେ କାର୍ଯ୍ୟରତ ହୋମଗାର୍ଡ ଭଗବାନ ଖରା ଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନେ ଘରେ ନପହଞ୍ଚିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସକାଳ ହେବା କ୍ଷଣି ଦୁଇ ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ନନ୍ଦପୁର ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ଏହାକୁ ଗୁରୁତ୍ୱର ସହ ନେଇ ଖୋଜାଖୋଜି ଆରମ୍ଭ କରିଥିଲେ। ନନ୍ଦପୁରଠାରୁ ହିକିମପୁଟ ପର୍ଯ୍ୟନ୍ତ ରହିଥିବା ସମସ୍ତ ନାଳ, ପୋଲ ସହ ବ୍ରିଜ୍ ତଳେ ଖୋଜାଖୋଜି କରିଥିଲେ। ପେଟିଆବେଢା ବ୍ରିଜ୍ ତଳେ କିଛି ଭାସୁଥିବା ଦେଖି ସନ୍ଦେହ ହେବାରୁ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପୋଲ ତଳୁ ପାଣି ଭିତରୁ ହୋମ୍‌ଗାର୍ଡ ଭଗବାନ ଓ ଉଗ୍ରସେନଙ୍କ ଶବ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ଉଗ୍ରସେନଙ୍କ ବାଇକ୍ ମଧ୍ୟ ଜବତ ହୋଇଥିଲା। ଖବର ପାଇ ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ଏସଡିପିଓ ଶ୍ରୀ ମଲ୍ଲିକ ଦୁଃଖ ପ୍ରକାଶ କରିଛନ୍ତି। ଦୁଇ ମୃତକଙ୍କ ପରିବାରକୁ ରେଡକ୍ରସ୍ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ ଓ ଉପସଭାପତି ଜୟରାମ ଭୋଇ ଦାବି କରିଛନ୍ତି। ତେବେ ଦୁର୍ଘଟଣା ଯୋଗୁଁ ଦୁହିଁଙ୍କ ମୃତ୍ୟୁ ଘଟିଛି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

# ଜୁନାଗଡ଼ ଓ ଭବାନୀପାଟଣାର ଇଂରାଜୀ ବନାନ ସଂଶୋଧନ ଦାବି

ଭୁବନେଶ୍ୱର, ୮।୨(ସମିସ): ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ୍ ସଂଶୋଧନ କରିବାକୁ ରାଜ୍ୟ ସରକାର ଏକ ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ କରିବା ପରେ ବିଭିନ୍ନ ସ୍ଥାନରେ ଇଂରାଜୀ ବନାନ ପରିବର୍ତ୍ତନ କରିବାକୁ ଦାବି ହେଉଛି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନର ନାମ ପରିବର୍ତ୍ତନ କରିବାକୁ ଗବେଷକ ଡ଼. ଲୋକେଶ ଦୁର୍ଗା ସରକାରଙ୍କ ପାଖରେ ଦାବି କରିଛନ୍ତି। କଳାହାଣ୍ଡି ଜିଲ୍ଲାର ଜୁନାଗଡ଼, ଧର୍ମଗଡ଼ ଓ ଲାଞ୍ଜିଗଡ଼ର ଇଂରାଜୀ ବନାନ୍‌କୁ ପରିବର୍ତ୍ତନ କରି ଜିଏଆର୍‌ଏଚ୍ (ଗର୍) ବଦଳରେ ଜିଏଡି (ଗଡ଼) କରିବାକୁ ଦାବି କରିଛନ୍ତି। ସେହିପରି ଓଡ଼ିଆ ବନାନରେ ଭବାନୀପାଟଣା କୁହାଯାଉଥିଲେ ମଧ୍ୟ ଇଂରାଜୀ ବନାନରେ ଭବାନୀପାଟଣା ଲେଖାଯାଉଛି। ଇଂରାଜୀରେ ଜଇପାଟଣା ଲେଖା ଯାଉଥିବା ବେଳେ ତାକୁ ସଂଶୋଧନ କରି ଜୟପାଟଣା କରିବାକୁ ମଧ୍ୟ ସେ ଦାବି କରିଛନ୍ତି। ଇଂରାଜୀ ବନାନ ସଂଶୋଧନ ପ୍ରକ୍ରିୟାରେ ଏହି ସ୍ଥାନଗୁଡ଼ିକ ସାମିଲ କରିବା ପାଇଁ ଶ୍ରୀ ଦୁର୍ଗା ଦାବି କରିଛନ୍ତି।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, GANJAM**
**DISTRICT PROGRAMME MANAGEMENT UNIT**
Tender No. 1317 Date 30.01.2026
**TENDER CALL NOTICE**
10001/26/2526

Sealed Tenders are invited from the interested firms /agencies / Organization for supply of Non-Pneumatic Anti Shock Garment (NASG) to the office of under signed, last date for closing of bid is 19.02.2026 at 5.00PM. Detail term and conditions are available in the district website (https://ganjam.odisha.gov.in/)The bidding documents complete in all respect should reach the District Programme Management Unit, O/O- CDM&PHO, DHH, Ganjam on or before 19.02.2026 through Speed Post /Reg.Post/ courier and super scribed as "BID DOCUMENTS FOR TENDER CALL NOTICE NO._______.The bids will be opened on 20.02.2026 at 11 A.M. The Undersigned reserves the right to cancel or accept any Tender fully or partially without assigning any reason there-of.

OIPR-10001/10041/1/25-26/0001 — Chief District Medical & Public Health Officer, Ganjam

**OFFICE OF THE DEPUTY DIRECTOR, NANDANKANAN ZOOLOGICAL PARK**
P.O.-BARANG, DIST-KHURDA, PIN-754005
PHONE NO- 9437022023
Email: deputydirector.kanan@gmail.com
Web: www.nandankanan.org
8001/22/2526
NANDANKANAN — CONSERVE | EDUCATE | INSPIRE

**TENDER NOTICE**

Notice No. 07 /NKZP/2026-27 — Date: 06.02.2026

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockists / firms for Supply of Veterinary Medicine, drug, surgical equipments and other accessories for the period of one financial year, 2026-27 for use in Zoo Veterinary Hospital for treatment of Zoo animals. The detailed terms and conditions along with tender documents shall be available at the website: **www.nandankanan.org** from **09.02.2026** onwards. The last date of submission of bid is **20.02.2026 at 05.00 PM** and date of opening of Bid will be on **21.02.2026 at 11.00 AM.**

OIPR-8001/8070/1/25-26/0022 — **Deputy Director, Nandankanan Zoological Park**

**OFFICE OF THE SR. GENERAL MANAGER (ELECTRICAL)**
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, VaniviharChhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
32001/41/2526

**NOTICE INVITING TENDER No.UIHEP-44/ 2025-26 DATED.03.02.2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from registered Contractors / Firms / Agencies / Manpower Service Provider meeting eligibility criteria only for execution of the following work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
| --- | --- | --- | --- | --- | --- |
| Engagement of 01 (One) No. of Ward Attendant & 02 (Two) Nos. of Hospital Attendant at UIP Hospital and 03 (Three) Nos. of Office Attendant at UIHEP, Mukhiguda for a period of 01 (One) year | 4,720/- (inclusive ofGST) | 11,800/- | From 09.02.2026 to 21.02.2026 up to 12:00Hrs. | 21.02.2026 (up to 13:00Hrs) | 21.02.2026 at 16:00 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-32001/32136/1/25-26/0035 — C&P Head, UIHEP, Mukhiguda

**INVITATION FOR BIDS (IFB)** 25001/44/2526
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 34 OF 2025-26**
(06752) 251276 Fax - (06752) 251276 E-mail – eerwsspuri@gmail.com

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Construction of office building for RWSS Sub-Division, Puri in Puri District. |
| --- | --- | --- |
| 1. | No. of works: | 01 (ONE) |
| 2. | Estimated Cost: | Rs **69.80** lakhs (app.) |
| 3. | Time for completion: | 9 (Nine) Months |
| 4. | Cost of bidding document: | Rs.10,000/- |
| 5. | Class of Contractors eligible: | **B & A** |
| 6. | Availability of bids on-line: | From 11.00 hour of **12.02.2026** to 17.00 hours of **26.02.2026** |
| 7. | Last date and time for seeking clarification: | 17.00 hours of **23.02.2026** |
| 8. | Date & time of opening of technical bids: | On dt **27.02.2026** at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the web site.

Sd/- Superintending Engineer, RWS&S Division, Puri

OIPR-25001/25017/1/25-26/0001

बैंक ऑफ़ महाराष्ट्र Bank of Maharashtra — भारत सरकार का उद्यम — एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯
ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨
ଇ-ମେଲ୍: cmrecovery_bbsr@mahabank.co.in

**ଦଖଲ ନୋଟିସ୍** [ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
| --- | --- | --- | --- |
| **ବରଗଡ଼ ଶାଖା /** ଋଣଗ୍ରହୀତା: **ଶ୍ରୀମତୀ ସୁବନ୍ତୀ ମେହେର**, ସ୍ୱାମୀ: କାର୍ତ୍ତିକ ମେହେର, ଦେଉଳପଦର, ବ୍ରାହ୍ମଣୀ, ମେଣ୍ଡା, ସୁବର୍ଣ୍ଣପୁର, ଓଡ଼ିଶା, ପିନ୍-୭୬୭୦୧୬ | ନିର୍ମାଣ ହୋଇଥିବା / ନିର୍ମାଣ ହେବାକୁ ଥିବା ଗଣପତି ଭିଲ୍ଲା ଆପାର୍ଟମେଣ୍ଟ ବିଲ୍ଡିଂ ପ୍ରୋଜେକ୍ଟସ୍/ସୋସାଇଟିର ବାସୋପଯୋଗୀ ଫ୍ଲାଟ/ଆପାର୍ଟମେଣ୍ଟ ନଂ.: ୧୦୯, ପରିମିତ କ୍ଷେତ୍ର: ୧୨୦୧ ବର୍ଗଫୁଟ (କାର୍ପେଟ) ଏବଂ ୧୪୧୩ ବର୍ଗଫୁଟ (ବିଲ୍ଟ ଅପ), ଏସ୍ ନଂ./ଜିଏଟି ନଂ./ସିଟିଏସ୍ ନଂ./ଫ୍ଲାଟ୍ ନଂ.: ୧୦୯, ବି ବ୍ଲକର ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୯, ପ୍ଲଟ୍ ନଂ.: ୭, ସା: ବରଗଡ଼, ଜିଲ୍ଲା: ବରଗଡ଼ ଏବଂ ଏସଆରଓ: ବରଗଡ଼ ଏବଂ ଏହାର ଚଉପାର୍ଶ୍ୱରେ- ପୂର୍ବ: ଫ୍ଲାଟ୍ ନଂ. ୧୧୦, ପଶ୍ଚିମ: ରାସ୍ତା, ଉତ୍ତର: କରିଡ଼ର, ଦକ୍ଷିଣ: ଏନ୍‌ଏଚ୍-୬ ରାସ୍ତା ସହିତ ପରିମିତ କ୍ଷେତ୍ର: ଏକର୦.୦୬ଡିସିମିଲିରେ ନିର୍ମାଣ ହୋଇଥିବା / ହେବାକୁ ଥିବା ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍ସଚର୍ **(ସାଙ୍କେତିକ ଦଖଲ)**। | ୨୮.୧୧.୨୦୨୫ ସୁଦ୍ଧା ଟ.୧୪,୦୫,୧୩୧.୮୩ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୮.୧୧.୨୦୨୫ / ୦୫.୦୨.୨୦୨୬ |
| **ଝାରସୁଗୁଡ଼ା ଶାଖା /** ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନେ: ୧) **ମେସର୍ସ ଅଫସାନା ଅହମ୍ମଦ**, ଏହାକୁ ପ୍ରତିନିଧିତ୍ୱ କରୁଥିବା **ସ୍ୱତ୍ୱାଧିକାରୀ: ଅଫସାନା ଅହମ୍ମଦ**, ସ୍ୱାମୀ: ମହମ୍ମଦ ଇମତିଆଜ୍, ୨) **ମହମ୍ମଦ ଇମତିଆଜ୍**, ଉଭୟଙ୍କ ଠିକଣା- ସା: ମଙ୍ଗଳ ବଜାର, ସରୋଗୀ କଲୋନୀ, କୋଇଲା ଗୋଦାମ, ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ/ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନଂ. ୬, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଝାରସୁଗୁଡ଼ା, ସବ୍-ଡିଷ୍ଟ୍ରିକ୍ଟ: ଝାରସୁଗୁଡ଼ା, ସିଟିଏସ୍/ସର୍ଭେ/ପ୍ଲଟ୍ ନଂ.: ୨୪୪୭, ଖାତା ନଂ.: ୯୨୯/୩୦୪୮, ପରିମିତ କ୍ଷେତ୍ର: ଏକର୦.୦୫୯ଡିସିମିଲି ଏବଂ ସମ୍ପତ୍ତିର ଚଉପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୨୪୪୩, ପଶ୍ଚିମ: ପ୍ଲଟ୍ ନଂ. ୨୪୪୮, ଉତ୍ତର: ପ୍ଲଟ୍ ନଂ. ୨୩୮୩, ୩୧୮୬ ଏବଂ ୨୪୪୫, ଦକ୍ଷିଣ: ପ୍ଲଟ୍ ନଂ. ୨୪୪୭(ଅଂଶ) ସହିତ ସେଠାରେ ନିର୍ମାଣ ହୋଇଥିବା / ହେବାକୁ ଥିବା ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍ସଚର୍ **(ସାଙ୍କେତିକ ଦଖଲ)**। | ୨୪.୦୬.୨୦୨୫ ସୁଦ୍ଧା ଟ.୫୬,୪୩,୧୨୬.୨୭ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୪.୦୬.୨୦୨୫ / ୦୪.୦୨.୨୦୨୬ |
| **ଜଗତସିଂହପୁର ଶାଖା /** ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନେ: ୧) **ଶ୍ରୀମତୀ ନିବେଦିତା ଭଟ୍ଟାଚାର୍ଯ୍ୟ**, ସ୍ୱାମୀ: ଶ୍ରୀ ସାଧନ ଭଟ୍ଟାଚାର୍ଯ୍ୟ, ୨) **ଶ୍ରୀ ସାଧନ ଭଟ୍ଟାଚାର୍ଯ୍ୟ**, ପିତା: ବିଶ୍ୱନାଥ ଭଟ୍ଟାଚାର୍ଯ୍ୟ, ଉଭୟଙ୍କ ଠିକଣା- ସା: ଇମାମ ନଗର, ପୋ: ଜଗତପୁର, ଚୈତପୁର, ଥାନା: ଜଗତପୁର, କଟକ, ଓଡ଼ିଶା, ପିନ୍-୭୫୪୨୦୦, ୩) **ମେସର୍ସ ମାତ୍ରକୃପା ଇଞ୍ଜିନିୟରିଂ**, ଏହାକୁ ପ୍ରତିନିଧିତ୍ୱ କରୁଥିବା **ସ୍ୱତ୍ୱାଧିକାରୀ: ଶ୍ରୀମତୀ ନିବେଦିତା ଭଟ୍ଟାଚାର୍ଯ୍ୟ**, ସା: ଦୁର୍ଗା ମଣ୍ଡପ ନିକଟ, ଜଗତପୁର ଗୋଲେଇ ଛକ, ଜଗତପୁର, କଟକ-୭୫୪୦୨୧ | ଶ୍ରୀମତୀ ନିବେଦିତା ଭଟ୍ଟାଚାର୍ଯ୍ୟଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ/ମୌଜା: ଇମାମ ନଗର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସବ୍-ଡିଷ୍ଟ୍ରିକ୍ଟ: ସାଲେପୁର, ପରିମିତ କ୍ଷେତ୍ର: ୧୦୦୦ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ./ଖାତା ନଂ.: ୪୦୩/୮୬୩, ପ୍ଲଟ୍ ନଂ.: ୧୪/୧୫୦୮, କିସମ: ଘରବାରି, ସମ୍ପତ୍ତିର ଚଉପାର୍ଶ୍ୱରେ- ପୂର୍ବ: ଶ୍ରୀ ଅମ୍ଳାନ ସାମଲଙ୍କ ଜମି, ପଶ୍ଚିମ: ମନୋରଞ୍ଜନ ବେହେରାଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ରାସ୍ତା ସହିତ ପରିମିତ ୧୦୦୦ ବର୍ଗଫୁଟରେ ନିର୍ମାଣ ହୋଇଥିବା / ହେବାକୁ ଥିବା ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍ସଚର୍ **(ସାଙ୍କେତିକ ଦଖଲ)**। | ୨୯.୧୦.୨୦୨୫ ସୁଦ୍ଧା ଟ.୩୭,୬୭,୩୧୦.୭୦ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୯.୧୦.୨୦୨୫ / ୦୩.୦୨.୨୦୨୬ |
| **ସମ୍ବଲପୁର ଶାଖା /** ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନେ: ୧) **ଶ୍ରୀ ମନୋଜ କୁମାର ଛନ୍ଦ**, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ୨) **ଶ୍ରୀ ଅଯୋଧ୍ୟା ଛନ୍ଦ**, ପିତା: ୰ ପରମେଶ୍ୱର ଛନ୍ଦ, ୩) **ଶ୍ରୀ ସରୋଜ ଛନ୍ଦ**, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ୪) **ଶ୍ରୀମତୀ ଶକୁନ୍ତଳା ଛନ୍ଦ**, ସମସ୍ତଙ୍କ ଠିକଣା- ସା/ପୋ: ବଦୁଆପାଲି, ଥାନା: ଧମା, ଧମା ରୋଡ୍, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୧୧୭, ୫) **ଶ୍ରୀମତୀ ରୁକୁଣୀ ଖେତି**, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ସା: ପୁଜାପଡା, ପୋ: ସାଲେସିଂହ, ଧମା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୧୧୭ | ଜମି ଏବଂ ସେଠାରେ ନିର୍ମିତ ଗୃହର ସମସ୍ତ ଅଂଶବିଶେଷ ଯାହାର ସମୁଦାୟ ପରିମିତ କ୍ଷେତ୍ର: ଏକର୧୨.୫୦ ଡିସିମିଲି, ଖାତା ନଂ. ୫, ଯାହାକି ବିଭିନ୍ନ କିସମର ଛଅଟି ପ୍ଲଟ୍‌କୁ ନେଇ ଗଠିତ, ପ୍ଲଟ୍ ନଂ.: ୨୭୭, କ୍ଷେତ୍ର: ଏକର୦.୧୪୦ ଡିସିମିଲି, ପ୍ଲଟ୍ ନଂ.: ୨୭୯, କ୍ଷେତ୍ର: ଏକର୦.୫୧୦ ଡିସିମିଲି, ପ୍ଲଟ୍ ନଂ.: ୧୩୩୧, କ୍ଷେତ୍ର: ଏକର୧୦.୫୪୦ ଡିସିମିଲି, ଯାହାର କିସମ କୃଷି, ପ୍ଲଟ୍ ନଂ.: ୧୩୨୯, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ଯାହାର କିସମ ପଥର ଟଟାଣ, ଅଣ ଚକ ପ୍ଲଟ୍ ନଂ.: ୨୭୮, କ୍ଷେତ୍ର: ଏକର୧.୧୭୦ ଡିସିମିଲି, ଯାହାର କିସମ ଘରବାରି ଏବଂ ପ୍ଲଟ୍ ନଂ.: ୪୬୬, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଯାହାର କିସମ ଘର, ମୌଜା: ବଦୁଆପାଲି, ନଂ. ୧୬, ତହସିଲ: ମାନେଶ୍ୱର, ନଂ. ୩୦୬, ଜିଲ୍ଲା: ସମ୍ବଲପୁର, ଓଡ଼ିଶା ସହିତ ସେଠାରେ ନିର୍ମାଣ ହୋଇଥିବା / ହେବାକୁ ଥିବା ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍ସଚର୍ **(ସାଙ୍କେତିକ ଦଖଲ)**। | ୦୬.୧୦.୨୦୨୫ ସୁଦ୍ଧା ଟ.୩୦,୫୮,୪୭୨.୨୬ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୬.୧୦.୨୦୨୫ / ୦୫.୦୨.୨୦୨୬ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୭.୦୨.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ଷ୍ଟେସନ ନିକଟରେ ଯୁବକଙ୍କୁ ଛୁରାମାଡ଼

## ଅଣାୟତ ହେଉଛି ବେଆଇନ ନିଶା କାରବାର

ବରଗଡ଼, ୮।୨(ସମିସ)

ବରଗଡ଼ ଜିଲ୍ଲା ଏବେ ମଦ, କୋରେକ୍ସର ଗଡ଼ ପାଲଟିଥିବା ବେଳେ ବରପାଲି ମଧ୍ୟ ଆଉ ପଛକୁ ନାହିଁ। ବରପାଲିରେ ଗାନ୍ଧୀ ଛକ, କଲେଜ ଛକ, ରେଲୱେ ଛକ, ହଟୁଆବନ୍ଧ ତଥା ବିଭିନ୍ନ ହୋଟେଲ, ପାନ ଦୋକାନ, ଘରେ ଘରେ ମଦ ବିକ୍ରିର ପ୍ରଭାବ ବଢ଼ିବାରେ ଲାଗିଛି। ସେମିତି ଜୁଆ ଆଡ୍ଡା ମଧ୍ୟ ଖୁଲମ ଖୁଲା ଚାଲିଛି। ରାହାଜାନୀ, ଚୋରି ଓ ଡକାୟତି ମଧ୍ୟ ବଢ଼ିବାରେ ଲାଗିଛି। ଗତକାଲି ବରପାଲି ବ୍ଲକ କଦଲିମୁଣ୍ଡା ଗାଁର ଲୋକନାଥ ବେହେରାଙ୍କ ପୁଅ ମୁକେଶ ଚନ୍ଦ୍ର ବେହେରା (୩୭) ସମ୍ବଲପୁର ଠାରୁ ଜଗଦଲପୁର ଏକ୍ସପ୍ରେସରେ ଟ୍ରେନରେ ଆସି ବରପାଲି ରେଲଷ୍ଟେସନର ଆରପଟରେ ଓହ୍ଲାଇ ଥିଲେ। ଓହ୍ଲାଇବା ପରେ ରାତ୍ରରେ ଏକୁଟିଆ ବରପାଲି ବସ୍ତିରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ



ଯିବା ପାଇଁ ବାହାରିଥିଲେ। ଷ୍ଟେସନ ଆଗକୁ ଥିବା କୃଷି ଫାର୍ମ ନିକଟଦେଇ ଯିବା ବେଳେ ୫ ଜଣ ଦୁର୍ବୃତ୍ତ ଘେରି ଯାଇଥିଲେ। ତାଙ୍କ ଠାରୁ ଲୁଟ କରିବା ପାଇଁ ଟଣା ଓଟରା କରିବାରୁ ମୁକେଶ ଭୟରେ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ସେମାନେ ମରଣାନ୍ତକ ଆକ୍ରମଣ କରି ମୁକେଶଙ୍କ ଠାରୁ ୧ ଲକ୍ଷ ଟଙ୍କା ଲୁଟ କରିଥିଲେ। ବ୍ଲେଡ, ଛୁରା ଆଦି ମାରଣାସ୍ତ୍ରରେ ଆକ୍ରମଣରେ ମୁକେଶଙ୍କ ତଣ୍ଟି, ହାତ, ଗୋଡ ଓ ସର୍ବାଙ୍ଗ ଶରୀରରେ ଭୀଷଣ କ୍ଷତ ମାନ ସୃଷ୍ଟି ହୋଇଥିଲା। ଏପରିକି ମୁକେଶ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫାର୍ମ ପୋଲ ନିକଟରେ ଥିବା ଏକ ଖାଲରେ ପକାଇ ଦୁର୍ବୃତ୍ତ ମାନେ ଚାଲିଯାଇଥିଲେ। ସକାଳେ ଚେତା ଆସିବା ପରେ ମୁକେଶ ଘରକୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ବରପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ବରପାଲି ପୁଲିସକୁ ଖବର ଦେଇଥିଲେ। ରେଲୱେ ପରିସୀମାରେ ହୋଇଥିବାରୁ ଜିଆରପି ପୁଲିସରେ ଅଭିଯୋଗ କରାଯାଇଥିଲା। ଘଟଣା ଘଟିଥିବା ସ୍ଥାନ ପରିସୀମା ନେଇ ଜିଆରପି ପୁଲିସ କି ଟାଉନ ପୁଲିସ ଏରିଆ ତାହା ସ୍ପଷ୍ଟ ନହେବାରୁ ମୁକେଶଙ୍କ ପରିବାରକୁ ହଟହଟା ହେବାକୁ ପଡ଼ିଥିଲା। ଜିଲ୍ଲା କ୍ରମଶଃ ଏହିପରି ନିଶାଗ୍ରସ୍ତଙ୍କ କବଳିତ ହେବାରେ ଲାଗିଛି। ଲୋକେ ଘର ଭିତରରୁ ବାହାରକୁ ବାହାରିବା ପାଇଁ ଭୟ କଲେଣି। ଜିଲ୍ଲା ପୁଲିସ ପ୍ରଶାସନ ତଥା ଅବକାରୀ ବିଭାଗ ଅସମାଜିକ ତତ୍ତ୍ୱଙ୍କ ଉପରେ ଅଙ୍କୁଶ ନ ଲଗାଇଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ପଦ୍ମପୁର କୋ-ଅପରେଟିଭ ବ୍ୟାଙ୍କ ସମ୍ମୁଖ ବିଜୁ ଏକ୍ସପ୍ରେସ ମରଣଯନ୍ତା



ପଦ୍ମପୁର, ୮।୨(ସମିସ): ପଦ୍ମପୁର ସହରର ମଧ୍ୟଭାଗରେ ଅବସ୍ଥିତ ପଦ୍ମପୁର କୋଅପରେଟିଭ ବ୍ୟାଙ୍କ ସାମ୍ନା ବିଜୁ ଏକ୍ସପ୍ରେସ ରାସ୍ତା ଦୀର୍ଘ ଦିନ ଧରି ମରଣଯନ୍ତା ପାଲଟିଛି। କିଛି ଦିନ ପୂର୍ବରୁ ପାନୀୟ ଜଳ ଯୋଗାଣ ବିଭାଗ ପାଇପ ମରାମତି ପାଇଁ ରାସ୍ତାକୁ ଖୋଳି ପକାଇଥିଲା। ଏହାପରେ ଅତି ନିମ୍ନମାନରେ ମରାମତି କରି ଛାଡିଦେଇଥିଲା। ଫଳରେ ଉକ୍ତ ସ୍ଥାନରେ ରାସ୍ତା ଖାଲଖମା ହୋଇ କଦର୍ଯ୍ୟ ଭାବେ ଅସମତଳ ହୋଇ ରହିଛି। ଏହାଦ୍ୱାରା ସେହି ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ମାନଙ୍କ ଜୀବନ ପ୍ରତିଦିନ ସୂତା ଖିଅରେ ଝୁଲୁଛି। ବ୍ୟାଙ୍କ, ବଜାର, ଶିକ୍ଷା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ଯୋଡୁଥିବା ଏହି ମୁଖ୍ୟରାସ୍ତା ଦ୍ୱାରା ଶତାଧିକ ଯାନବାହନ ଚଳାଚଳ କରୁଥିବା ବେଳେ ଦୈନନ୍ଦିନ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ରାସ୍ତା ମରାମତି, ସତର୍କ ସୂଚନା ଫଳକ ଓ ଯାତାୟାତରେ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି ହୋଇଛି।

# ୧୯ ଖଣ୍ଡ ମୌଜା ଲୋକମହୋତ୍ସବ ଉଦ୍‌ଘାଟିତ

ଝାରସୁଗୁଡ଼ା, ୮।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ମୁରଲୀପାଳି ଠାରେ ୧୯ ଖଣ୍ଡ ମୌଜା ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହାନଦୀ କୂଳରେ ଅବସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରୁ କଳସ ଶୋଭାଯାତ୍ରାରେ ଅଞ୍ଚଳର କଳାକାର ଗଣ ଏବଂ ୧୯ ଖଣ୍ଡ ମୌଜାବାସୀ ପବିତ୍ର କଳସ ଆଣି ମୁରଲିପାଳୀ ସ୍ଥିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପଡ଼ିଆର ଆୟୋଜନ ସ୍ଥଳରେ ସ୍ଥାପନ କରିଥିଲେ। ଏହାପରେ ଅତିଥି ଗଣ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥି



ଭାବେ ଓପିଜିସି ଅତିରିକ୍ତ ମୁଖ୍ୟ ପ୍ରବନ୍ଧକ, ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକ, ଜିଲ୍ଲା ବିଜେପି ଉପସଭାପତି ଚକାନନ ସା, ଲୋକ ମହୋତ୍ସବ କମିଟି ସଭାପତି ବ୍ରଜକିଶୋର ପଧାନ ଏବଂ ୧୯ ଖଣ୍ଡ ମୌଜାର ସମସ୍ତ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରତିନିଧି ଗୋକୁଳ ପଟନାୟକ, ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସନତ ସିଂ ପ୍ରମୁଖ ଉପସ୍ଥିତ ରହି କଳାକାର ଗଣଙ୍କୁ ସମ୍ମାନିତ କରିଥିଲେ। ସନ୍ଧ୍ୟାରେ ପ୍ରଦର୍ଶନ କରିଥିବା ଅନୁଷ୍ଠାନ ମାନଙ୍କ ମଧ୍ୟରେ ସୌକିଲାଲ ବାରିକ ଏବଂ ସାଥୀ ଭଜନ ପରିବେଷଣ କରିଥିଲେ। ଶେଷ ପର୍ଯ୍ୟାୟରେ ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ବିଶ୍ୱଜିତ ଷଡଙ୍ଗୀ, ସୁଦାମ ପଧାନ, ଅତାବିରା ସରପଞ୍ଚ ସଞ୍ଜିତ ପଧାନ ପ୍ରମୁଖ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼, ଝାରସୁଗୁଡ଼ା, ଛତିଶଗଡ଼ରୁ ବହୁ ସାଂସ୍କୃତିକ ଦଳ ନିଜ କଳା ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଶ୍ରୀକର ଭୋଇ, କିଶୋର ପଧାନ, ପ୍ରତାପ କେଶରୀ ହୋତା, ରମେଶ ପଶାୟତ, ରୂପାନନ୍ଦ ବିଶ୍ୱାଳ, ଅଶୋକ ଭୋଇ, ଜୟ ପଧାନ, ପ୍ରମୋଦ ସା କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ମହୋତ୍ସବ କମିଟିର ସଭାପତି ବ୍ରଜକିଶୋର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକମୁକ୍ତ ପାଇଁ ଆହ୍ୱାନ

ଝାରସୁଗୁଡ଼ା, ୮।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ପରିବେଶ ସମିତି ପକ୍ଷରୁ ରବିବାର ଝାରସୁଗୁଡ଼ା ପୌରପରିଷଦର ମାଳିମୁଣ୍ଡା ସ୍ଥିତ ଇକୋ ପାର୍କରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ୨୦୨୫-୨୬ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଛି। ଏଥିରେ ରେଞ୍ଜର ବିଜୟ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପରିବେଶବିତ ତଥା ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ପ୍ରହ୍ଲାଦ ନାୟକ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଦୈନନ୍ଦିନ ଜୀବନ ଉପରେ ଏହାର କିପରି ପ୍ରଭାବ ପଡୁଛି ସେନେଇ ମତବ୍ୟକ୍ତ କରିବା ସହ ସଚେତନ କରିଥିଲେ। ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତଥା ପରିବେଶ କମିଟି ସଦସ୍ୟ ତ୍ରିନାଥ ଗୁଆଲ, ପରିବେଶବିତ ଅଜିତ ପାଢ଼ୀ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ପରିବେଶ ସମିତି ସଦସ୍ୟ ବେଣୁଧର ଚୌଧୁରୀ, ବରିଷ୍ଠ ଆଇନଜୀବୀ ନରେଶ ନାୟକ, ପରିବେଶବିତ ଆଶିଷ ଶୁକ୍ଳା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରକୁ ପିକନିକ ସ୍ଥଳ, ବିଭିନ୍ନ ପାର୍କ କିମ୍ବା ଦର୍ଶନୀୟ ସ୍ଥାନରେ କେବଳ ସଚେତନତା ଜରିଆରେ ବନ୍ଦ କରାଯାଇପାରିବ ବୋଲି ମତ ରଖିଥିଲେ। ଏହି ଅବସରରେ ବନବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଉପସ୍ଥିତ ଅତିଥି ଗଣ, ଛାତ୍ରଛାତ୍ରୀ ଓ ବନବିଭାଗ କର୍ମଚାରୀ ମିଳିତ ଭାବେ ଇକୋ ପାର୍କ ପରିସରକୁ ସଫା କରିଥିଲେ।

# ବିଶାଶହେ କୂଳତା ସମାଜ ପକ୍ଷରୁ ବାର୍ଷିକ ବନ୍ଧୁ ମିଳନ

ଝାରସୁଗୁଡ଼ା, ୮।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବିଶାଶହେ କୂଳତା ସମାଜ ରାଜପୁର ପ୍ରଗଣା ତରଫରୁ ଠରକଶପୁର ସ୍ଥିତ ଶ୍ରୀଶ୍ରୀ ଲିଙ୍ଗେଶ୍ୱର ଶିବ ମନ୍ଦିର ପରିସରରେ ରବିବାର ବାର୍ଷିକ ବନ୍ଧୁ ମିଳନ ଉତ୍ସବ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅଞ୍ଚଳର ସମସ୍ତ କୂଳତା ଜାତି ପରିବାରଙ୍କୁ ଏକତ୍ରିତ କରିବା ସହିତ ସମାଜର ସାମଗ୍ରିକ ବିକାଶ କିପରି ସାଧିତ ହେବ ତାକୁ ନେଇ ଆଲୋଚନା କରାଯାଇଥିଲା। ସର୍ବପ୍ରଥମେ ମାଁ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ ପୂର୍ବକ ବନ୍ଧୁମିଳନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠିତ ସଭାରେ ବିଶାଶହେ କୂଳତା ସମାଜର କଦେଲପିଟା ପୀଠ ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଲପଙ୍ଗା ପୀଠ ମାଲିକ ପ୍ରଦୀପ ସାହୁ, ସଭାପତି ଲଳିତ ସାହୁ, ଉପସଭାପତି ମହେନ୍ଦ୍ର ପ୍ରଧାନ, ସଭ୍ୟ ସୁରେନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ବାରିକ, ପୀଠ ସମ୍ପାଦକ ଦେବେନ୍ଦ୍ର ପାତ୍ର, ସୁଭାଷ ସାହୁ, ସୁବାସ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ଲୋକେଶ ପ୍ରଧାନ, ଆଦିତ୍ୟ ପ୍ରଧାନ, ରାଜପୁର ଗୁଡି ସଭାପତି ନୃପଲାଲ ପ୍ରଧାନ, କଦେଲପିଟା ପୀଠ ପୂର୍ବ ସଭାପତି କୁଳମଣି ସାହୁ, ଜୟପୁର ପ୍ରଗଣା ମାଲିକ କୁବେର ପ୍ରଧାନ, ସମାସିଂହା ପ୍ରଗଣା ମାଲିକ ସୁଉକିଲାଲ ବାରିକ, ଜିଲ୍ଲା ସମ୍ପାଦକ ନରୋତ୍ତମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଜାତିର ଆର୍ଥିକ ଅନଗ୍ରସର ପରିବାର ତଥା ଛାତ୍ରଛାତ୍ରୀଙ୍କ ପାଇଁ ସମାଜ ପକ୍ଷରୁ ସହାୟତା ପ୍ରଦାନ କରାଯାଇ ପାରିବ ସେ ନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ନେଇ ଆଲୋଚନା କରାଯାଇଥିଲା। ବାର୍ଷିକ ବନ୍ଧୁ ମିଳନ ଉତ୍ସବରେ କୂଳତା ସମାଜ ରାଜପୁର ପ୍ରଗଣାର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳର ହଜାର ହଜାର କୂଳତା ଜନସାଧାରଣ ଉପସ୍ଥିତ ଥିଲେ।

# କଟାପାଲି ଆର୍ଯ୍ୟ ସମାଜର ୬୩ତମ ବାର୍ଷିକୋତ୍ସବ

ବରଗଡ଼, ୮।୨ (ସମିସ): ବରଗଡ଼ ବ୍ଲକ ଅଧୀନ କଟାପାଲି ଆର୍ଯ୍ୟ ସମାଜର ୬୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଗୌର ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ପୌରୋହିତ୍ୟ ଓ ଗୁରୁକୁଳ ନବ ପ୍ରଭାତ ବୈଦିକ ଆଶ୍ରମର ବ୍ରହ୍ମଚାରୀ ମାନଙ୍କ ବେଦ ମନ୍ତ୍ରପାଠରେ ବୈଦିକ ଯଜ୍ଞ ହୋଇଥିଲା। ଅଗସ୍ତି ସାହୁ ଓ କଟାପାଲି କଲେଜ ଅଧ୍ୟକ୍ଷ ଅଶୋକ ମେହେର ସପତ୍ନିକ ଜଜମାନ ଦାୟିତ୍ୱ ବହନ କରିଥିଲେ। ଅଧ୍ୟକ୍ଷ ଅଶୋକ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଦିକ ସତସଙ୍ଗରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସଂଗଠନ ମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ପଣ୍ଡିତ ସୋମଦତ୍ତ ଶାସ୍ତ୍ରୀ, ଡ.ଶ୍ରୀବତ୍ସ ଶାସ୍ତ୍ରୀ, ପଣ୍ଡିତ ଗୋପବନ୍ଧୁ ପୁରୋହିତ, କପିଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ସାହୁଙ୍କ ସଂଯୋଜନାରେ ପୂର୍ବରୁ ଅନୁଷ୍ଠିତ ବୈଦିକ ବକ୍ତୃତା ଓ ସଙ୍ଗୀତ ଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅଗସ୍ତି ସାହୁ, ରମେଶ ସାହୁ, ଛାଲୁ ସାହୁ, ଯାଦବନାଏକ, ମହାଦେବ ମହାଣା, ସାଗର ମେହେର, ନିବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ମହୋତ୍ସବ: ୪୨ ୟୁନିଟ୍ ରକ୍ତ ସଂଗ୍ରହ



ବରଗଡ଼, ୮।୨(ସମିସ): ବରଗଡ଼ ସ୍ଥିତ ଜର୍ଜ ହାଇସ୍କୁଲ ପଡ଼ିଆ ଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ତଥା ପ୍ରଥମ ବରଗଡ଼ ଜିଲ୍ଲାସ୍ତରୀୟ ମହୋତ୍ସବ 'ପ୍ରୀତି ନିବାହୀ-୨୦୨୬' ଅବସରରେ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବରେଣ୍ୟ ଅତିଥି ଭାବେ ଡ.ସାନନ୍ଦ ବାଗ ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସାଧୁ ନେପାକ ରକ୍ତ ଦାତା ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ମୋଟ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ଉତ୍ସବ କମିଟିର ସଭାପତି ସରୋଜ ଭୋଇ, ପ୍ରମୋଦ ମିଶ୍ର, ମିଳନ ନାଗ, ଧର୍ମରାଜ ଭୋଇ ଓ ବାବୁନି ପାତ୍ର ଓ ନିଷ୍ଠା ପରିବାରର ସଦସ୍ୟ ପରିଚାଳନା କରିଥିଲେ। ସାଲ୍ୟୁବ୍ରିଟି ୟୁରୋଲୋଜି ଓ କିଡ୍‌ନୀ କେଆର ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିର ଆୟୋଜନ ପାଇଁ 'ପ୍ରୀତି ନିବାହୀ-୨୦୨୬' କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଘେଁସ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ମେଲଛାମୁଣ୍ଡା, ୮।୨(ସମିସ): ଘେଁସ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ନରସିଂହ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତାଲପଦର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସୁ ଭୋଇ, ସମ୍ମାନିତ ଅତିଥି ଭାବେ କୃତିବାସ ବାରିକ ଓ ଡୋଲାମଣି ପଟେଲ (ବିଦ୍ୟାଳୟ ପରିଚାଳନା କମିଟି) ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ହୋଇଥିଲା। ସଭାପତି କୃତିବାସ ବାରିକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଗଣ ମାନପତ୍ର ଓ ମେଡାଲ୍ ଦେଇ ପୁରସ୍କୃତ କରିଥିଲେ। ଶେଷରେ ଡୋଲାମଣି ପଟେଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗୁରୁଜୀ ମିନିକେତନ ବାରିକଙ୍କ ପରିଚାଳନାରେ ତଥାକୁଶ କଲେତ୍, ବ୍ୟାସଦେବ ପଧାନ, ବିଶ୍ୱେଶ୍ୱର ସିଂ ବରିହା, ତରଣି ତାଣ୍ଡି ଓ ମାତୃଭାରତୀର ସଦସ୍ୟା ମାନଙ୍କ ତତ୍ତ୍ୱାବଧାନରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଶାନ୍ତନୁ ପଟେଲ, ବସନ୍ତ ପଟେଲ, ସୀତାରାମ ବଢ଼େଇ, ଭୋଜରାଜ ସିଂ ବରିହା, ରିବୁ ବିଶ୍ୱାଳ, ଗୌରହରି ମିଶ୍ର, ଗୋବିନ୍ଦ ଭୋଇ, ପୁରନ୍ଦର ସେଠ, ଅଶୋକ ବାଗ, ଧନଞ୍ଜୟ ପଧାନ, ଗୁରୁମା ଭାରତୀ ଶର୍ମା, ସବିତାରଣା, ଭାଗ୍ୟଶିଳା ବେହେରା, ପାର୍ବତୀ ସାହୁ, ପୂଜା ପଧାନ, ସସ୍ମିତା ବରିହା, ସୌଦାମିନୀ ବରିହା, ସେବିକା ପଦ୍ମିନୀ ଭୁଏ ଓ ସେବକ ପ୍ରଫୁଲ୍ଲ ବାଗ, ମଧ୍ୟମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଂଗ୍ରାମୀ ତୀର୍ଥ ପଞ୍ଚପଡ଼ାରେ ଗାନ୍ଧୀ ନୂଆଁଖାଇ

ଝାରସୁଗୁଡ଼ା, ୮।୨ (ସମିସ): ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଚିନ୍ତାମଣି ପୁଝାରୀଙ୍କ ଜନ୍ମଭୂମୀ ତଥା ଗାନ୍ଧୀ ବିଚାରର ଅନ୍ୟତମ ପ୍ରୟୋଗଶାଳା ଝାରସୁଗୁଡ଼ା ସହର ନିକଟସ୍ଥ ପଞ୍ଚପଡ଼ା ଠାରେ ଚତୁର୍ଥ ଗାନ୍ଧୀ ନୂଆଁଖାଇ ପାଳିତ ହୋଇଯାଇଛି। ପ୍ରାଧ୍ୟାପକ ତପନ ବାରିକଙ୍କ ସଭାପତିତ୍ୱ ତଥା ବିଶିଷ୍ଟ କବି ପ୍ରେମସାଗର ଦେହେରିଆଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାନ୍ଧୀବାଦୀ ତଥା ସମଗ୍ର ଭାରତବର୍ଷକୁ ସାଇକଲରେ ଭ୍ରମଣ କରୁଥିବା ଉତ୍ତରପ୍ରଦେଶର ବିନୋଦ ସେବକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ପ୍ରତାପ ବେହେରା, ନରେନ୍ଦ୍ର ପଣ୍ଡା, ଡ.ସରୋଜ କୁଅଁର, ରୁପାନନ୍ଦ ଚୌଧୁରୀ, ଲଳିତ ମଗର, ଡ.ଦିବେନ୍ଦୁ ସାହୁ, ବରିଷ୍ଠ ସାମ୍ବାଦିକା ଗାର୍ଗୀ ଶତପଥୀ, ମାଧବୀ ପଟେଲ, ଅନଗୁଳ ବଜିରାଉତ ଛାତ୍ରାବାସର ସୁମନ୍ତ ପ୍ରଧାନ ପ୍ରମୁଖ ଗାନ୍ଧୀ ବିଚାର ଓ ଗାନ୍ଧୀ ନୂଆଁଖାଇ ପାଳନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ମେହେବୁବ ମାହତାବ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ପ୍ରଫେସର ପ୍ରତାପ ବେହେରା, ରୁପାନନ୍ଦ ଚୌଧୁରୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ ସାହୁ ସମସ୍ତଙ୍କୁ ନବାନ୍ନ ପ୍ରସାଦ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଭାଗିରଥି ନାଏକ ଓ ପ୍ରଜ୍ଞା ପଟେଲ 'ବୈଷ୍ଣବ ଜନ ତୋ' ଗାନ କରିଥିଲେ।

# ପୂଝାରୀପାଲିରେ ବଜରଙ୍ଗ କ୍ରିକେଟ ଆସୋସିଏସନର ଟୁର୍ଣ୍ଣାମେଣ୍ଟ

ପଦ୍ମପୁର, ୮।୨(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ପୂଝାରୀପାଲିରେ ଗ୍ରାମାଞ୍ଚଳ କ୍ରିକେଟର ପ୍ରୋତ୍ସାହନ ପାଇଁ ବଜରଙ୍ଗ କ୍ରିକେଟ ଆସୋସିଏସନ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ୨୪ଟି ଦଳକୁ ନେଇ ୪ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ଖୁଜେନ ଓ ମହୁଲପାଲି (ପଦ୍ମପୁର) ଦଳ ମଧ୍ୟରେ ହୋଇଥିଲା। ଏଥିରେ ଖୁଜେନ ଦଳ ୫ ୱିକେଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଫାଇନାଲରେ



ମୁଖ୍ୟ ଅତିଥି ଭାବେ ଜଗଦଲପୁର ପୁଲିସ କର୍ମଚାରୀ ଧନଞ୍ଜୟ ଧରୁଆ, ସମାଜସେବୀ ଟୁନା ଡନସନା, ବୋଡାସମ୍ବର ସ୍ପୋର୍ଟିଂର ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ ଜାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ଉଭୟ ବିଜୟୀ ଓ ଉପବିଜେତା ପୁରସ୍କୃତ ହୋଇଥିଲେ। ଆସୋସିଏସନର ଶମ୍ଭୁ ସାନବର୍ଷା, ଟୁନା ଧରୁଆ, ଭରତ ପ୍ରଧାନ, ଅଙ୍କିତ ସାହୁ, ଅସିତ, ଅମୁଲ୍ୟ ଜାଲ, ମଳୟ ସାହୁ, ଯତୀନ ସାହୁ, ଗୁଡୁ, ଶିବା, ଲିପନ, ସୁଶୀଲ, ଆଦିତ୍ୟ, ସଞ୍ଜୀବ ପ୍ରମୁଖ ସଦସ୍ୟ ଗଣ ପରିଚାଳନାରେ ସହଯୋଗ କରିଥିଲେ।

# ଇବ୍ କ୍ଲବ୍ ପକ୍ଷରୁ ପରିବା ଓ ପୁଷ୍ପ ପ୍ରଦର୍ଶନୀ



ଇବଥର୍ମାଲ, ୮।୨ (ସମିସ): ଓପିଜିସି ଇବଥର୍ମାଲ ବନହରପାଲି ସ୍ଥିତ ଇବ କ୍ଲବ୍ ପକ୍ଷରୁ କ୍ଲବ୍ ପରିସରରେ ପରିବା ତଥା ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ କାକଟସରେ ୧୦, ବୋନସାଇରେ ୧୬, କଟିଙ୍ଗ ବଡସ୍‌ରେ ୩୨, ଫୁଲରେ ୩୮, ସଜ୍ଜିତ ଫୁଲରେ ୬୪, ପରିବାରରେ ୨୨ ପ୍ରକାର ବିଭାଗରେ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଦର୍ଶନୀକୁ ଓପିଜିସି ଡାଇରେକ୍ଟର ଅପରେସନ ଅଞ୍ଜନା ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓପିଜିସି ସିନିୟର୍ ଭିପି ସୁକାନ୍ତ ମହାପାତ୍ର, ସିନିୟର୍ ଜିଏମ୍ ଏଚ୍ଆର୍ ସୁଭାଶିଷ ମୁଖାର୍ଜୀ, ଡିଜିଏମ୍ ମାନସ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଜର୍ଜ ଭାବେ ଅବସରପ୍ରାପ୍ତ ସେଲ୍‌ଫ କଞ୍ଜରଭେଟର୍ ରୂପଧର ସାହୁ, ପ୍ରଫେସର ବୋଟାନି ସୁଧାଂଶୁ ପାଲୋ, ଏଏଚ୍‌ଓ, ଲଖନପୁର ଅମିତ ନାଏକ ପ୍ରମୁଖ ପ୍ରଦର୍ଶିତ ପନିପରିବା ଓ ଫୁଲର ମୂଲ୍ୟାଙ୍କନ କରିଥିଲେ। ପୁରସ୍କାର ବିବରଣୀ ସଭାରେ ମୁଖ୍ୟ ଅତିଥି ଶ୍ରୀ ଦାଶ ଇବଥର୍ମାଲ କଲୋନୀରେ ରହୁଥିବା ଗୃହିଣୀ ମାନଙ୍କ ଦ୍ୱାରା ପୁଷ୍ପ ତଥା ପନିପରିବା କରାଯାଉଥିବା ନେଇ ପ୍ରଶଂସା କରିଥିଲେ। ବିଭିନ୍ନ ବର୍ଗରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୈଜୟନ୍ତୀ ସେଠୀ ୭ଟି ବର୍ଗରେ ପୁରସ୍କୃତ ହୋଇ ଅନ୍ୟ ମାନଙ୍କୁ ପ୍ରେରଣା ସାଜିଥିଲେ। କ୍ଲବ୍ ସମ୍ପାଦକ ସେନାପତି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ ବେହେରା, ମକରଧ୍ୱଜ ସା, ପ୍ରେମାନନ୍ଦ ପ୍ରଧାନ, ଶୁଶିଲ ପ୍ରଧାନ, ରାଜେନ୍ଦ୍ର ସେଠ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ୭ ଜଣ ଚାଷୀଙ୍କୁ ମଧ୍ୟ ଉତ୍କୃଷ୍ଟ ଚାଷୀ ଭାବେ ପୁରସ୍କୃତ କରା ଯାଇଥିଲା।

# ମନ ମୋହୁଛି ବୃଦ୍ଧ ଦମ୍ପତିଙ୍କ କିଚେନ ଗାର୍ଡେନ

ଝାରସୁଗୁଡ଼ା, ୮।୨(ସମିସ)

ଦୃଢ଼ ଇଚ୍ଛା ଶକ୍ତି ଆଗରେ ବୟସ ଏକ ସଂଖ୍ୟା ମାତ୍ର। ମନୋବଳକୁ ଦୃଢ଼ କଲେ ପରିଣତ ବୟସରେ ବି ସବୁ ସମ୍ଭବ। ଏହାକୁ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଧୂଲୁଣ୍ଡା ଗାଁର ଏକ ବୃଦ୍ଧ ଦମ୍ପତି ସୁରେନ୍ଦ୍ର ବିଶ୍ୱାଳ (୭୯) ଏବଂ ଭାସ୍କରି ବିଶ୍ୱାଳ (୭୫)। ବର୍ତ୍ତମାନର ଯୁବପିଢ଼ି ପାଇଁ ଏହି ବୃଦ୍ଧ ଦମ୍ପତି ଏକ ଉଦାହରଣ ସାଜିଛନ୍ତି। କେବଳ ଚାକିରି ପଛରେ ଧାଉଁଥିବା ଯୁବପିଢ଼ିଙ୍କୁ ଦୃଢ଼ ଇଚ୍ଛାଶକ୍ତି ଏବଂ ମନୋବଳ ଦ୍ୱାରା ଯେକୌଣସି କ୍ଷେତ୍ରରେ ସଫଳତା ହାସଲ ପାଇଁ ନୂତନ ଦିଗଦର୍ଶନ ଦେଉଛନ୍ତି।

ବୟସ ବୋଝରେ ଉଭୟଙ୍କ ଅଣ୍ଟା ନଇଁବା ଉପରେ। ହେଲେ ପରିଣତ ବୟସରେ ବି ଦିନକୁ ୨ରୁ ୩ ଘଣ୍ଟା ପରିଶ୍ରମ କରି ଏକ ସୁନ୍ଦର କିଚେନ ଗାର୍ଡେନ ତିଆରି କରିଛନ୍ତି। ସେମାନଙ୍କ ବଗିଚାରେ ଚାଷ ଦେଖିଲେ ତାଙ୍କ ଇଚ୍ଛା ଶକ୍ତି ବୟସକୁ ହରାଇ ଦେଇଥିବା ପରି ଅନୁଭୂତ ହୁଏ। ତାଙ୍କର ଏହି କିଚେନ ଗାର୍ଡେନରେ ଟମାଟୋ, ବାଇଗଣ, କୋବି, ବିନ୍ସ, ଶିମ୍ବ, ସାଗ, ଧନିଆ ପତ୍ର, ଲଙ୍କା, ପିଆଜ, ରସୁଣ, ଅଦା, ଅମୃତଭଣ୍ଡା, କଦଳୀ ସବୁ ଚାଷ ହୋଇଛି। ମାତ୍ର ୮ ଡେସିମିଲ ଜାଗାରେ ଥିବା ତାଙ୍କର ଏହି ବଗିଚାରୁ ବର୍ଷକ ପାଇଁ ପିଆଜ, ରସୁଣ, ଅଦା ଉତ୍ପାଦିତ

**ଯୁବପିଢ଼ିଙ୍କ ଚାଷ ପ୍ରତି ଆଗ୍ରହ ପାଇଁ ଦିଗଦର୍ଶନ ଓ ବାର୍ତ୍ତା**



ହୋଇଥାଏ। ଏହାସହ ବର୍ଷ ସାରା ଋତୁ ଅନୁଯାୟୀ ବିଭିନ୍ନ ପନିପରିବା ଚାଷ ହୋଇଥାଏ। ବୃଦ୍ଧ ଦମ୍ପତି ନିଜେ ଘରେ ଖାଇବା ସହ ନିଜ ବାଡିର ତାଜା ତଟକା ପନିପରିବା ପାଖପଡ଼ିଶା ଲୋକଙ୍କୁ ବି ଦେଉଛନ୍ତି। ତାଙ୍କ କିଚେନ ଗାର୍ଡେନଟି ସମ୍ପୂର୍ଣ୍ଣ ଜୈବିକ। ଏଥିରେ ରାସାୟନିକ ସାର ବଦଳରେ ଖତ ସୋରିଷ ପିଡିଆ, କମ୍ପୋଷ୍ଟ ବ୍ୟବହାର କରିଥାନ୍ତି। କୀଟନାଶକ ବଦଳରେ ନିମ୍ବପତ୍ର, ତୋରାଣି, ବାସଙ୍ଗ ପତ୍ରରେ ନିଜେ ତିଆରି କରିଥିବା ଔଷଧ ବ୍ୟବହାର କରନ୍ତି। ନିଜ ଚାଷ ପାଇଁ ଗୋବର ଗଛିତ ରଖିବା ସହ ଗଛପତ୍ର ଏବଂ ପନିପରିବା ଚୋପାରୁ କମ୍ପୋଷ୍ଟ ତିଆରି ପାଇଁ ଦୁଇଟି କୁଣ୍ଡ ମଧ୍ୟ ତିଆରି କରିଛନ୍ତି।

ଗାଁରେ ଶିକ୍ଷକତା କରୁଥିବା ସମୟରେ ସୁରେନ୍ଦ୍ର ନିଜ ବିଲ ଏବଂ ବାଡିରେ ଚାଷ କରୁଥିଲେ। ଅବସର ପରେ ନିଜ ପୁଅ ବୋହୂ ରହୁଥିବା ବେଲପାହାଡ ସହରକୁ ଆସିଥିଲେ। ସହରକୁ ଆସିବା ପରେ ବି ଚାଷ ପ୍ରତି ଥିବା ନିଜ ସଉକକୁ ଏହି ଦମ୍ପତି ଛାଡିପାରି ନଥିଲେ। ଘର ପାଖରେ ଥିବା ୮ ଡେସିମିଲ ଟାଙ୍ଗରା ଜମିକୁ ମାଟି ପୋତି ଖତ ଦେଇ ବାଡିରେ ପରିଣତ କଲେ। ଏହାପରେ ସାର ଏବଂ କୀଟନାଶକ ବ୍ୟବହାର ନକରି ଜୈବିକ ଚାଷ କରିବା ଆରମ୍ଭ କଲେ। ଯାହା ଏବେ ଅନେକଙ୍କ ପାଇଁ ପ୍ରେରଣା ସାଜିଛି। ଚାଷ କଲେ ଖୁସି ମିଳିବା ସହ ଶରୀର ସୁସ୍ଥ ରହୁଛି ଓ ପ୍ରତିଦିନ ବାଡିର ତାଜା ପନିପରିବା ମିଳୁଛି। ତେଣୁ ହାତ ଗୋଡ ଚାଲିଥିବା ଯାଏଁ ଚାଷ ଜାରି ରହିବ ବୋଲି ଦମ୍ପତି ପ୍ରକାଶ କରିଛନ୍ତି। ଅନ୍ୟପଟେ ଚାଷ କରିବା ଦ୍ୱାରା ବୃଦ୍ଧ ମାଁ ବାପାଙ୍କ ଖୁସି ଦେଖି ତାଙ୍କୁ ଉତ୍ସାହିତ କରିବା ସହ ସମୟ ମିଳିଲେ ପରିବାର ଲୋକେ ମଧ୍ୟ ଚାଷ କାମରେ ସହଯୋଗ କରିଥାନ୍ତି। ବୃଦ୍ଧ ଦମ୍ପତିଙ୍କ ଏହି କିଚେନ ଗାର୍ଡେନ ବର୍ତ୍ତମାନ ଯୁବପିଢ଼ିଙ୍କୁ ଜୈବିକ ଚାଷ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା।

## ଟ୍ରାକ୍ଟର ଚାପାରେ ମାଲିକ ମୃତ

**ସିନାପାଲି, ୮ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ଝାଙ୍କରଗୁଡା ଠାରେ ଟ୍ରାକ୍ଟର ଚାପାରେ ମାଲିକଙ୍କ ମୃତ୍ୟୁ ଘଟିଛି। ମୃତ ମାଲିକ ହେଲେ ଝାଙ୍କରଗୁଡାର ବଶିଷ୍ଠ ଗହିର (୩୫)। ସୂଚନା ଅନୁସାରେ ରବିବାର ସକାଳେ ନିଜ ଜମିକୁ ଚାଷ କରିବାକୁ ଟ୍ରାକ୍ଟର ନେଇ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିବା ବେଳେ ମାଲିକ ଗାଡ଼ି ଚାପାରେ ଗୁରୁତର ହୋଇପଡ଼ିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସିନାପାଲି ପୁଲିସ ଥାନାଧିକାରୀ ଦୁର୍ଗା ମାଧବ ବାଗଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ସହଦେବ ଯୋଶୀ ପହଞ୍ଚି ତଦନ୍ତ କରିଥିବା ବେଳେ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ପାରିବାରିକ କଳହରୁ ବିଷ ପିଇଲେ ସ୍ୱାମୀ

**ଜୟପାଟଣା, ୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଧୀନ ବାଞ୍ଜିବାହାଲ ଗାଁରେ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ସହ ଝଗଡ଼ା ଲାଗି ସ୍ୱାମୀ ବିଷପିଇ ଆମ୍ଭହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଗାଁର ହେମନ୍ତ ଓରଫ୍ ବାବୁଲି ମାଝୀ। ଆଜି ତାଙ୍କ ସ୍ତ୍ରୀ ଜେମା ମାଝୀଙ୍କ ସହ ନିଜ ଚାଷ ଜମିକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ହେମନ୍ତ କୀଟନାଶକ ପିଇଦେଇ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜୟପାଟଣା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଘଟଣାର ପୁଲିସ ତଦନ୍ତ ଆରମ୍ଭ କରିଛି।

## ଓଲଟିଲା ପିଚୁ ବୋଝେଇ ଟ୍ରକ୍; ଚାଳକ ଆହତ



**ଲାଞ୍ଜିଗଡ଼, ୮ ।୨ (ସମିସ):** ଭବାନୀପାଟଣା-ରାୟଗଡ଼ାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟ ରାଜପଥ କିଡିଙ୍ଗ ନିକଟସ୍ଥ ବେହେରା ପୋଲ ପାଲଟିଛି ମରଣଯନ୍ତା। ଏହି ପୋଲରେ ଦିନ ପ୍ରତିଦିନ ଘଟୁଥିବା ଅନେକ ଛୋଟ ବଡ଼ ଦୁର୍ଘଟଣାକୁ ନେଇ ସାଧାରଣରେ ଏବେ ଚିନ୍ତାର କାରଣ ହୋଇଛି। ଆଜି ମଧ୍ୟ ଏକ ପିଚୁ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭବାନୀପାଟଣା ପଟୁ ବିଶାଖାପାଟଣା ପଟେ ଯାଉଥିବା ଏହି ପିଚୁ ବୋଝେଇ ଟ୍ରକ ଭୋର ୩ଟା ସମୟରେ ବେହେରା ପୋଲ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ି ଏକ ଜମିରେ ଛିଡ଼ା ଅବସ୍ଥାରେ ରହିଛି। ଏଥିରେ ଡ୍ରାଇଭର ଆହାତ ହୋଇଥିବା ଜଣାପଡ଼ିଛି। ଅନ୍ୟ ଟ୍ରକ୍ ଡ୍ରାଇଭର ଓ ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଏ ସମ୍ପର୍କରେ ଖବରପାଇ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକା ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ତେବେ ବିଭିନ୍ନ ସମୟରେ ଘଟି ଚାଲିଥିବା ଦୁର୍ଘଟଣା ତ୍ରୁଟିପୂର୍ଣ୍ଣ ବୁଲାଣି ଯୋଗୁଁ ବୋଲି ମତବ୍ୟକ୍ତ କରୁଛନ୍ତି। ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ଜନ ସାଧାରଣରେ ଦାବି ହେଉଛି।

## ଜଳନ୍ଧର ଦରବାର ପାଇଁ କଂସ ବରଣ

**ବୀରମହାରାଜପୁର, ୮ ।୨(ସମିସ):** ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲି ଗ୍ରାମର ନବ ନିର୍ମିତ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଜଳନ୍ଧର ଦରବାର ଅନୁଷ୍ଠିତ ହେବ। ଏଥିପାଇଁ ବିଶିଷ୍ଟ ମଞ୍ଚ କଳାକାର ତଥା ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଗୁରୁ ଶ୍ରୀ ଭୁବନେଶ୍ୱର ପ୍ରଧାନଙ୍କୁ କମିଟି ସଭ୍ୟଙ୍କ ଉପସ୍ଥିତିରେ ବରଣ କରାଯାଇଛି। ଏହି ଅବସରରେ ରାମେଶ୍ୱର ମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ବିଦେଶୀ ମହାକୁର, ସମ୍ପାଦକ ମଳୟ ଅମାତ, ଉପଦେଷ୍ଟା ମୀନକେତନ ମହାକୁର, କମିଟି ସଭ୍ୟ ରଶ୍ମିରଞ୍ଜନ ଅମାତ, ହୃଷୀକେଶ ପଣ୍ଡା, ଅନନ୍ତ ଖେତି, ଭୀଷ୍ମ ଦେବ ଅମାତ, ୱାର୍ଡ ସଭ୍ୟ ସଞ୍ଜୀବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୧୦ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଅବସରରେ ଜଳନ୍ଧର ଦରବାର ଅନୁଷ୍ଠିତ ହେବ।

### ସଂଘର୍ଷମୟ ଜୀବନରୁ ଉତ୍ତୀର୍ଣ୍ଣ ପାଇଁ ଉଦ୍ୟମ

# ପାହାଡ଼ ତଳକୁ ଆସିବେ ୮ ପରିବାର







**ଲାଞ୍ଜିଗଡ଼, ୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ଦୁର୍ଗମ କୁନ୍ନାକାଡୁ ଗାଁକୁ ଶନିବାର ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଗସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ (ଜନମନ) ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାହାଡ଼ ତଳେ ନିର୍ମାଣାଧୀନ ୮ଟି ଘରର ସ୍ଥିତି ଅନୁଧ୍ୟାନ କରି ସାରିବା ପରେ ଜିଲ୍ଲାପାଳ ପାଦଚଲା ରାସ୍ତା ଦେଇ ୧୨ ଶହ ଫୁଟ ପାହାଡ଼ ଉପରେ ଥିବା ଏହି ଗାଁରେ ପହଞ୍ଚିଥିଲେ। ତେବେ ଘର ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସେମାନେ ବସବାସ କରୁଥିବା ଗାଁରେ ପାନୀୟ ଜଳ, ଚାଷ ପାଇଁ ନିୟମଗିରି ଝରଣାରୁ ଚେକ୍ ଡ୍ୟାମ୍ ଜରିଆରେ ଜଳଯୋଗାଣ, ଗାଁରୁ ନୂତନ ଘର ପର୍ଯ୍ୟନ୍ତ ରାସ୍ତା, ପରିବାର ପ୍ରତିପୋଷଣ ଆଦି ସମ୍ପର୍କରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାଛଡ଼ା ଜିଲ୍ଲାପାଳ ତ୍ରିଲୋଚନପୁର, ଫୁଲଡୁମେର ଗାଁକୁ ପରିଦର୍ଶନରେ ଯାଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସେଠାରେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଆଦିବାସୀଙ୍କ ୧୨ଟି ଘର ନିର୍ମାଣ କାର୍ଯ୍ୟର ବି ଯାଞ୍ଚ କରିଥିଲେ। ଜିଲ୍ଲାପାଳଙ୍କ ସହିତ ଆଇଏଏସ୍ ପ୍ରୋବେସନର ଅନିମେଶ ପ୍ରଧାନ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଜିଲ୍ଲା ଗ୍ରାମ୍ୟ ଗୃହନିର୍ମାଣ ପ୍ରକଳ୍ପ ପରିଚାଳକ ଅମୂଲ୍ୟ ବାଉଲ, କନିଷ୍ଠ ଯନ୍ତ୍ରୀ କାହ୍ନୁ ଟୁଡୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ନିୟମଗିରି ପାହାଡ଼ ଉପରେ ଥିବା କୁନ୍ନାକାଡୁ ଗାଁରେ ୮ଟି ଆଦିବାସୀ ପରିବାର

### ୧୨ ଶହ ଫୁଟ ପାହାଡ଼ ଚଢ଼ି ଲୋକଙ୍କୁ ବୁଝାଇଲେ ଜିଲ୍ଲାପାଳ

ବସବାସ କରୁଛନ୍ତି। ଗାଁକୁ ରାସ୍ତା ନାହିଁ। ନଳକୂଅ ପାଣି, ବିଜୁଳି ଏବେ ବି ଅପହଞ୍ଚ, ପାହାଡ଼ି ଝରଣାରୁ ପିଇବା ପାଣି ଆଣିବାକୁ ୯ ଶହ ଫୁଟ ତଳକୁ ଓହ୍ଲାଇବାକୁ ପଡ଼େ। କାହାର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଲେ ଡାକ୍ତରଖାନା ନେବାକୁ ମଧ୍ୟ ସୁବିଧା ନାହିଁ। କିଛିବର୍ଷ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରୟାସ କରାଯାଇଥିଲା। ପାହାଡ଼ରୁ ତଳକୁ ଆସିଲେ ସେମାନଙ୍କ ପାଇଁ ସବୁ ସୁବିଧା କରି ଦିଆଯିବ ବୋଲି ଲୋକଙ୍କୁ ବୁଝାଇଥିଲା ପ୍ରଶାସନ। ହେଲେ ଗାଁ ମାଟି, ଧରଣୀକୁ ଛାଡ଼ିକି ଯିବେନି ସେମାନେ, ସେଠାରୁ ଚାଲିଗଲେ ଧର୍ନୀ ଦେବତା କୋପ କରିବ ବୋଲି କହି ଆସି ନ ଥିଲେ। ୨୦୨୪ରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ତ୍ରିଲୋଚନପୁର ପଞ୍ଚାୟତ କୁନ୍ନାକାଡୁ ଗାଁକୁ ଗସ୍ତ କରି ଗାଁର ୮ ପରିବାରଙ୍କୁ ପାହାଡ଼ ତଳକୁ ଆଣିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁଙ୍କ ସହ ଯାଇ ବହୁ ବୁଝାଇବା ପରେ ଗ୍ରାମବାସୀ ଶେଷରେ ତଳକୁ ଆସିବାକୁ ରାଜି ହୋଇଥିଲେ। ୨୦୨୪ ଡିସେମ୍ବର ୪ ତାରିଖରେ କୁନ୍ନାକାଡୁ ଗାଁର ୮ଟି ପରିବାରଙ୍କୁ ଗାଁରୁ ୧୨ ଶହ ଫୁଟ ତଳେ ଜାଗା ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ (ଜନମନ) ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏୱାଇ-ଜି) ଯୋଜନାରେ ଘର ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଥିଲା। ସବଳ ବନାମ ଦୁର୍ବଳ ଏବଂ ଶିକ୍ଷିତ ବନାମ ଅଶିକ୍ଷିତ ଭଳି ଧାରଣା ଦୂରହେବା ସହିତ ସାମାଜିକ ଓ ଅର୍ଥନୈତିକ ସମସ୍ୟାର ଅନ୍ତ ଘଟିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

### ■ ଚର୍ଚ୍ଚାରେ ଲାଞ୍ଜିଗଡ଼ ସରକାରୀ ଏସ୍ଏସ୍ଡି ବିଦ୍ୟାଳୟ

## ରାତିଅଧରେ ଚାଉଳ ଚୋରି ଅଭିଯୋଗ

**ଲାଞ୍ଜିଗଡ଼, ୮ ।୨ (ସମିସ):** ସ୍କୁଲ ପରିସରରୁ ଚାଉଳ ବାହାରକୁ ଚାଲାଣ ପାଇଁ ଚାଲିଥିବା ମସୁଧା ପଣ୍ଡ ହୋଇଥିବା ଜଣାପଡ଼ିଛି। ଲାଞ୍ଜିଗଡ଼ ବ୍ଲକ ଅଧୀନ ଏସ୍ଏସ୍ଡି ବିଦ୍ୟାଳୟରେ ଏଭଳି ଏକ ଘଟଣା ଚର୍ଚ୍ଚାର ପରିସରଭୁକ୍ତ ହୋଇଛି। ନିକଟରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ପିଏ ଆଇଟିଡିଏ ସମେତ ଜିଲ୍ଲା ମଙ୍ଗଳ ଅଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପାଠପଢ଼ା ସହିତ ସେଠାକାର ବ୍ୟବସ୍ଥାର ପ୍ରଶଂସା କରିଥିଲେ। ସେହିପରି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ଅନ୍ୟ କର୍ମଚାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ ପରାଣୟତା ଓ ସାଧୁତାକୁ ଭୁରିଭୁରି ପ୍ରଶଂସା କରାଯାଇଥିଲା। ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜିଲା ଭଳିଆ ଘୃଣ୍ୟ କାମ କରିବାକୁ କିଏ ସାହାସ କରିଛି ତାହା ତଦନ୍ତ ସାପେକ୍ଷ। ରାତି ଅଧରେ ବିଦ୍ୟାଳୟରୁ ପ୍ରାୟ ୧୦ରୁ୧୫ କ୍ୱିଣ୍ଟାଲ ଚାଉଳ ପାର କରିବାକୁ କେହି ହୀନଉଦ୍ୟମ କରୁଥିବାବେଳେ ସ୍ଥାନୀୟ ପୁଲିସ ଗାଡ଼ିଦେଖି ଅଞ୍ଚଳ ଛାଡ଼ି ଚାଲିଯାଇଛନ୍ତି। ଏନେଇ ଲାଞ୍ଜିଗଡ଼ ଆଇଆଇସି ଯଶୋବନ୍ତ ହିଆଲ୍ ଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଚାଉଳ ଚୋରି ସମ୍ପର୍କରେ ଫୋନ ଆସିଥିଲା।। ପଟ୍ରୋଲିଂ ଗାଡ଼ି ଯିବାପରେ ସେଠାରେ କେହି ନଥିଲେ। ଚାଉଳ ସମ୍ପର୍କରେ ଆଉ ଅଧିକ ଖୋଳତାଡ଼ ନକରି ପୁଲିସ ଷ୍ଟାଫ୍ ଫେରିଆସିଥିଲେ। ଚାଉଳ ସଂକ୍ରାନ୍ତରେ କୌଣସି ମାମଲା ମଧ୍ୟ ରୁଜୁ କରାଯାଇ ନାହିଁ। ଗରିବ, ଆଦିବାସୀ ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ଖାଇବା ବାବଦକୁ ଆସିଥିବା ଚାଉଳରୁ ପ୍ରାୟ ୧୫ କ୍ୱିଣ୍ଟାଲ ଚାଉଳ ରାତିଅଧିଆ ବିକିବାକୁ ପ୍ରୟାସ କରି ହଟହଟା ହୋଇଛନ୍ତି। ରାତି ଅଧରେ ସ୍କୁଲ ପାଚେରି ଡିଆଁଇ ଚାଉଳ ବସ୍ତା ପାର କରିବା ଚିନ୍ତା ଦୁର୍ଭାଗ୍ୟଜନକ। ଏଭଳି ଏକ ନିନ୍ଦନୀୟ ଘଟଣା ଘଟିଛି ଲାଞ୍ଜିଗଡ଼ସ୍ଥିତ ସରକାରୀ ଏସଏସ୍ଡି ଉଚ୍ଚ ବିଦ୍ୟାଳୟ ଠାରେ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠୁଛି। ତେବେ ଘଟଣାସ୍ଥଳରେ ପୁଲିସ କାହାକୁ ଦେଖିନାହିଁ ବୋଲି କହିବା କଥା ଅନେକ ବିଶ୍ୱାସକୁ ନେଇପାରୁନାହାଁନ୍ତି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସହିତ ଗରିବ ନିରୀହ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ମୁହଁର ଦାନାକୁ ଛଡେଇ ନେଉଥିବା ଅସାମାଜିକ ତତ୍ୱମାନଙ୍କ ଉଦ୍‌ମୁଖା ଖୋଲିବା ଜରୁରିବୋଲି ଦାବି ହୋଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ପାର୍ଥବ ତାଣ୍ଡିଙ୍କୁ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରିବାରୁ ତାଙ୍କ ଫୋନ ବନ୍ଦ ରହିଛି ଏବଂ ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳୀୟାର ସିଂଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଏହି ସାମାନ୍ୟ ସୂଚନା ମିଳିଥିଲା। ତାହା କେତେଦୂର ସତ ତଦନ୍ତ ପରେ ଜଣାପଡ଼ିବ।

## ଶିକ୍ଷଣ ସାମଗ୍ରୀ କର୍ମଶାଳା



**ଗୋଲାମୁଣ୍ଡା, ୮ ।୨(ସମିସ):** ଗୋଲାମୁଣ୍ଡା ବ୍ଲକ ଗଣ୍ଡାମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଶନିବାରଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଦୁଇ ଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍ଯାପିତ ହୋଇଯାଇଛି। ଗଣ୍ଡାମେର ସିଆରସିସି ଟଙ୍କଧର ସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ପୁଟିଆତୁରା ସିଆରସିସି ରେଖରାମ ନାଏକ, କରଙ୍ଗାମୁଣ୍ଡା ସିଆରସିସି ବିରୁପାକ୍ଷ ଦୀପ, ବୃନ୍ଦାବହାଲ ସିଆରସିସି କ୍ଷୀରାବ୍ଧି ତନୟା ମଶ୍ରା, ଗଣ୍ଡାମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଘ୍ନରାଜ ରାଉତ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ଗଣ୍ଡାମେରର ୮ ଟି ବିଦ୍ୟାଳୟରୁ ୧୨ ଜଣ ଏଫଏଲ୍ଏନ୍ ଶିକ୍ଷକ ଦୁଇଦିନ ଧରି ଶିକ୍ଷଣ ସାମଗ୍ରୀ ତିଆରି କରିଥିଲେ। ଗୁରୁତ୍ୱପୁର୍ଣ୍ଣ, ଆନନ୍ଦ ଦାୟକ, ଓଡ଼ିଆ ଭାଷା, ଇଂରାଜୀଭାଷା, ଗଣିତ, ପରିବେଶ ଭିତ୍ତିକ ୫୦ ରୁ ଅଧିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିଲା। ଶିକ୍ଷଣ ସାମଗ୍ରୀ କର୍ମଶାଳାରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଗଣ୍ଡାମେର ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଘ୍ନରାଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ କେନ୍ଦ୍ର ଓ ବହୁବୃତ୍ତି ଶିକ୍ଷାନୁଷ୍ଠାନ ବୁଲିଲେ ଛାତ୍ରଛାତ୍ରୀ



**ବୌଦ୍ଧ, ୮ ।୨(ସମିସ):** ସରକାରଙ୍କ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଯୋଜନା ଆଧାରରେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଜିଲ୍ଲାର ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ୨ଟି ବସ୍‌ରେ ୬୦ ଜଣ ଛାତ୍ରଛାତ୍ରୀ ବରଗଡ଼ ଅଭିମୁଖେ ବାହାରିଥିଲେ। ସମସ୍ତେ ବରଗଡ଼ ବିଜ୍ଞାନ କେନ୍ଦ୍ର ଓ ବହୁବୃତ୍ତି ଶିକ୍ଷାନୁଷ୍ଠାନ ବୁଲି ଦେଖିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଦ୍ୱାରା ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ବସ୍ ପଟି ବରଗଡ଼ ଅଭିମୁଖେ ଯାତ୍ରା କରିଥିଲା। ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହଯୋଗରେ ପ୍ରାଥମିକ ଓ ମାଧ୍ୟମିକ ବିଭାଗର ୬୦ ଛାତ୍ରଛାତ୍ରୀ ଓ ୧୨ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଶୈକ୍ଷିକ ପରିଭ୍ରମଣରେ ଯାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଦୁବେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକଙ୍କ ସହିତ କାର୍ଯ୍ୟାଳୟ କର୍ମଚାରୀମାନେ ମଧ୍ୟ ପିଲାଙ୍କ ସହିତ ସାମିଲ ହୋଇଥିଲେ। ବରଗଡ଼ ଜିଲ୍ଲାର ଟୁକୁର୍ଲାରେ ଅବସ୍ଥିତ ଜିଲ୍ଲା ବିଜ୍ଞାନ କେନ୍ଦ୍ରରେ ୧୨୦ଟି ବିଜ୍ଞାନଭିତ୍ତିକ ପ୍ରକଳ୍ପ ବୁଲି ଦେଖିଥିଲେ। ଆକର୍ଷଣୀୟ ଆଲୋକ, ପ୍ରତିଫଳନ ଓ ପ୍ରତିବିମ୍ବ ସମୂହ ଏବଂ ଥିଏଟରରେ ଡାଇନୋସରଙ୍କ ଉପରେ ଆଧାରିତ ମୁଭି, ବିଜ୍ଞାନ ଉଦ୍ୟାନ, ଔଷଧୀୟ ବଗିଚା, ଶିଶୁ ଉଦ୍ୟାନ ଆଦି ବୁଲି ଜ୍ଞାନ ଆହରଣ କରିଥିଲେ। ସେହିଭଳି ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନ ବୁଲି ଦେଖିଥିଲେ।

### ସପ୍ତମ ରାଜ୍ୟସ୍ତରୀୟ ଖଲିଆପାଲି ଫୁଟବଲ କପ୍

## ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ସୋନପୁର ଚାମ୍ପିଅନ

**ବଲାଙ୍ଗିର, ୮ ।୨(ସମିସ):** ଖଲିଆପାଲି ଡ. ବି ଆର୍ ଆମ୍ବେଦକର ମିନି ଷ୍ଟାଡିୟମ୍‌ରେ ସପ୍ତାହ ବ୍ୟାପି ଆୟୋଜିତ ସପ୍ତମ ରାଜ୍ୟସ୍ତରୀୟ ଖଲିଆପାଲି ଫୁଟବଲ କପ୍ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ସୋନପୁର ମା' ମଙ୍ଗଳା ଏଫସି ଦଳ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲକୁ ୪ ଗୋ୍ ଦେଇ ବିଜୟୀ ହେବା ସହ ଚାମ୍ପିଅନ ହୋଇଛି।

ସୋନପୁର ଦଳ ମ୍ୟାଚ୍‌ର ପ୍ରଥମାର୍ଦ୍ଧରୁ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ବିପକ୍ଷରେ ଏକ ଗୋଲ ଦେଇ ଦଳକୁ ଆଗେଇ ରଖିବା ସହ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳିଙ୍କୁ ଗୋଲ୍ କରିବା ପାଇଁ କୌଣସି ସୁଯୋଗ ଦେଇ ନ ଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସୋନପୁର ଦଳ ଆହୁରି ୩ ଗୋଲ୍ ଦଇ ଆଗୁଆ ରହିଥିଲା। ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ଦଳର ଖେଳାଳିମାନେ ଅନେକ ଚେଷ୍ଟା କରିଥିଲେ ହେଁ କୌଣସି ଗୋଲ୍ କରିପାରି ନ ଥିଲେ।

ତେବେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଲିକା ସାହୁ, ବିଶିଷ୍ଟ ଶ୍ରମିକ ନେତା ଶମ୍ଭୁ ନାଗ, କାଉନସିଲର୍ ପ୍ରତିମା ଛତ୍ରିଆ, ବରିଷ୍ଠ ବିଜେଡି ନେତା ବିଦ୍ୟୁଭୂଷଣ ତ୍ରିପାଠୀ, ଭାଲେର୍ ସମବାୟ ସମିତିର ସଭାପତି ସତ୍ୟପୀର ପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଜଗନ୍ନାଥ ସ୍ପୋର୍ଟିଂ କ୍ଲବ୍‌ର ସଭାପତି ଶୁକଦେବ ସାହୁ ଓ ସମ୍ପାଦକ ହେମସାଗର ମହାନନ୍ଦଙ୍କ ନେତୃତ୍ୱରେ ସଭା ପରିଚାଳିତ ହୋଇଥିଲା। ଫାଇନାଲ ମ୍ୟାଚ୍‌କୁ ରେଫରୀ ଭାବେ ଦେବାଶିଷ ବାଗ ପରିଚାଳନା କରିଥିଲେ। ସହଯୋଗୀ ରେଫରୀ ଭାବେ ଆଶିଷ ଭୋଇ, ଶୁଭ୍ରାଂଶୁ ସେଠ୍ ରହିଥିଲେ। ମ୍ୟାଚ୍ କମିଶନର ଦାୟିତ୍ୱରେ ବୁଦ୍ଧିରାଜ୍ ବଶାଳ ଦାୟିତ୍ୱ ତୁଲାଇଥିଲେ। ହେମନ୍ତ ବେହେରା ଧାରା ବିବରଣୀ ପଠନ କରିଥିଲେ। ଶରତ ନନ୍ଦ ସହଯୋଗ କରିଥିଲେ।

ବିଜେତା ଦଳକୁ ଟ୍ରଫି ଓ ୩୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଭାଲେର ଧନୁଯାତ୍ରା ସାଂସ୍କୃତିକ କମିଟିର ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ନାଏକଙ୍କ ଦ୍ୱାରା ୩ ହଜାର ବୋନସ ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ଉପବିଜେତା ଦଳକୁ ଟ୍ରଫି ଓ ୨୧ ହଜାର ଟଙ୍କା ପୁରସ୍କାର ରାଶି ସହ ପୂର୍ବତନ କାଉନସିଲର୍ ସତ୍ୟପୀର ପାତ୍ରଙ୍କ ଦ୍ୱାରା ୨ ହଜାର ଟଙ୍କା ବୋନସ ରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



### ମା' ଭଣ୍ଡାର ଘରଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

## ଚହରାକୁ ହରାଇ ମକରାଗୁଡ଼ା ବିଜୟୀ



**ଗୋଲାମୁଣ୍ଡା, ୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମକରାଗୁଡା ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ମା ଭଣ୍ଡାର ଘରଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଉଦ୍ଯାପିତ ହୋଇଛି। ଏହି ଉଦ୍ଯାପନୀ ଦିବସରେ ମକରାଗୁଡା ଓ ଚହରା ମଧ୍ୟରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ପଟେଲ, ମୁରଲୀ ପଟେଲ, ମହେନ୍ଦ୍ର ଦାସ ଛବିଲାଲ ପଟେଲ, ଦିଲେଶ୍ୱର ପଟେଲ, ଅଶୋକ ପଟେଲ, ଗୋବିନ୍ଦ ବାଗ, କରୁକ୍ଷେତ୍ର ବାଗ, ପ୍ରଶାନ୍ତ ତାଣ୍ଡି, ସନ୍ତୋଷ ବାଗ, ଜଗଦିଶ ସାହୁ, ରୋମାଞ୍ଚଳ ବାଗ ପ୍ରମୁଖ ଯୋଗଦେଇ ଥିଲେ। ମକରାଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୫୦ ରନ ସଂଗ୍ରହ କରିଥିବା ବେଳେ ଯବାବରେ ଚହରା ଦଳ ୧୦୪ ରନ ସଂଗ୍ରହ କରି ସମସ୍ତ ୱାଇକେଟ ହରାଇ ପରାଜୟ ହୋଇଥିଲା। ଫଳରେ ମକରାଗୁଡ଼ା ଦଳ ବିଜୟ ମୁକୁଟ ପିନ୍ଧିଥିଲା। ଅତିଥି ମାନଙ୍କଦ୍ୱାରା ବିଜୟୀ ଦଳ ଓ ପରାଜୟ ଦଳ ଦଳକୁ ଟ୍ରଫି ପ୍ରଦାନ କରି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରମି ବାଗ ଓ ଭିକାରି ଖେଳ ପରିଚାଳନା କରିଥିଲେ। ଡିଜିଟାଲ ସ୍କୋରର ଭାବରେ ଶଙ୍କର ସାହୁ, ବୁଲୁ ସାହୁ କାର୍ଯ୍ୟ ତୁଲାଇ ଥିବାବେଳେ ଖେଳର ଧାରାବିବରଣୀ ଡାକେଶ୍ୱର ନିଆଲ ଧାରାବିବରଣୀ ପ୍ରଦାନ କରିଥିଲେ। ମାଁ ଭଣ୍ଡାର ଘରଣୀ କ୍ରିକେଟ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଟିମ ମ୍ୟାନେଜର ଛନ୍ଦା ଚରଣ ପଟେଲ ଥିଲେ। ଏହି ଖେଳକୁ ଆୟୋଜିତ କରିଥିଲେ ପ୍ରେମଲାଲ ପଟେଲ।

## ଚଣ୍ଡୀ ମହେଶ୍ୱରୀଙ୍କ ସ୍ୱର୍ଣ୍ଣମୃଦ ଓ ଗୃହ ପ୍ରବେଶ

**କୋକସରା, ୮ ।୨ (ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ମୁଗୁନାପଦର କପାଟଦର ସ୍ଥିତ କାଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ ଚଣ୍ଡୀ ମହେଶ୍ୱରୀଙ୍କ ନବ ନିର୍ମିତ ଗୃହର ସ୍ୱର୍ଣ୍ଣମୃଦ ଓ ଗୃହ



ପ୍ରବେଶ କାର୍ଯ୍ୟ ରବିବାର ଅନୁଷ୍ଠିତ ହୋଇଛି। ଶନିବାର ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ରବିବାର ସକାଳୁ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ନନ୍ଦେଶ୍ୱର ଧଙ୍ଗଡ଼ାମାଝୀ, ଚଣ୍ଡୀମନ୍ଦିର ପୂଜକ ଶିବ ବାଣୁଆ ରହିଥିବାବେଳେ ଆଜିର ପୂଜାକୁ ଉମାଶଙ୍କର ଦାସ ସମ୍ପାଦନ କରିଥିଲେ। କର୍ତ୍ତା ଭାବରେ ବାସୁଦେବ ଧଙ୍ଗଡ଼ାମାଝୀ ଓ ତାଙ୍କ ସହଧର୍ମିଣୀ ଡାଳିମ୍ବ ଧଙ୍ଗଡ଼ାମାଝୀ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱର୍ଣ୍ଣମୃଦ କାର୍ଯ୍ୟକ୍ରମରେ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସଞ୍ଜୟ ସିଙ୍ଗଲ, ସୁରେଶ ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗ, ପୂର୍ବତନ ସରପଞ୍ଚ ବନମାଳୀ ବାଗ, ନାନକ ଚନ୍ଦା ଅଗ୍ରୱାଲ, ବିନୋଦ ଅଗ୍ରୱାଲ, ରଘୁନାଥ ଖମାରୀ, ସାମିଲ ହୋଇଥିଲେ। କମିର ସମ୍ପାଦକ ମଣିରାମ ବାଣୁଆ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ନାଗ, ଦିଗାମ୍ବର ନାଗ, ଦିଲୀପ ନାଏକ, ଟଙ୍କଧର ବାଣୁଆ, ଉଗ୍ରସେନ ବାଣୁଆ, ଚେୟାରମ୍ୟାନ ପୂଝାରୀ, ବଂଶୀଧର ନାଗ, ଦେବୀସିଂ ନାଗ, କ୍ଷମାସିଲ କାଣ୍ଡ, ଡମ୍ବରୁଧର କଟା, ପୂର୍ଣ୍ଣ କଟା, ପରମାନନ୍ଦ ନାଗ, ଯୋଗୀନ୍ଦ୍ର ପୁଝାରୀ, ରଘୁନାଥ ନାଗ, ଖଗେଶ୍ୱର ପାଣିଗ୍ରାହୀ, ଈଶ୍ୱର ବାଣୁଆ, ଶ୍ୟାମ କେତକୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୭ • ପାଉଣ୍ଡ ୧୨୨.୩୦
- ୟୁରୋ ୧୦୬.୪୨ • ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୭୦୦ (ନୂଆଦିଲ୍ଲୀ)
- ରୁପା : ୨,୮୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୫୮୦.୦୦
- ନିଫ୍ଟି ୨୫,୬୯୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# ବଢ଼ିଲା ଚାଷୀଙ୍କ ଚିନ୍ତା

### କାହାକୁ ଛାଡ଼, କାହାକୁ ନାହିଁ

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଭାରତ ଏବଂ ଆମେରିକା ନିକଟରେ ଘୋଷଣା କରିଛନ୍ତି ଯେ ସେମାନେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ପରସ୍ପରର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବେ। ଦୁଇ ଦେଶ ପକ୍ଷରୁ ମିଳିତ ବିବୃତ୍ତିରେ କୁହାଯାଇଛି ଯେ ଆମେରିକା ଭାରତରୁ ଉତ୍ପନ୍ନ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ ୧୮%କୁ ହ୍ରାସ କରିବ।

ଆମେରିକାରୁ ଆସୁଥିବା ସମସ୍ତ ଶିଳ୍ପ ସାମଗ୍ରୀ ଏବଂ କିଛି କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କିମ୍ବା ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରାଯିବ। ଉଭୟ ଦେଶ ଏହା ମଧ୍ୟ ସହମତ ହୋଇଛନ୍ତି ଯେ ଯଦି କୌଣସି ଦେଶ ସହମତ ଶୁଳ୍କ ପରିବର୍ତ୍ତନ କରେ, ତେବେ ଅନ୍ୟ ପକ୍ଷ ମଧ୍ୟ ଏହାର ପ୍ରତିବଦ୍ଧତା ପରିବର୍ତ୍ତନ କରିପାରିବ। ଆମେରିକାର ପ୍ରତିଶୋଧମୂଳକ ନିର୍ଦ୍ଦେଶ ଟାରିଫ୍ କାର୍ଯ୍ୟନିର୍ବାହୀ ସହିତ କାର୍ଯ୍ୟକାରୀ ହେବ। ଏହା ଅଧୀନରେ, ବୟନ ଏବଂ ପୋଷାକ, ଚମଡା ଏବଂ ପାଦୁକା, ପ୍ଲାଷ୍ଟିକ୍ ଏବଂ ରବର, ଜୈବ ରାସାୟନିକ ପଦାର୍ଥ, ଗୃହ ସାଜସଜ୍ଜା ହସ୍ତଶିଳ୍ପ ଏବଂ କିଛି ଯନ୍ତ୍ରପାତି ଉପରେ ଟାରିଫ୍ ୧୫% ପର୍ଯ୍ୟନ୍ତ ବୃଦ୍ଧି ପାଇବ।



କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଅନୁଯାୟୀ, ଆମେ ଯେଉଁଥିରେ ସ୍ୱାବଲମ୍ବୀ(କୃଷି କ୍ଷେତ୍ର), ସେଗୁଡ଼ିକୁ ଏହି ଚୁକ୍ତିରୁ ବାଦ୍ ଦିଆଯାଇଛି। କୌଣସି ଛାଡ଼ ଦିଆଯାଇ ନାହିଁ। ସେ କହିଛନ୍ତି, ଆମର ସ୍ୱାର୍ଥ ଏବଂ ଆବଶ୍ୟକତାକୁ ଧ୍ୟାନରେ ରଖି ଭାରତ ସେହି ଜିନିଷଗୁଡ଼ିକ ପାଇଁ ବଜାର ଖୋଲିଛି ଯାହା ପାଇଁ ଆମେ ଏବେ ବି ଆମଦାନୀ ଉପରେ ନିର୍ଭର କରୁ। ଆମର ପଶୁପାଳନ କ୍ଷେତ୍ର ପାଇଁ ପଶୁଖାଦ୍ୟ ଆବଶ୍ୟକ ଥିଲା। ତେଣୁ, ସେଗୁଡ଼ିକୁ ସୀମିତ ପରିମାଣରେ ଆମଦାନୀ କରାଯିବ, ଯାହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି। ସେହିପରି, ଭାରତରେ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦିତ ହେଉ ନ ଥିବା ଜିନିଷଗୁଡ଼ିକ ପାଇଁ ବଜାର ଖୋଲିବା ଦ୍ୱାରା ପ୍ରତିଯୋଗିତା ବୃଦ୍ଧି ପାଇବ ଏବଂ ଗ୍ରାହକମାନେ ଲାଭ ପାଇବେ। ମଦ ଏବଂ ସ୍ପିରିଟ୍ ପାଇଁ ବଜାର ଖୋଲାଯାଇଛି। ସର୍ବନିମ୍ନ ଆମଦାନୀ ମୂଲ୍ୟ ମଧ୍ୟ ସ୍ଥିର କରାଯାଇଛି। ସେ କହିଛନ୍ତି, କିଛି ଜିନିଷ ଉପରେ ପର୍ଯ୍ୟାୟକ୍ରମେ ଶୁଳ୍କ ହ୍ରାସ କରାଯିବ ଏବଂ କିଛିକୁ ପ୍ରାରମ୍ଭିକ ଭାବରେ ହଟାଇ ଦିଆଯିବ।

### କପା, ସେଓ ଉପରେ ନିଷ୍ପତ୍ତି

ଭାରତ ପ୍ରାୟ ୬ ଲକ୍ଷ ଟନ୍ ସେଓ ଆମଦାନି କରେ। ସେଓ ମଧ୍ୟ ଆମେରିକାରୁ ଆସେ। ବର୍ତ୍ତମାନ, ୫୦% ଶୁଳ୍କ ସହିତ ପ୍ରତି କିଲୋଗ୍ରାମର ସର୍ବନିମ୍ନ ଆମଦାନି ମୂଲ୍ୟ ୫୦ ଟଙ୍କା ରେ ଆମଦାନି କରାଯାଏ। ଏହାର ଅର୍ଥ ହେଉଛି ମୂଲ୍ୟ ୭୫ ଟଙ୍କା ପ୍ରତି କିଲୋଗ୍ରାମରୁ କମ୍ ହୋଇପାରିବ ନାହିଁ। ସର୍ବନିମ୍ନ ଆମଦାନି ମୂଲ୍ୟ ୮୦ ଟଙ୍କା ହେବ, ୨୫% ଶୁଳ୍କ ସହିତ।

### ଦୁଗ୍ଧ ଉତ୍ପାଦକୁ ଛାଡ଼ ପାଇଛି କି ?

ଭାରତ ଅନେକ ଆମେରିକୀୟ ଖାଦ୍ୟ ଏବଂ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ। ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ସ୍ପଷ୍ଟ କରିଛନ୍ତି ଯେ ଦୁଗ୍ଧଜାତ ଦ୍ରବ୍ୟ ସମ୍ପର୍କରେ କୌଣସି ସର୍ତ୍ତ ସହିତ କିଛି ଖୋଲାଯାଇ ନାହିଁ। କୌଣସି ରିହାତି ପ୍ରଦାନ କରାଯାଇ ନାହିଁ, ଅର୍ଥାତ୍ ଆମେରିକୀୟ ଦୁଗ୍ଧଜାତ ଦ୍ରବ୍ୟ ଆମଦାନୀ କରାଯିବନାହିଁ।

### ରୁଷୀୟ ତୈଳ କ୍ରୟ ପ୍ରସଙ୍ଗ

ଆମେରିକା ଭାରତ ଉପରୁ ୨୫% ଜରିମାନା ଶୁଳ୍କ ଉଠାଇ ଦେଇଛି। ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ଆମେରିକାର ଅଧିକାରୀମାନେ ରୁଷରୁ ଭାରତର ତୈଳ କ୍ରୟ ଉପରେ ନଜର ରଖିବେ, ଏବଂ ଯଦି କ୍ରୟ ହେଉଥିବା ଜଣାପଡ଼େ, ତେବେ ୨୫% ଜରିମାନା ପୁନଃ ଲାଗୁ କରାଯାଇପାରେ ଏବଂ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

### ଆମେରିକାରୁ ୫୦୦ ବିଲିୟନ ଡଲାରର ଉତ୍ପାଦ କ୍ରୟ

ଭାରତ ଆଗାମୀ ୫ବର୍ଷ ମଧ୍ୟରେ ଆମେରିକାରୁ ତେଲ ଏବଂ ଗ୍ୟାସ, ବିମାନ ଏବଂ ବିମାନ ଅଂଶ, ସୁନା ସମେତ ମୂଲ୍ୟବାନ ଧାତୁ, ପ୍ରଯୁକ୍ତିବିଦ୍ୟା ଉତ୍ପାଦ ଏବଂ କୋକିଂ କୋଇଲା ସମେତ ୫୦୦ ବିଲିୟନ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ କ୍ରୟ କରିବ। ଭାରତ ଏବଂ ଆମେରିକା ଡାଟା ସେଣ୍ଟରରେ ବ୍ୟବହୃତ ଗ୍ରାଫିକ୍ସ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀରେ ବାଣିଜ୍ୟ ବୃଦ୍ଧି କରିବେ।

### ଅନ୍ୟ କେଉଁ ଭାରତୀୟ ସାମଗ୍ରୀରେ ଆମେରିକା ଶୁଳ୍କ ଶୂନ୍ୟ

ଯଦି ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଅନୁଯାୟୀ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ସଫଳ ହୁଏ, ତେବେ ଭାରତରୁ ରପ୍ତାନି ହେଉଥିବା ଅନେକ ସାମଗ୍ରୀ ଉପରେ ଆମେରିକାର ଶୁଳ୍କ ଶୂନ୍ୟ ହେବ। ଏହି ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ହୋଇପାରେ। ଏଥିରେ ଜେନେରିକ ଔଷଧ, ରତ୍ନ ପଥର ଏବଂ ହୀରା ଏବଂ ବିମାନ ଯନ୍ତ୍ରାଂଶଅନ୍ତର୍ଭୁକ୍ତ। ଗୋୟଲ୍ କହିଛନ୍ତି ଅଟୋ ଯନ୍ତ୍ରାଂଶ ଉପରେ ଶୁଳ୍କ ଶୂନ୍ୟ ହେବ, ଯେତେବେଳେ ଅନ୍ୟଗୁଡ଼ିକ ୧୮% ରହିବ।

### ଭାରତ କେଉଁ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବ?

ଆମେରିକାରୁ ଆସୁଥିବା ସମସ୍ତ ଶିଳ୍ପ ସାମଗ୍ରୀ ଉପରେ ଭାରତର ଆମଦାନୀ ଶୁଳ୍କ ଉଚ୍ଛେଦ କରାଯିବ। କର୍କଟ, ହୃଦରୋଗ, ନ୍ୟୁରୋ-ରୋଗ ଔଷଧ ଏବଂ କିଛି ଶିଶୁ ଔଷଧ ଉପରେ ମଧ୍ୟ ଶୁଳ୍କ ଉଚ୍ଛେଦ କରାଯିବ। ପ୍ରସାଧନ ସାମଗ୍ରୀ, ଜୈବ ଏବଂ ଅଜୈବ ରାସାୟନିକ ପଦାର୍ଥ, କମ୍ପ୍ୟୁଟର ସମ୍ବନ୍ଧୀୟ ଉତ୍ପାଦ ଏବଂ ଚିକିତ୍ସା ଉପକରଣ ସମେତ ଏପରି ସାମଗ୍ରୀର ଆମଦାନୀ ବର୍ତ୍ତମାନ ୨୬ ବିଲିୟନ ଡଲାର। ଗୋୟଲ କହିଛନ୍ତି ଯେ ଆମେରିକା ଧାରା ୨୩୨ ଅନୁଯାୟୀ ବିଶ୍ୱବ୍ୟାପୀ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୫୦% ଶୁଳ୍କ ଲାଗୁ କରିଛି, ଭାରତ ଉପରେ ସମାନ ଶୁଳ୍କ ଲାଗୁ କରିବ।

---

### କ୍ରିପ୍ଟୋ ଏକ୍ସଚେଞ୍ଜ ବାଇଥମ୍ବରେ ବଡ଼ ତ୍ରୁଟି

## ଭୁଲ୍‌ରେ ଚାଲିଗଲା ୧୫୦ କୋଟିର ବିଟ୍ କଏନ୍

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଦକ୍ଷିଣ କୋରିଆର କ୍ରିପ୍ଟୋ ଏକ୍ସଚେଞ୍ଜ ବାଇଥମ୍ବରେ ଏକ ବଡ଼ ତ୍ରୁଟି ଘଟିଛି। ଏକ୍ସଚେଞ୍ଜ ଭୁଲବଶତଃ ଏହାର ଗ୍ରାହକମାନଙ୍କୁ କୋଟି କୋଟି ଟଙ୍କାର ବିଟ୍ କଏନ୍ ପଠାଇଥିଲା। ବାସ୍ତବରେ ବାଇଥମ୍ବ, ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ ଏକ ପ୍ରମୋସନାଲ୍ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ୨୪୯ ଜଣ ଉପଭୋକ୍ତାଙ୍କ ନିକଟକୁ ଭୁଲବଶତଃ ୬୨୦,୦୦୦ ବିଟ୍ କଏନ୍ ସ୍ଥାନାନ୍ତର କରିଥିଲା। ଏହା ଏକ ବହୁତ ବଡ଼ ପରିମାଣ ଥିଲା। ପ୍ରତ୍ୟେକ ଉପଭୋକ୍ତା ହାରାହାରି ୨୪୯୦ ବିଟ୍‌କଏନ୍ ପାଇଥିଲେ, ଯାହାର ମୂଲ୍ୟ ପ୍ରାୟ ୧୬୬ନିୟୁତ ଡଲାର (ପ୍ରାୟ ୧୫୦୦ କୋଟି ଟଙ୍କା)। ଏହି ଘଟଣା ଘଟିଥିଲା ଯେତେବେଳେ ବାଇଥମ୍ବର ଜଣେ କର୍ମଚାରୀ ଏକ ପ୍ରଚାରମୂଳକ କାର୍ଯ୍ୟକ୍ରମ ପାଇଁ ଉପଭୋକ୍ତାଙ୍କ ପୁରସ୍କାର ସ୍ୱରୂପ ଭୁଲବଶତଃ "କୋରିଆନ୍ ୱନ୍" ବଦଳରେ "ବିଟିସି (ବିଟ୍ କଏନ) ୟୁନିଟ୍ ଟାଇପ୍ କରିଥିଲେ। ଏହି ତ୍ରୁଟି ଯୋଗୁଁ ବାଇଥମ୍ବରେ ବିଟ୍ କଏନର ମୂଲ୍ୟ କିଛି ସମୟ ପାଇଁ ହ୍ରାସ ପାଇଥିଲା, କାରଣ ବିଟ୍ କଏନ ପାଇଥିବା ଉପଭୋକ୍ତାମାନେ ସେଗୁଡ଼ିକୁ ବିକ୍ରି କରିବା ଆରମ୍ଭ କରିଥିଲେ।

**ଟାଇପିଂ ତ୍ରୁଟି ୨୪୯ ଗ୍ରାହକଙ୍କୁ ରାତାରାତି ବନାଇଲା କୋଟିପତି**

ଏହି ତ୍ରୁଟି ପରେ, କିଛି ଲୋକ ସେମାନେ ପାଇଥିବା ବିଟ୍ କଏନ୍ ବିକ୍ରି କରିଦେଇଥିଲେ। ଏଥିଯୋଗୁ ବିଟ୍ କଏନ୍ ମୂଲ୍ୟରେ ହଠାତ୍ ଏବଂ ତୀବ୍ର ହ୍ରାସ ଘଟିଥିଲା। ବାଇଥମ୍ବ କହିଛି ଯେ ଏହା ପ୍ରଭାବିତ ଗ୍ରାହକମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ କ୍ଷତି ପାଇଁ କ୍ଷତିପୂରଣ ଦେବ ଏବଂ ସେମାନଙ୍କୁ ଅତିରିକ୍ତ ୧୦ ପ୍ରତିଶତ କ୍ଷତିପୂରଣ ମଧ୍ୟ ପ୍ରଦାନ କରିବ। ଏକ୍ସଚେଞ୍ଜ ଏହା ମଧ୍ୟ ଘୋଷଣା କରିଛି ଯେ ସୋମବାର ମଧ୍ୟରାତ୍ରିରୁ ଆରମ୍ଭ ହେଉଥିବା ସମସ୍ତ ତାଲିକାଭୁକ୍ତ ସମ୍ପତ୍ତି ଉପରେ ବାଣିଜ୍ୟ ଶୁଳ୍କ ଏକ ସପ୍ତାହ ପାଇଁ ଛାଡ଼ କରାଯିବ। ଏକ୍ସଚେଞ୍ଜ ନିଜର ଭୁଲ ଜାଣିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହା ୩୫ ମିନିଟ୍ ମଧ୍ୟରେ କାରବାର ଏବଂ ଉଠାଣକୁ ସ୍ଥଗିତ ରଖିଥିଲା। ବାଇଥମ୍ବ ରିପୋର୍ଟ କରିଥିଲା ଯେ ଏହା ୬୧୮,୨୧୨ ବିଟ୍‌କଏନ ଏବଂ ବ୍ୟବହାରକାରୀଙ୍କ ଦ୍ୱାରା ବିକ୍ରି ହୋଇଥିବା ୧,୭୮୮ ବିଟକଏନର ୯୩ ପ୍ରତିଶତ ପୁନରୁଦ୍ଧାର କରିଛି। ଏହା ସତ୍ତ୍ୱେ, ବାଇଥମ୍ବ ୧୨୫ ବିଟକଏନ ପୁନରୁଦ୍ଧାର କରିବାରେ ବିଫଳ ହୋଇଥିଲା।

---

## ବୟନ ସାମଗ୍ରୀରେ ଟାରିଫ୍ ଅଧାରୁ ଅଧିକ ହ୍ରାସ



ବାଂଲାଦେଶର ଚିନ୍ତା ବଢ଼ିଲା

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବେ ଏସିଆ ବଜାରରେ ହଇଚଇ ସୃଷ୍ଟି କରିଛି। ଏହା ପଡ଼ୋଶୀ ବାଂଲାଦେଶର ଚିନ୍ତା ବଢ଼ାଇଛି। କାରଣ ଚୁକ୍ତିରେ ଆମେରିକା ଭାରତୀୟ ପୋଷାକ ଏବଂ ବୟନ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ (ଟାରିଫ୍) ଅଧାରୁ ଅଧିକ ହ୍ରାସ କରିଛି। ପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ୫୦% ଟିକସ ଲାଗୁଥିଲା, ଏବେ ଏହାକୁ ମାତ୍ର ୧୮% ହ୍ରାସ କରାଯାଇଛି। ବିଶେଷଜ୍ଞଙ୍କ କହିବା ଅନୁସାରେ, ଆମେରିକାର ଏହି ଏକକ ନିଷ୍ପତ୍ତି ବାଂଲାଦେଶ ପାଇଁ ଘାତକ ସାବ୍ୟସ୍ତ ହେବ। କାରଣ ବୟନ ଶିଳ୍ପ ବାଂଲାଦେଶ ଆୟର ମୁଖ୍ୟ ଉତ୍ସ।

ଏହି ଚୁକ୍ତିର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଅନ୍ୟ ଦେଶର ବସ୍ତ୍ର ତୁଳନାରେ ଭାରତୀୟ ବସ୍ତ୍ର ଏବେ ଆମେରିକାରେ ସବୁଠାରୁ ଶସ୍ତା ହେବ। ପରିସଂଖ୍ୟାନକୁ ଦେଖିଲେ, ନୂତନ ଶୁଳ୍କ ବ୍ୟବସ୍ଥା ଭାରତକୁ ଗୁରୁତ୍ୱପୂର୍ଣ୍ଣ ଲାଭ ଦେବ। ଭାରତୀୟ ସାମଗ୍ରୀ ଉପରେ ଏବେ ୧୮% ଟିକସ ଲାଗୁ ହେବ, ଯାହା ବାଂଲାଦେଶୀ ସାମଗ୍ରୀ ଉପରେ ୨୦%, ଭିଏତନାମ୍‌ସାମଗ୍ରୀ ଉପରେ ୨୦% ଏବଂ ଚୀନ୍ ସାମଗ୍ରୀ ଉପରେ ୩୦% ଟିକସ ଲାଗୁ ହେବ। ୧୯% ସହିତ ପାକିସ୍ତାନ ମଧ୍ୟ ଭାରତଠାରୁ ପଛରେ ପଡ଼ିଯାଇଛି। ବୟନ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ବିଶ୍ୱର ପ୍ରମୁଖ କ୍ରେତାମାନେ ଭାରତରୁ କମ୍ ଟିକସରେ ଗୁଣାତ୍ମକ ସାମଗ୍ରୀ ପାଇପାରିବେ। ଫଳରେ ସେମାନେ ସେମାନେ ବାଂଲାଦେଶ କିମ୍ବା ଚୀନରୁ ସାମଗ୍ରୀ କିଣା କମ୍ କରିବେ। ଯାହାର ସିଧାସଳଖ ଫାଇଦା ପାଇବେ ଭାରତୀୟ ରପ୍ତାନିକାରୀ। ଏମିତିରେ ଏହା ବାଂଲାଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ହୋଇପାରେ। କାରଣ ପୂର୍ବରୁ ୟୁରୋପୀୟ ସଂଘ ସହିତ ଭାରତର ଚୁକ୍ତି ଯୋଗୁ ବାଂଲାଦେଶ ଚାପରେ ଥିଲା। ସୂଚନାଥାଉକି, ଆମେରିକା ବିଶ୍ୱର ସବୁଠାରୁ ବଡ଼ ବଜାର। ଏହାର କପଡ଼ା ବଜାର ପ୍ରାୟ ୧୧୮ ବିଲିୟନ ଡଲାରର। ହେଲେ ଅଧିକ ଟିକସ ଯୋଗୁ ଭାରତ ଏପର୍ଯ୍ୟନ୍ତ ଏହି ବଜାରରେ ନିଜର ଶକ୍ତି ପୂର୍ଣ୍ଣ ଭାବରେ ପ୍ରଦର୍ଶନ କରିପାରି ନଥିଲା। ତଥାପି, ୱାଶିଂଟନ ସହ ଏହି ଚୁକ୍ତି ଭାରତ ପାଇଁ ଦ୍ୱାର ଖୋଲିଛି। ଭାରତ ପୂର୍ବରୁ ପ୍ରାୟ ୧୦.୫ ବିଲିୟନ ଡଲାର ମୂଲ୍ୟର କପଡ଼ା ଆମେରିକାକୁ ରପ୍ତାନି କରୁଛି। କିନ୍ତୁ ଏବେ ଛାଡ଼ ପରେ ଏହି ପରିମାଣ ବହୁ ଗୁଣ ବୃଦ୍ଧି ପାଇବାର ଆଶା କରାଯାଉଛି। ସରକାର ୨୦୩୦ ସୁଦ୍ଧା ୧୦୦ ବିଲିୟନ ଡଲାର ରପ୍ତାନି ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏହି ଚୁକ୍ତି ମଧ୍ୟ ଲକ୍ଷ୍ୟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

---

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୮।୨(ସମିସ) : ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡିକୁ ସମୟୋପଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ସିଡିଏସ୍ଥିତ ଜନ ଶିକ୍ଷଣ ସଂସ୍ଥାଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ନିର୍ଦ୍ଦେଶକ ପି.କେ ଗୁପ୍ତା, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଡି ଏସ୍ ରାଠୋର, ଡିଆଇସି ଉପ-ମହାପ୍ରବନ୍ଧକ ମନୋଜ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାରଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୩ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା।

## ନୂଆ ଆୟକର ଆଇନ ଚିଠା ଜାରି

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଆୟକର ବିଭାଗ ପକ୍ଷରୁ ଆୟକର ନିୟମ ୨୦୨୬ର ଏକ ନୂତନ ଚିଠା ପ୍ରକାଶ କରାଯାଇଛି। ଏହି ନୂତନ ନିୟମଗୁଡ଼ିକ ଆସନ୍ତା ଆର୍ଥିକବର୍ଷ ବା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ସରକାର ଟିକସ ଦାଖଲ ପ୍ରକ୍ରିୟାକୁ ସରଳ କରିବା ଏବଂ ସାଧାରଣ କରଦାତାଙ୍କ ପାଇଁ ନିୟମଗୁଡ଼ିକୁ ସହଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନୂତନ ପ୍ରସ୍ତାବିତ ଚିଠାରେ ନିୟମ ଏବଂ ଫର୍ମ ସଂଖ୍ୟା ମଧ୍ୟ ହ୍ରାସ କରାଯାଇଛି। ପ୍ରଚଳିତ ଆୟକର ନିୟମ, ୧୯୬୨ ରେ ମୋଟ ୫୧୧ ନିୟମ ଏବଂ ୩୯୯ ଫର୍ମ ଥିଲା। ନୂତନ ଚିଠାରେ ଏହାକୁ ମାତ୍ର ୩୩୩ ନିୟମ ଏବଂ୧୯୦ ଫର୍ମକୁ ହ୍ରାସ କରାଯାଇଛି। ବିଭାଗ ଏପରି ବ୍ୟବସ୍ଥାଗୁଡ଼ିକୁ ହଟାଇ ଦେଇଛି ଯାହାର ଆଉ ଆବଶ୍ୟକତା ନ ଥିଲା ଏବଂ ଅନେକ ସମାନ ନିୟମକୁ ଏକୀକୃତ କରିଛି। ଏହା ଟିକସ ବ୍ୟବସ୍ଥାର ଜଟିଳତାକୁ ହ୍ରାସ କରିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟ ଭାଷଣ ସମୟରେ କହିଥିଲେ ଯେ ଆୟକର ନିୟମ ଏବଂ ଫର୍ମଗୁଡ଼ିକୁ ସରଳ କରାଯିବ ଯାହା ଦ୍ୱାରା ସାଧାରଣ ନାଗରିକମାନେ କୌଣସି ଅସୁବିଧା ବିନା ସେଗୁଡ଼ିକୁ ଅନୁସରଣ କରିପାରିବେ।

## ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ମହିଳାଙ୍କ ଉତ୍କୃଷ୍ଟ ପ୍ରଦର୍ଶନ



ଭୁବନେଶ୍ୱର, ୮।୨ (ସମିସ): ଭାରତୀୟ ରେଳବାଇର ବିଭିନ୍ନ ୟୁନିଟ୍ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ଦୁଇ ମହିଳା ଖେଳାଳି କୋଲକାତାରେ ଅନୁଷ୍ଠିତ ୫୪ତମ ଅଲ୍ ଇଣ୍ଡିଆ ରେଲୱେ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ମହିଳା କଳାତ୍ମକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ବର୍ଗରେ ସ୍ୱର୍ଣ୍ଣ ଏବଂ ଟ୍ରିପଲ୍ କାଂସ୍ୟ ପଦକ ହାସଲ କରିଛନ୍ତି। ଡବ୍ଲ୍ୟୁଏଜି ବର୍ଗରେ ଚିତ୍ତରଞ୍ଜନ ଲୋକୋମୋଟିଭ୍ ୱାର୍କ୍ସ ପ୍ରତିନିଧିତ୍ୱ କରୁଥିବା ପ୍ରଣତି ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିବା ପାଇଁ ଅସାଧାରଣ ନିୟନ୍ତ୍ରଣ, କଷ୍ଟକରତା ଏବଂ କାର୍ଯ୍ୟାନ୍ୱୟନ ପ୍ରଦର୍ଶନ କରିଛନ୍ତି। ଡବ୍ଲ୍ୟୁଏଜି ବର୍ଗରେ ଦକ୍ଷିଣ ପୂର୍ବ ରେଳବାଇରୁ ପ୍ରତିନିଧିତ୍ୱ କରୁଥିବା କରିଶ୍ମା ଏକ ଅସାଧାରଣ ଚାମ୍ପିଅନସିପ୍ ହାସଲ କରିଥିଲେ, ବିଭିନ୍ନ ଇଭେଣ୍ଟରେ ତିନୋଟି କାଂସ୍ୟ ପଦକ ହାସଲ କରିଥିଲେ। ପ୍ରଣତି ଏବଂ କରିଶ୍ମାଙ୍କ ଦୃଢ଼ ପ୍ରଦର୍ଶନ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଭୂମିକାକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

## ଭାରତୀୟ କମ୍ପାନୀଙ୍କୁ ସାଇବର ଆକ୍ରମଣ ଭୟ

### ଡାଟା ଚୋରି ଓ ଏଆଇକୁ ନେଇ ଶିଳ୍ପ ଜଗତ ଚିନ୍ତାରେ

ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ସମ୍ପ୍ରତି ସାଇବର ଆକ୍ରମଣ ଏବଂ ଡାଟା ଚୋରି ଭାରତୀୟ କମ୍ପାନୀଗୁଡିକ ପାଇଁ ସବୁଠାରୁ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟିଛି। 'ଫିକି ଇୱାଇ ରିସ୍କ ସର୍ଭେ ୨୦୨୬'ର ଏକ ନୂତନ ରିପୋର୍ଟରେ ଏହି ଆଶ୍ଚର୍ଯ୍ୟଜନକ ରିପୋର୍ଟ ସମ୍ପର୍କରେ ଖୁଲାସା ହୋଇଛି। ରିପୋର୍ଟ ଅନୁଯାୟୀ, ଅଧାରୁ ଅଧିକ ଭାରତୀୟ ବ୍ୟବସାୟୀ ସାଇବର ସୁରକ୍ଷାକୁ ସେମାନଙ୍କ କମ୍ପାନୀର ଅଭିବୃଦ୍ଧିରେ ସବୁଠାରୁ ବଡ଼ ପ୍ରତିବନ୍ଧକ ବୋଲି ମାନିଛନ୍ତି। ପ୍ରକାଶିତ ସର୍ଭେ ରିପୋର୍ଟ ଅନୁଯାୟୀ, ପ୍ରାୟ ୫୧ ପ୍ରତିଶତ ବରିଷ୍ଠ କାର୍ଯ୍ୟନିର୍ବାହୀ ସ୍ୱୀକାର କରିଛନ୍ତି ଯେ ସାଇବର ଉଲ୍ଲଂଘନ ଏବଂ ଡିଜିଟାଲ୍ ଆକ୍ରମଣ ଏହି ସମୟରେ ସେମାନଙ୍କ ପାଇଁ ସବୁଠାରୁ ବଡ଼ ବିପଦ। ଏହା ପଛକୁ ପରିବର୍ତ୍ତନଶୀଳ ଗ୍ରାହକ ଚାହିଦା (୪୯% ପ୍ରତିଶତ) ଏବଂ ବିଶ୍ୱ ଭୂ-ରାଜନୈତିକ ଅସ୍ଥିରତା (୪୮% ପ୍ରତିଶତ) ସେମାନଙ୍କ ବ୍ୟବସାୟ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଭାବରେ ଦେଖାଯାଉଛି।

ସର୍ଭେରେ ସାମିଲ ହୋଇଥିବା ୬୧ ପ୍ରତିଶତ ଶିଳ୍ପ ନେତୃବୃନ୍ଦ କହିଛନ୍ତି ଯେ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ପରିବର୍ତ୍ତନ ଏବଂ ଡିଜିଟାଲ୍ ବ୍ୟାଘାତ ସେମାନଙ୍କ ବଜାର ସ୍ଥିତିକୁ ପ୍ରଭାବିତ କରୁଛି। ସମାନ ସଂଖ୍ୟକ ଲୋକ ବିଶ୍ୱାସ କରନ୍ତି ଯେ ସାଇବର ଆକ୍ରମଣ କେବଳ ଆର୍ଥିକ କ୍ଷତିର କାରଣ ନୁହେଁ ବରଂ ଏକ କମ୍ପାନୀର ପ୍ରତିଷ୍ଠାକୁ ମଧ୍ୟ ଗୁରୁତର ଭାବରେ ନଷ୍ଟ କରିଥାଏ। ରିପୋର୍ଟରେ କୁହାଯାଇଛି ଯେ ୫୭ ପ୍ରତିଶତ ଶିଳ୍ପ ନେତୃବୃନ୍ଦ ତଥ୍ୟ ଚୋରି ଏବଂ କମ୍ପାନୀ ଭିତରେ ହେଉଥିବା ଠକେଇ ବିଷୟକୁ ନେଇ ଚିନ୍ତିତ, ଯେତେବେଳେ କି ୪୭ ପ୍ରତିଶତ ବିଶ୍ୱାସ କରନ୍ତି ଯେ ସାଇବର ବିପଦର ପରିବର୍ତ୍ତିତ ଏବଂ ଜଟିଳ ପ୍ରକୃତି ସହିତ ମୁକାବିଲା କରିବା କ୍ରମଶଃ କଷ୍ଟକର ହେଉଛି। ଆଜିକାଲି ସବୁଠି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିଷୟରେ ଆଲୋଚନା ହେଉଛି, କିନ୍ତୁ ଏହା ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଏକ ଦୁଇଧାର ଥିବା ଖଣ୍ଡା ପ୍ରମାଣିତ ହେଉଛି।



ସର୍ଭେ ଅନୁଯାୟୀ, ୬୦ ପ୍ରତିଶତ କମ୍ପାନୀ ଭୟ କରୁଛନ୍ତି ଯେ ଯଦି ସେମାନେ ଏଆଇ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ ନ କରନ୍ତି, ତେବେ ସେମାନେ ସେମାନଙ୍କର କାର୍ଯ୍ୟରେ ପଛରେ ପଡ଼ିଯିବେ। ଏହି ସମୟରେ, ୫୪ ପ୍ରତିଶତ ବିଶ୍ୱାସ କରନ୍ତି ଯେ ଏଆଇ ସହିତ ଜଡିତ ବିପଦ, ଯେପରିକି ନୈତିକ ସମସ୍ୟା ଏବଂ ପ୍ରଶାସନିକ କାର୍ଯ୍ୟ ସଠିକ୍ ଭାବରେ ପରିଚାଳିତ ହେଉନାହିଁ। ପ୍ରଯୁକ୍ତିବିଦ୍ୟା ବ୍ୟତୀତ, କମ୍ପାନୀଗୁଡ଼ିକ ଯୋଗ୍ୟ କର୍ମଚାରୀଙ୍କ ଅଭାବର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୬୪ ପ୍ରତିଶତ କାର୍ଯ୍ୟନିର୍ବାହୀ ବିଶ୍ୱାସ କରନ୍ତି ଯେ ଦକ୍ଷ କର୍ମଚାରୀଙ୍କ ଅଭାବ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିପାରେ, ଯେତେବେଳେ କି ୫୯ ପ୍ରତିଶତ ଦୁର୍ବଳ ଉତ୍ତରାଧିକାର ଯୋଜନାକୁ ସ୍ଥାୟୀତ୍ୱ ପାଇଁ ବିପଦ ବୋଲି ବିଚାର କରନ୍ତି। ଏହି ପରିବର୍ତ୍ତିତ ସମୟ ଉପରେ ମତାମତ ଦେଇ, ଫିକିର ରାଜୀବ ଶର୍ମା କହିଛନ୍ତି ଯେ ବିପଦଗୁଡ଼ିକୁ ବର୍ତ୍ତମାନ ଏକ ରଣନୀତିର ଅଂଶ ଭାବରେ ସମାଧାନ କରାଯାଉଛି, ଏକ ଘଟଣା ଭାବରେ ନୁହେଁ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ।

**ବୃଷ:** ନୂତନ ବ୍ୟବସାୟ ପାଇଁ ଭଲ ସମୟ। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଆୟ ଅନୁସାରେ ବ୍ୟୟ ହେବ। ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ଜୀବନସାଥୀଙ୍କଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି ତାହାକୁ ପ୍ରକାଶ କରନ୍ତୁ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସମୟର ସଦୁପଯୋଗ କରନ୍ତୁ। ପାରିବାରିକ କଳହ ସମାପ୍ତ ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ପୁରୁଣା ବନ୍ଧୁ ମିଳନ ଯୋଗ ରହିଛି। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ଉଧାର ଟଙ୍କା ଫେରି ପାଇବେ। କାର୍ଯ୍ୟରୁ ସଫଳତା ମିଳିବ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନିଜ ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। ଲୋକ ସମ୍ପର୍କ ବଢ଼ିବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଜମି କ୍ରୟ କରିପାରନ୍ତି।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେବ। ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୮୦୧ - ଫ୍ରାନ୍ସ - ଅଷ୍ଟ୍ରିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୯୩୧- ଭାରତରେ କୌଣସି ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଥମ ଥର ଡାକଟିକଟ ଜାରି କରାଗଲା।
- ୧୯୭୧ - ମହାକାଶଯାନ ଆପୋଲୋ ୧୪ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କଲା।
- ୨୦୧୬- ଜର୍ମାନୀରେ ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୧୨ ମୃତ, ୮୫ ଆହତ।

## ୨୦୨୭ରେ 'ଆନିମଲ ପାର୍କ'ର ସୁଟିଂ



ବଲିଉଡ୍ ଅଭିନେତା ରଣବୀର କପୁର ଓ ବବି ଦେଓଲଙ୍କ ଫିଲ୍ମ 'ଆନିମଲ' (୨୦୨୩) ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଦର୍ଶକେ ଏହାର ସିକ୍ୱେଲକୁ ଅପେକ୍ଷା କରିଛନ୍ତି। ଏହାର ସିକ୍ୱେଲର ଟାଇଟଲ୍ ରହିଛି 'ଆନିମଲ ପାର୍କ'। ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦେବେ। ନିକଟରେ ଫିଲ୍ମର ସୁଟିଂକୁ ନେଇ ସନ୍ଦୀପ ସୂଚନା ଦେଇଛନ୍ତି। ଆସନ୍ତାବର୍ଷ ମଧ୍ୟ ଆଡ଼କୁ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରେ ବୋଲି ସନ୍ଦୀପ କହିଛନ୍ତି। 'ଆନିମଲ ପାର୍କ' ଏହାର ପ୍ରଥମ ପାର୍ଟ ଅପେକ୍ଷା ଆହୁରି ହିଂସାତ୍ମକ ହେବ ବୋଲି ମଧ୍ୟ ସେ କହିଛନ୍ତି। ଏଥିରେ ରଣବୀର କପୁର ଡବଲ ରୋଲ(ହିରୋ, ଖଳନାୟକ) ରେ ନଜର ଆସିବେ। ସନ୍ଦୀପ ଏବେ ପ୍ରଭାସଙ୍କ ଅଭିନୀତ 'ସ୍ପିରିଟ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ସୁଟିଂ ସରିବା ପରେ ହିଁ ସେ 'ଆନିମଲ ପାର୍କ'ର ସୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି। ଏଥିରେ ରଣବୀରଙ୍କ ସହ ରଶ୍ମିକା ମନ୍ଦାନା ଓ ତ୍ରିପ୍ତି ଦିମ୍ରି ମଧ୍ୟ ଦେଖାଯିବେ। ରଣବୀରଙ୍କ କାମ କଥା କହିବାକୁ ଗଲେ ସେ ଏବେ ନୀତେଶ ତିୱାରିଙ୍କ 'ରାମାୟଣ'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାବାଦ୍ ସେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍'ରେ ମଧ୍ୟ କାମ କରୁଛନ୍ତି।

## ମଣିଷଙ୍କ ଭଳି ହାବଭାବ ଦେଖାଉଥିବା ରୋବଟ୍

ଚୀନ୍ ଶଂଘାଇରେ ରୋବଟିକ୍ସ କମ୍ପାନି ଡ୍ରଏଡ୍‌ଅପ୍ ଏକ ବିଶେଷ ପ୍ରକାର ହ୍ୟୁମାନଏଡ୍ ରୋବଟ୍‌କୁ ପରିଚିତ କରାଇଛି। ଏହାର ନାଁ ମୋୟା। କମ୍ପାନି ପକ୍ଷରୁ ଦାବି କରାଯାଇଛି ଯେ, ଏହି ରୋବଟ୍ କେବଳ ଯେ ମଣିଷଙ୍କ ଭଳି ଚଲାବୁଲା କରୁଛି ତାହା ନୁହେଁ ବରଂ ଲୋକଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ଆଖିରେ ଆଖି ମିଶେଇ ଥାଏ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ମୋୟା କେବଳ ଡିଜିଟାଲ ଦୁନିଆରେ କାମ କରିବାର ଏକ ସିଷ୍ଟମ ନୁହେଁ, ବରଂ ଏହା ବାସ୍ତବ ଦୁନିଆକୁ ଅନୁଭବ କରିପାରିବ, ବୁଝିପାରିବ ଏବଂ ସେହି ହିସାବରେ ପ୍ରତିକ୍ରିୟା ଦେଇପାରିବ। ଏହାର ଅର୍ଥ ସେ ତା' ଆଖପାଖ ଜିନିଷକୁ ବୁଝି ସେହି ହିସାବରେ ପ୍ରତିକ୍ରିୟା ରଖିବ। ତେଣୁ ଏହାକୁ ପାରମ୍ପରିକ ରୋବଟ୍‌ଠାରୁ ଅତ୍ୟାଧୁନିକ ବୋଲି କୁହାଯାଉଛି। ସେହିପରି ଏହି ରୋବଟ୍ ହସିବା, ମୁଣ୍ଡ ହଲାଇବା, ଆଖିରେ ଇସାରା ଦେବା ଏବଂ ମଣିଷ ଭଳି ଚାଲୁଥିବାର ଦେଖାଯାଇଛି। କମ୍ପାନିର କହିବା କଥା ଏହା ମଣିଷର ଅତି ଛୋଟ ହାବଭାବକୁ ନକଲ କରିପାରେ। ଏହାର ଉଚ୍ଚତା ୫.୫ ଫୁଟ ଏବଂ ଓଜନ ୩୨ କିଲୋଗ୍ରାମ୍। ଏହାକୁ ଜଣେ ପ୍ରାପ୍ତ ବୟସ୍କ ମଣିଷ ଶରୀର ଅନୁପାତରେ ଡିଜାଇନ୍ କରାଯାଇଛି। ସେହିପରି ଏହାର ଶରୀରର ତାପମାତ୍ରା ୩୨-୩୬ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରଖାଯାଇଛି। ଯଦ୍ୱାରା ଏହା ମଣିଷ ସହିତ କଥାବାର୍ତ୍ତା କରିବା ବେଳେ ଯେମିତି ଅଧିକ ଜୀବନ୍ତ ଲାଗିବ। କେବଳ ସେତିକି ନୁହେଁ, ଏହାର ଚାଲିବା ଶୈଳୀ ୯୨ ପ୍ରତିଶତ ମଣିଷଙ୍କ ଭଳି। ଅନ୍ୟପଟେ କମ୍ପାନି ଏହାକୁ କେବଳ ଘର କାମ ପାଇଁ ନୁହେଁ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ବ୍ୟବହାର କରିବାକୁ ଇଚ୍ଛା ରଖିଛି। ଏହିବର୍ଷ ଶେଷ ସୁଦ୍ଧା ଏହାକୁ ଲଞ୍ଚ୍ କରାଯାଇପାରେ। ଏହାର ଦାମ୍ ଭାରତୀୟ ମୁଦ୍ରାରେ ପାଖାପାଖି ସାତ ଲକ୍ଷ ଟଙ୍କା। ଏଯାବତ୍ କମ୍ପାନି ପକ୍ଷରୁ ଏହାର ଦାମ୍ ଓ ଉପଲବ୍ଧତା ବିଷୟରେ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ।



## ଗୋଲାପି ଜଳ

କେରଳରେ ପିଇବାକୁ ଦିଆଯାଉଥିବା ଗୋଲାପି ରଙ୍ଗ ପାଣିକୁ ଦେଖି ଅନେକ ଆଶ୍ଚର୍ଯ୍ୟ ହୋଇଥାନ୍ତି। ଜଣେ ଇନଷ୍ଟାଗ୍ରାମ୍ ବ୍ୟବହାରକାରୀ ଏହାର ଏକ ଭିଡିଓ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ଗୋଲାପି ଜଳକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହା କୌଣସି ରସାୟନ ଯୁକ୍ତ ପାଣି ନୁହେଁ, ବରଂ ଏହା କେରଳର ପ୍ରାଚୀନ ପରମ୍ପରାର ଏକ ଅଂଶ। ଏହି ଗୋଲାପି ପାଣି ପଥିମୁଗମ ନାମକ ଏକ ବିଶେଷ ଗଛର ଛାଲରୁ ପ୍ରସ୍ତୁତ ହୋଇଥାଏ। ଏହାକୁ ଇଂରାଜୀରେ ଇଷ୍ଟ ଇଣ୍ଡିଆନ୍ ରେଡ୍ ଉଡ୍ କୁହାଯାଏ। ଏହା ଏକ ଛୋଟ ଗଛ। କେରଳର ଉଷ୍ମ ଏବଂ ଆର୍ଦ୍ର ଜଳବାୟୁରେ ଏହା ବଢ଼ିଥାଏ। ତେଣୁ ଏଠାରେ ପ୍ରତ୍ୟେକ ଘରେ ଏହା ଦେଖିବାକୁ ମିଳିଥାଏ। ଏହି ଗଛର ଛାଲିକୁ ପାଣିରେ ପକାଇ ଫୁଟାଇଲେ, ଏହା ପ୍ରାକୃତିକ ଭାବେ ଗୋଲାପି ରଙ୍ଗର ହୋଇଯାଇଥାଏ। ଏହି ରଙ୍ଗ ବ୍ରାଜିଲିନ ନାମକ ଏକ ପ୍ରାକୃତିକ ତତ୍ତ୍ୱରୁ ସୃଷ୍ଟି ହୋଇଥାଏ। ତେଣୁ ଏହାକୁ କେରଳରେ ଆୟୁର୍ବେଦିକ ପାଣି ବା ପଥିମୁଗମ ଜଳ ବୋଲି କୁହାଯାଏ। ସୁନ୍ଦର ଦିଶିବା ପାଇଁ ଏହାକୁ ପିଆ ଯାଏ ନାହିଁ, ବରଂ ଏହାର ଅନେକ ସ୍ୱାସ୍ଥ୍ୟ ଉପକାରିତା ଅଛି। ବିଶେଷକରି କେରଳ ଗ୍ରାମାଞ୍ଚଳର ଲୋକେ ଏହି ପାଣିକୁ ସବୁଦିନ ଫୁଟାଇ ପିଅନ୍ତି। ମନ୍ଦିର ତଥା ପାରମ୍ପରିକ ହୋଟେଲରେ ବି ଏହି ପାଣି ପରଷା ଯାଏ। ସେହିପରି ମିଠା ପାନୀୟ ସ୍ଥାନରେ ଏହା ଏକ ସୁନ୍ଦର ସ୍ୱାସ୍ଥ୍ୟ ବିକଳ୍ପ। ଏହା ରକ୍ତ ଶୋଧକର କାମ କରିଥାଏ। ଶରୀରକୁ ଶୀତଳତା ପ୍ରଦାନ କରେ। ପାଚନ କ୍ରିୟାକୁ ଭଲ କରିଥାଏ। ଗ୍ୟାସ୍ ତଥା ପେଟ ସମସ୍ୟା ଦୂର କରେ। ଏହାବାଦ୍ ବ୍ରଣ ଭଲ କରିବା ସହ ତ୍ୱଚାରେ ଚମକ ଆଣେ। କେବଳ ସେତିକି ନୁହେଁ, ଏହା କିଡ୍‌ନୀ, କୋଲେଷ୍ଟ୍ରଲ, ମଧୁମେହ, ଅର୍ଶ ଲାଗି ମଧ୍ୟ ଉପକାରୀ। କିଛି ଗବେଷଣାନୁସାରେ, ଏହା କର୍କଟ ଭଳି ରୋଗ ଲାଗି ବି ଲାଭକାରୀ ହୋଇପାରେ। ଏହାର ସ୍ୱାଦ ମିଠା ହୋଇ ନଥାଏ। ଅନେକ ସ୍ୱାଦ ବୃଦ୍ଧି ଲାଗି ଏଥିରେ ଅଦା, ଗୁଜୁରାତି, ପାନମଧୁରି ଆଦି ମିଶାନ୍ତି। ଅନ୍ୟପଟେ ଏହାକୁ ସକାଳୁ ଖାଲି ପେଟରେ ପିଇବା ଶରୀର ପାଇଁ ହିତକର।



## କୁମ୍ଭ ସଂକ୍ରାନ୍ତିରେ କ'ଣ ଦାନ କରିବେ

**ସୂର୍ଯ୍ୟ ଦେବ ମକର ରାଶିରୁ ବାହାରି କୁମ୍ଭ ରାଶିକୁ ପ୍ରବେଶ କରିବାକୁ କୁମ୍ଭ ସଂକ୍ରାନ୍ତି କୁହାଯାଏ। ଏହି ଅବସରରେ ପବିତ୍ର ନଦୀରେ ସ୍ନାନ ଓ ଦାନର ବିଶେଷ ମହତ୍ତ୍ୱ ଅଛି। କୁହାଯାଏ, ଏଭଳି କରିବା ଦ୍ୱାରା ମୋକ୍ଷ ପ୍ରାପ୍ତି ହୁଏ। ଏହିଦିନ ପୂଜା ପାଠ କରିବା ଦ୍ୱାରା ସୁଖ ଓ ସୌଭାଗ୍ୟ ପ୍ରାପ୍ତି ହୁଏ।**



- ଏହିଦିନ ରାଶି ଦାନ କରିବା ବେଶ୍ ଶୁଭ। ରାଶି ଦାନ କରିବା ଦ୍ୱାରା ସୂର୍ଯ୍ୟ ଦେବଙ୍କ ସହିତ ଶନି ଦେବଙ୍କ କୃପା ମଧ୍ୟ ପ୍ରାପ୍ତି ହୁଏ।
- ତମ୍ବାକୁ ସୂର୍ଯ୍ୟଙ୍କ ଧାତୁ ବୋଲି କୁହାଯାଏ। ତମ୍ବା ବାସନ ଦ୍ୱାରା ଜାତକରେ ସୂର୍ଯ୍ୟଙ୍କ ସ୍ଥିତି ମଜଭୁତ ହୁଏ। ଏହାଦ୍ୱାରା ଶୁଭ ପରିଣାମ ପ୍ରାପ୍ତି ହୁଏ। ତେବେ ତମ୍ବା ବାସନ ସହ ନାଲି ଫୁଲ, ସିନ୍ଦୂର, ଅକ୍ଷତ ଏବଂ ଗୁଡ଼ ପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା ମାନ-ସମ୍ମାନ ଓ ଆରୋଗ୍ୟ ପ୍ରାପ୍ତି ହୁଏ।
- ହିନ୍ଦୁ ପୁରାଣ ଅନୁସାରେ, ସୂର୍ଯ୍ୟ ଦେବଙ୍କ ପ୍ରିୟ ନାଲି ରଙ୍ଗ। ଏଣୁ ଏହିଦିନ ନାଲି ବସ୍ତ୍ର ଦାନ ଶୁଭଦାୟକ। ଏଭଳି କରିବା ଦ୍ୱାରା କୁଣ୍ଡଳିରେ ଥିବା ମଙ୍ଗଳଦୋଷ ଦୂର ହୋଇଥାଏ।
- ଏହି ଅବସରରେ ଅସହାୟ ତଥା ଗରିବଙ୍କୁ ଅନ୍ନଦାନ କରିବା ଜରୁରି। ଏହା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ ଏବଂ ଦରିଦ୍ରତା ଦୂର ହୁଏ।
- କୁମ୍ଭ ସଂକ୍ରାନ୍ତିରେ ଗୁଡ଼ ଦାନ କରିବା ଦରକାର। ଏହା ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୁଏ।

## ଗୁରୁବାରରେ କେଉଁ କାମ କରିବା ମନା

ହିନ୍ଦୁ ଧର୍ମରେ ଗୁରୁବାରର ବିଶେଷ ମହତ୍ତ୍ୱ ଅଛି। ସେହିପରି ଗୁରୁବାର ଲାଗି କିଛି ସ୍ୱତନ୍ତ୍ର ନିୟମ ପାଳନ ଉପରେ ବିଶେଷ ଦୃଷ୍ଟି ଦିଆଯାଏ। ତେବେ ଏହିଦିନ ଭଗବାନ ବିଷ୍ଣୁଙ୍କ ପୂଜା କରିବା ସହ କିଛି କାମ ଏଭଳି ଅଛି, ଯାହାକୁ କରିବା ପାଇଁ ବାରଣ କରାଯାଏ। ଏହି ବାରରେ କେଉଁ କାମ କରିବା ମନା, ସେ ସମ୍ପର୍କରେ ଜାଣିବା।

- ଗୁରୁବାରରେ କେଶ, ନଖ ଏବଂ ଦାଢ଼ି କାଟିବା ମନା। ସେହିପରି ଗୁରୁବାର କେଶ ସଫା କରିବା ବି ଅନୁଚିତ। ଏହିବାରରେ ଏସବୁ କାମ କଲେ ଜାତକରେ ଗୁରୁ ଗ୍ରହ ଦୁର୍ବଳ ହୋଇଥାଏ। ଶିକ୍ଷା ଓ କ୍ୟାରିୟରରେ ବାଧା ଆସେ।
- ଗୁରୁବାର ଦିନ ପୋଷାକ ସଫା କରିବାକୁ ବି ବାରଣ କରାଯାଇଛି। ଏପରିକି ଗୁରୁବାରରେ ଘର ପୋଛିବା ମଧ୍ୟ ମନା।
- ଗୁରୁବାରରେ କାହାଠାରୁ ଧାର କରଜ କରନ୍ତୁ ନାହିଁ କିମ୍ବା ଉଧାରରେ ଟଙ୍କା ଦେବା ମଧ୍ୟ ଭଲ ନୁହେଁ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଉତ୍ପନ୍ନ ହୁଏ।
- କଇଁଚି, ଛୁରି ଭଳି କୌଣସି ଧାରୁଆ ଜିନିଷ ଏହି ବାରରେ କିଣିବା ଅନୁଚିତ।
- ଗୁରୁବାରରେ ପିଆଜ, ରସୁଣ, ଆମିଷ ଆଦି ସେବନ କରିବାକୁ ବି ବାରଣ କରାଯାଏ। ଏସବୁ କଲେ ଦୁର୍ଭାଗ୍ୟ ବୃଦ୍ଧି ପାଏ।
- ଗୁରୁବାରରେ ଦକ୍ଷିଣ ଦିଗକୁ ଯାତ୍ରା କରିବା ଅନୁଚିତ। ଏହାଦ୍ୱାରା ଯାତ୍ରାରେ କଷ୍ଟ, ଚୋରି ଏବଂ ଦୁର୍ଘଟଣା ଦେଖା ଦେଇପାରେ।



## ସ୍ରଷ୍ଟି

## ମହାଦେବଙ୍କ ପ୍ରିୟ ପୁଷ୍ପ

**ଭଗବାନ ଶିବଙ୍କ ପ୍ରିୟ ବେଲପତ୍ର ହୋଇଥିବା ବେଳେ କିଛି ଫୁଲ ଏଭଳି ଅଛି, ଯାହାକୁ ମହାଦେବ ଖୁବ୍ ପସନ୍ଦ କରନ୍ତି। ଏହିସବୁ ପୁଷ୍ପ ଶିବଙ୍କୁ ଅର୍ପଣ କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ।**

- ଦୁଦୁରା ଫୁଲ ଶିବଙ୍କୁ ଲାଗି କରିବା ଶୁଭ। ଏହାକୁ ଅର୍ପଣ କଲେ ସନ୍ତାନ ସୁଖ ପ୍ରାପ୍ତି ହୁଏ।
- କନିଅର ପୁଷ୍ପ ଶିବଙ୍କୁ ଅର୍ପଣ କଲେ ଜୀବନରେ ସୁଖ, ସମୃଦ୍ଧି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ।
- ନୀଳ ଓ ଧଳା ରଙ୍ଗର ଅରଖ ଫୁଲ ଶିବଙ୍କ ପୂଜାରେ ଦେଖିବାକୁ ମିଳେ। ଏହାକୁ ଅର୍ପଣ କଲେ ମୋକ୍ଷ ପ୍ରାପ୍ତି ହୁଏ।
- ମହଶିବରାତ୍ରୀରେ ଅଗସ୍ତି ଫୁଲ ମହାଦେବଙ୍କୁ ଲାଗି କରିବା ଦ୍ୱାରା ମାନ-ସମ୍ମାନ ଯଶ ବୃଦ୍ଧି ହୁଏ।
- ଏହାବାଦ୍ ଗଙ୍ଗଶିଉଳି, ଜୁହି, ଚମ୍ପା, ମଲ୍ଲୀ ଫୁଲ ଅର୍ପଣ କଲେ ଶିବଙ୍କ କୃପା ପ୍ରାପ୍ତି ହୁଏ।





## ମହାଶିବରାତ୍ରୀର ମହତ୍ତ୍ୱ

**ଦେବ ଦେବ ମହାଦେବଙ୍କର ସବୁଠୁ ବଡ଼ ଉତ୍ସବ ହେଉଛି 'ମହାଶିବରାତ୍ରି।' ଏହିଦିନ ଭଗବାନ ଶିବଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଏ। ଅନ୍ୟପଟେ ଶିବରାତ୍ରୀ ଓ ମହାଶିବରାତ୍ରୀ ଭିନ୍ନ ଭିନ୍ନ ମାସ ଓ ଦିନରେ ପଡ଼ିଥାଏ। ଅନେକ ଏକଥା ଜାଣନ୍ତି ନାହିଁ। ସେହିପରି ହିନ୍ଦୁ ପୁରାଣ ଶାସ୍ତ୍ରରେ ଭଗବାନ ଭୋଳାଶଙ୍କରଙ୍କ ମହିମା ସମ୍ପର୍କରେ ଅନେକ ବର୍ଣ୍ଣନା ରହିଛି। ତେବେ ବର୍ଷକୁ କେତୋଟି ଶିବରାତ୍ରୀ ଓ ମହାଶିବରାତ୍ରୀ ପଡ଼ିଥାଏ, ତାହାକୁ ନେଇ ଏହି ଉପସ୍ଥାପନା।**

- ଶିବରାତ୍ରୀ ପ୍ରତିମାସରେ କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ତିଥିରେ ପଡ଼ିଥାଏ। ଏହି ପ୍ରକାରେ ବର୍ଷକୁ ପଡ଼ିଥାଏ ୧୨ଟି ଶିବରାତ୍ରୀ। କୁହାଯାଏ, ସୃଷ୍ଟି ପ୍ରାରମ୍ଭରେ ଉକ୍ତ ଦିନ ଅଧରାତିରେ ଭଗବାନ ଶିବ ନିରାକାରରୁ ସାକାର ରୂପ ବା ବ୍ରହ୍ମାରୁ ରୁଦ୍ର ରୂପରେ ଅବତରଣ କରିଥିଲେ। ଏହିଦିନ ଶିବଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଶିବଭକ୍ତମାନେ ଉପବାସ ରହିଥାନ୍ତି। ସେହିପରି ଏହି ଅବସରରେ ପ୍ରତ୍ୟେକ ଶୈବପୀଠ ଚଳଚଞ୍ଚଳ ରହିଥାଏ।
- ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପଡ଼ିଥାଏ ମହାଶିବରାତ୍ରୀ। ଏହା ବର୍ଷକୁ ଥରେ ପଡ଼ିଥାଏ। ଭୋଳାନାଥଙ୍କ ଭକ୍ତମାନେ ଏହି ଦିନକୁ ବେଶ୍ ଶ୍ରଦ୍ଧା ଓ ଭକ୍ତିରେ ପାଳନ କରନ୍ତି। ଭକ୍ତମାନେ ରାତ୍ରି ଉଜାଗର ରହି ଦୀପ ପ୍ରଜ୍ୱଳନ କରୁଥିବାରୁ ଏହାକୁ 'ଜାଗର' ବୋଲି କୁହାଯାଏ।
- ଅନ୍ୟପଟେ ଏହିଦିନ ଶିବ ଓ ମାତା ପାର୍ବତୀଙ୍କ ବାହାଘର ହୋଇଥିଲା ବୋଲି କୁହାଯାଏ। ହିନ୍ଦୁ ଧର୍ମରେ ଏହା ସହ ଜଡ଼ିତ ବହୁ ପ୍ରାଚୀନ କଥା ରହିଛି। ସେହିପରି ଏହିଦିନ ଶିବ ବୈରାଗ୍ୟ ଜୀବନ ତ୍ୟାଗ କରି ଗୃହସ୍ଥ ଜୀବନରେ ପ୍ରବେଶ କରିଥିଲେ ବୋଲି କୁହାଯାଏ।



**ବେଥେଲ ଓ ବ୍ରୁକ୍‌ଙ୍କ ଅର୍ଦ୍ଧଶତକ, କରାନଙ୍କ ଚତୁର ବୋଲିଂ**

# ଇଂଲଣ୍ଡକୁ ନାକେଦମ୍ କଲା ନେପାଳ



ୱାଙ୍ଖଡେ,୮।୨(ଏଜେନ୍ସି)

ଚଳିତ ବିଶ୍ୱକପ୍‌ରେ ଟେଷ୍ଟ ଖେଳୁ ନଥିବା ବା ଆଇସିସିର ସହଯୋଗୀ ସଦସ୍ୟରାଷ୍ଟ୍ରର ଖେଳାଳିମାନେ ପୁରୁଷ ଟି-୨୦ ବିଶ୍ୱକପ୍‌ରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରି ରୋମାଞ୍ଚ ଭରିଦେଇଛନ୍ତି। କଲମ୍ବୋରେ ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମୁକାବିଲାରେ ନେଦରଲାଣ୍ଡସଠାରୁ ହାରୁ ହାରୁ ବର୍ତ୍ତିଗଲା ପାକିସ୍ତାନ। ସେହିପରି ମୁମ୍ବଇର ୱାଙ୍ଖଡେ ଷ୍ଟାଡିୟମ୍‌ରେ ୟୁଏସ୍‌ଏ ବିପକ୍ଷ ମ୍ୟାଚ୍ ଜିତିବା ଲାଗି ଭାରତକୁ ବେଶ ସଂଘର୍ଷ କରିବାକୁ ପଡ଼ିଥିଲା। ଆଜି ବା ରବିବାର ଖେଳାଯାଇଥିବା ଦ୍ୱିତୀୟ ଦିନରେ ଅଭିଜ୍ଞ ଓ ଶକ୍ତିଶାଳୀ ଖେଳାଳିଙ୍କୁ ନେଇ ଗଠିତ ଇଂଲଣ୍ଡକୁ ନାକେଦମ କରିଛି ନେପାଳ। ଇଂଲଣ୍ଡ ଏହି ମୁକାବିଲାକୁ ଜିତିଛି ସତ, କିନ୍ତୁ ନେପାଳ ଖେଳାଳିମାନେ ସମର୍ଥକ ଓ କର୍ମକର୍ତ୍ତାଙ୍କ ମନ ଜିତିବାରେ ସମର୍ଥ ହୋଇଛନ୍ତି। ୱାଙ୍ଖଡେରେ ଖେଳାଯାଇଥିବା ଦୁଇ ଦିନରେ ଦୁଇଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲା ଚଳିତ ଟି-୨୦ ବିଶ୍ୱକପ୍‌ରେ ଆହୁରି ରୋମାଞ୍ଚ ଭରି ଦେଇଛି। ଇଂଲଣ୍ଡର ୱିଲ ଜ୍ୟାକ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଚଳିତ ବିଶ୍ୱକପ୍‌ର ୫ମ ଲିଗ୍ ମ୍ୟାଚ୍ ଇଂଲଣ୍ଡ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ ଖେଳାଳି ଜ୍ୟାକବ ବେଥେଲ ୩୫ବଲ୍‌ରେ ୪ଟି ଲେଖାଏଁ ଚୌକା ଓ ଛକା ସହ ୫୫ ଏବଂ ଅଧିନାୟକ ହ୍ୟାରୀ ବ୍ରୁକ୍ ୩୨ବଲ୍‌ରେ ୪ ଚୌକା, ୩ ଛକା ସହ ୫୩ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୮୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେପାଳ ଚତୁର୍ଥ ଓଭରରେ ୩୭ରନ୍‌ରେ ପ୍ରଥମ ଓ ଷଷ୍ଠ ଓଭରରେ ୪୨ ରନ୍‌ରେ ଦ୍ୱିତୀୟ ୱିକେଟ ହରାଇଥିଲା। ଦୁଇ ଓପନର ଅସିଫ ଶେଖ ୭ ଓ କୁଶାଲ ଭୂର୍ତ୍ତେଲ ୧୭ବଲ୍‌ରେ ୨୯ ରନ୍ କରିଥିଲେ। ଏମାନଙ୍କ ପରେ ଅଧିନାୟକ ରୋହିତ ପୌଡେଲ ୩୪ବଲ୍‌ରେ ୩୯, ଦୀପେନ୍ଦ୍ର ସିଂ ଐରୀ ୨୯ ବଲ୍‌ରେ ୪୪ ଓ ଅରିଫ ସେଖ ୧୦ ରନ୍ କରି ନେପାଳକୁ ବିଜୟ ଆଶା ଦେଇଥିଲେ। ଏହି ସମୟରେ ଲୋକେଶ ବାମ୍ ଦମ୍‌ଦାର ବ୍ୟାଟିଂ କରି ଇଂଲଣ୍ଡ ଖେଳାଳିଙ୍କୁ ନାକେଦମ୍ କରିପକାଇଥିଲେ। ଜୋଫ୍ରା ଆର୍ଚର ପକାଇଥିବା ୧୮ତମ ଓଭରରୁ ଲୋକେଶ ଓ ଅରିଫ୍ ୨୨ ରନ୍ ଓ ଲ୍ୟୁକ୍ ଉଡ୍‌ଙ୍କ ୧୯ତମ ଓଭରରୁ ୧୪ ରନ୍ ଉଠାଇ ନେପାଳକୁ ବିଜୟ ସ୍ୱପ୍ନ ଦେଖାଇଥିଲେ। ଶେଷ ଓଭରରେ ଦଳକୁ ମ୍ୟାଚ୍ ଜିତିବା ଲାଗି ୧୦ ରନ୍ ଆବଶ୍ୟକ ହେଉଥିଲା। କିନ୍ତୁ ସାମ କରାନ୍‌ଙ୍କ କଟରରେ ଲୋକେଶ ହାତଖୋଲା ସଟ୍ ଖେଳିବାକୁ ସୁଯୋଗ ପାଇ ନ ଥିଲେ। ଫଳରେ ଏହି ଓଭରରୁ ମାତ୍ର ୫ ରନ୍ ମିଳିଥିଲା ଓ ଇଂଲଣ୍ଡ ୪ ରନ୍‌ରେ ବିଜୟୀ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଲିଆମ ଡାୱସନ ସର୍ବାଧିକ ୨ଟି ୱିକେଟ ମିଳିଥିଲା। ନେପାଳ ୬ ୱିକେଟରେ ୧୮୦ ରନ୍ କରିଥିଲା। ଫୁଲ ମେମ୍ବର ଦେଶ ବିପକ୍ଷରେ ଏହା ସର୍ବାଧିକ ରନ୍ ଚେଜ୍। ୨୦୨୪ ବିଶ୍ୱକପ୍‌ରେ ନେପାଳ ମଧ୍ୟ ଗତଥରର ରନର୍ସଅପ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହିପରି ଦମ୍‌ଦାର ଖେଳିଥିଲା। କିନ୍ତୁ ୧ ରନ୍‌ରେ ପରାଜିତ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ** : ୧୮୪/୭, ୨୦ ଓଭର (ଜ୍ୟାକବ ବେଥେଲ-୫୫, ହ୍ୟାରୀ ବ୍ରୁକ୍-୫୩, ୱିଲ ଜ୍ୟାକ୍ସ-ଅପରାଜିତ ୩୯, ଜୋଶ ବଟ୍ଲର-୨୬, ଦୀପେନ୍ଦ୍ର ସିଂ-୨/୨୩, ନନ୍ଦନ ଯାଦବ-୨/୨୫)।

**ନେପାଳ** : ୧୮୦/୬, ୨୦ ଓଭର (ଦୀପେନ୍ଦ୍ର ସିଂ-୪୪, ରୋହିତ ପୌଡେଲ-୩୯, ଲୋକେଶ ବାମ୍-ଅପରାଜିତ-୩୯, କୁଶାଲ ଭୂର୍ତ୍ତେଲ-୨୯, ଲିଆମ ଡାୱସନ-୨/୨୧)।

## ଆଫ୍‌ଗାନ୍ ସ୍ପିନରଙ୍କୁ ହରାଇଲେ ସେଫର୍ଟ, ଫିଲିପ୍ସ



ଚେନ୍ନାଇ,୮।୨(ଏଜେନ୍ସି): ଓପନର ଟିମ୍ ସେଇଫର୍ଟ ୪୨ ବଲ୍‌ରେ ୬୫ ଓ ଗ୍ଲେନ୍ ଫିଲିପ୍ସ ୨୫ ବଲ୍‌ରେ ୪୨ ରନ୍ କରିବା ଫଳରେ ଏଠାରେ ରବିବାର ଖେଳାଯାଇଥିବା ବିଶ୍ୱକପ୍‌ର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ବିଶ୍ୱରେ ଖ୍ୟାତି ଲାଭ କରିଥିବା ଆଫଗାନିସ୍ତାନର ସ୍ପିନରଙ୍କୁ ଉଚିତ ମୁକାବିଲା କରି ସେଫର୍ଟ ଓ ଫିଲିପ୍ସ ଦଳକୁ ଏହି ମ୍ୟାଚ୍ ଜିତାଇଥିଲେ। ୧୮୩ ରନ୍‌ର ଟାର୍ଗେଟକୁ ପିଛା କରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡର ପ୍ରଥମ ୨ଟି ୱିକେଟକୁ ମୁଜୀବ-ଉର-ରହମନ ଶସ୍ତାରେ ଆଉଟ କରିଦେଇଥିଲେ। ସେଫର୍ଟ ଓ ଫିଲିପ୍ସଙ୍କ ଯୋଡି ସ୍ପିନରଙ୍କୁ ସୁଯୋଗ ଦେଇ ନ ଥିଲେ। ଉଭୟ ଖେଳାଳି ସ୍ପିନରଙ୍କ ଦ୍ୱାରା ଆଉଟ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଏକ ସମ୍ମାନଜନକ ସ୍କୋର ପର୍ଯ୍ୟନ୍ତ ନେଇଯାଇଥିଲେ। ଏମାନଙ୍କ ପରେ ମାର୍କ ଚାପମ୍ୟାନ୍ ୧୭ ବଲ୍‌ରୁ ୨୮, ଡାରିଲ ମିଚେଲ ୧୪ ବଲ୍‌ରୁ ଅପରାଜିତ ୨୫ ଓ ମିଚେଲ ସାଣ୍ଟନର ୮ ବଲ୍‌ରୁ ଅପରାଜିତ ୧୭ ରନ୍ କରିବା ଫଳରେ ଦଳ ୨.୧ ଓଭର ବାକିଥାଇ ମ୍ୟାଚ୍‌କୁ ୫ ୱିକେଟରେ ଜିତିନେଇଥିଲା। ପୂର୍ବରୁ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୮୨ ରନ୍‌ର ଦମ୍‌ଦାର ସ୍କୋର କରିଥିଲା। ଦଳ ପକ୍ଷରୁ ଗୁଲବଦିନ ନାଏବ ସର୍ବାଧିକ ୬୩ ରନ୍ କରିଥିଲେ। ସେଦିକୁଲ୍ଲା ଅଟଲ ୨୯, ରହମନୁଲ୍ଲା ଗୁରବାଜ୍ ୨୭ ଓ ଡାରୱିଶ୍ ରସୁଲି ୨୦ ରନ୍ କରିଥିଲେ। ଲକି ଫର୍ଗୁସନଙ୍କୁ ୨ଟି ୱିକେଟ ମିଳିଥିଲା।

## ପାକିସ୍ତାନର ଖେଳିବା ଆଶା ବଢ଼ିଲା

ଲାହୋରରେ ୮।୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ଆୟୋଜକ ଭାରତ ସହ ଖେଳିବା ଆଶା ବୃଦ୍ଧି ପାଇଛି। ଫେବୃଆରୀ ୧୫ରେ କଲମ୍ବୋରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିଛି। ଯାହା ଫଳରେ ପାକିସ୍ତାନକୁ ଏହି ଟୁର୍ଣ୍ଣାମେଣ୍ଟରେ ନ ଖେଳିଲେ ବାସନ୍ଦ ହେବା ସହ ବିପୁଳ ପରିମାଣରେ ଆର୍ଥିକ ଦଣ୍ଡ ଦିଆଯିବ ବୋଲି ଆଇସିସି ଧମକ ଦେବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନରମିଛି। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ର ସହାୟତା ନେଇ ପିସିବି ଏଠାରେ ଆଜି ଆଇସିସି ପ୍ରତିନିଧିଙ୍କ ସହ ଆଲୋଚନା କରୁଛି। ଆଲୋଚନାର ଫଳାଫଳ କିଛି ଜଣାପଡ଼ିନାହିଁ କିମ୍ବା କାହାରି ପକ୍ଷରୁ କିଛି ଘୋଷଣା କରାଯାଇନାହିଁ। ତଥାପି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି, ଭାରତ ସହ ଖେଳିବାକୁ ପିସିବି ବିଶ୍ୱକ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିର ଅନୁଦାନ ବୃଦ୍ଧି କରିବା ଓ ମ୍ୟାଚ୍‌ରେ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇବାକୁ ସର୍ତ୍ତ ରଖିଛି। ଏହା ଯଦି ସତ୍ୟହୁଏ, ତେବେ ପାକିସ୍ତାନର ଭାରତ ସହ ଖେଳିବା ଆଶା ବୃଦ୍ଧି ପାଇଛି। ପାକିସ୍ତାନ ମ୍ୟାଚ୍‌ରେ ନ ଖେଳିବା ନେଇ ଯେଉଁ ଫୋର୍ସ ମାଜ୍ୟୁର କ୍ଲଜ୍ ରଖିଥିଲା ତାହାର ଆଇନଗତ ବୈଧତା ନେଇ ଆଇସିସି ପ୍ରଶ୍ନଉଠାଇବା ଫଳରେ ତାହାର ଗୁରୁତ୍ୱ କମିଯାଇଛି। ବିଶେଷ ସୂତ୍ରରୁ ଜଣାଯାଇଛି, ପାକିସ୍ତାନ ଯଦି ଭାରତ ସହ ନ ଖେଳେ ତେବେ ଆଇସିସି ସହ ରାଜିନାମା ଅନୁଯାୟୀ ତାହାକୁ ବହୁତ କ୍ଷତି ସହିବାକୁ ପଡ଼ିପାରେ।

**ଆଜିର ବିଶ୍ୱକପ୍ ମ୍ୟାଚ୍**

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ସ୍କଟଲାଣ୍ଡ-ଇଟାଲୀ | ପୂର୍ବାହ୍ନ ୧୧ଟା | କୋଲକାତା |
| ଜିମ୍ବାୱେ-ଓମାନ | ଅପରାହ୍ନ ୩ଟା | କଲମ୍ବୋ |
| ଦକ୍ଷିଣ ଆଫ୍ରିକା-କାନାଡା | ରାତି ୭ଟା | ଅହମ୍ମଦାବାଦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଶ୍ରୀଲଙ୍କାର ସହଜ ବିଜୟ

କଲମ୍ବୋ, ୮।୨ (ଏଜେନ୍ସି): ସହ-ଆୟୋଜକ ଶ୍ରୀଲଙ୍କା ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଏଠାରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏହି ମ୍ୟାଚରେ ଶ୍ରୀଲଙ୍କା ୨୦ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ୬ ୱିକେଟ୍‌ରେ ୧୬୩ ରନର ସମ୍ମାନଜନକ ସ୍କୋର କରିଛି। ଘରୋଇ ଦଳ ପକ୍ଷରୁ ଦୁଇ ମେଣ୍ଡିସ କୁଶଲ (୪୩ ବଲରୁ ୫୬ ରନ) ଓ କାମିନ୍ଦୁ (୧୯ ବଲରୁ ୪୪ ରନ) ଲଢୁଆ ବ୍ୟାଟିଂ କରିଥିଲେ। ଆୟର୍ଲାଣ୍ଡର ଜର୍ଜ ଡକ୍ରେଲ ଓ ବାରୀ ମ୍ୟାକାର୍ଥି ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଆୟର୍ଲାଣ୍ଡ ୧୯.୫ ଓଭରରେ ୧୪୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ହ୍ୟାରୀ ଟେକ୍ଟର ୪୦ ଓ ରସ୍ ଆଦାୟର ୩୪ ରନ କରିଥିଲେ। ଅଧିନାୟକ ପଲ୍ ଷ୍ଟର୍ଲିଂ (୬ ରନ) ନିରାଶ କରିଥିଲେ। ବିଜୟୀ ଶ୍ରୀଲଙ୍କା ପକ୍ଷରୁ ମହୀଷ ଥିକସାନା ଓ ୱାନିନ୍ଦୁ ହାସରଙ୍ଗା ୩ଟି ଲେଖାଏ ୱିକେଟ୍ ନେଇଥିଲେ।

## ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଶିବିରରେ ଓଡ଼ିଶାରୁ ୩

ଭୁବନେଶ୍ୱର, ୮।୨ (ସମିସ): ଭାରତୀୟ ଦୃଷ୍ଟିହୀନ କ୍ରୀଡ଼ା ସଂଘ (ଆଇବିଏସଏ) ଆନୁକୂଲ୍ୟରେ ଦିଲ୍ଲୀର ନିଜାମୁଦ୍ଦିନଠାରେ ବୁଧବାରଠାରୁ ଭାରତୀୟ ଦୃଷ୍ଟିହୀନ ମହିଳା ଫୁଟ୍‌ବଲ ଦଳ ଲାଗି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ବୁଲ୍ସଆଇ ଦୃଷ୍ଟିବାଧିତ ଦଳରୁ ୨ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ପଦ୍ମିନୀ ଟୁଡୁ ଓ ସୁମିତ୍ରା ସିଂ। ସେହିଭଳି କୋଚିଠାରେ ହେବାକୁ ଥିବା ପୁରୁଷ ଦୃଷ୍ଟିହୀନ ଚୟନ ଶିବିର ଲାଗି ଆକାଶ ପଡ଼ିଆମୀ ଚୟନ ହୋଇଛନ୍ତି। ଜାପାନରେ ହେବାକୁ ଥିବା ଆଗାମୀ ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍ ଲାଗି ଏହି ଶିବିରରୁ ଚୂଡ଼ାନ୍ତ ଭାରତୀୟ ଦଳ ଘୋଷଣା ହେବ। ଏଥିଲାଗି ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଏହି ୩ଜଣ ଦୃଷ୍ଟିହୀନ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗୋଲ୍ଡେନ କିଙ୍ଗ୍ ସ୍ନୁକର: ଆଶୁତୋଷ ପାଢ଼ୀ ଚାମ୍ପିଅନ



ଭୁବନେଶ୍ୱର,୮।୨(ସମିସ): ଭୁବନେଶ୍ୱରର ଆଶୁତୋଷ ପାଢ଼ୀ କଟକର ସିଡିଏସ୍ଥିତ କ୍ୟୁ ସ୍ନୁକର କେଫ୍‌ରେ ଆଜି ଶେଷ ହୋଇଥିବା ଗୋଲ୍ଡେନ କିଙ୍ଗ ସ୍ନୁକର ଚାମ୍ପିଅନସିପ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ଫାଇନାଲ ଖେଳରେ ସେ କଟକର ନିଶାନ୍ତ ବିଶ୍ୱାଳଙ୍କୁ ୪-୩ ଫ୍ରେମ୍‌ରେ ପରାସ୍ତ କରି ଟାଇଟଲ ଓ ଟ୍ରଫି ସହ ୨୫,୦୦୦ ଟଙ୍କାର ପୁରସ୍କାର ପାଇଥିଲେ। ସେହିପରି ନିଶାନ୍ତଙ୍କୁ ରନର୍ସଅପ୍ ଟ୍ରଫି ସହ ୧୩,୦୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା। ସେମିଫାଇନାଲରେ ପରାଜିତ ହୋଇଥିବା ଆକାଶ ମହାପାତ୍ର ଓ ଅନୁଜ ପଣ୍ଡାଙ୍କୁ ୬,୦୦୦ ଲେଖାଏଁ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ଶେଷରେ ଜିକେ ଗ୍ରୁପ୍ ଅଫ୍ କମ୍ପାନୀର ପ୍ରତିଷ୍ଠାତା ଜ୍ଞାନରଞ୍ଜନ ବେହେରା, ସହପ୍ରତିଷ୍ଠାତା ସ୍ମୃତିରଞ୍ଜନ ବେହେରା, ପୋଦ୍ଦାର ରିଟ୍ରେଡିଙ୍ଗ୍‌ର ରାଜେନ୍ଦ୍ର ପୁହାଣ, ଭବାନୀଶଙ୍କର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ତମାଣ୍ଡୋ ପ୍ରିମିୟର ଲିଗ୍ ଉଦ୍‌ଘାଟିତ**

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଏମ୍‌ଏମ୍‌ସିସି ବିଜୟୀ

ଭୁବନେଶ୍ୱର,୮।୨(ସମିସ): ସମ୍ବଲପୁରର ଏମ୍‌ଏମ୍‌ସିସି ଏଠାରେ ଆଜି ଆରମ୍ଭ ହୋଇଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବିଜୟଅଭିଯାନ ଆରମ୍ଭ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ କ୍ରିକେଟ ପଡ଼ିଆରେ ରବିବାର ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ଏମ୍‌ଏମ୍‌ସିସି ୨୨ ରନ୍‌ରେ ଆଦିତ୍ୟ ଏକାଦଶକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏମ୍‌ଏମ୍‌ସିସି ୬ ୱିକେଟରେ ୨୩୬ ରନ୍ କରିଥିଲା। ବିବେକ କୁମାର ୭୪ ଓ ସରୋଜ ପଣ୍ଡା ୫୫ ରନ୍ କରିଥିଲେ। ଜବାବରେ ଆଦିତ୍ୟ ଏକାଦଶ ୧୬.୫ ଓଭରରେ ୨୧୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ପରାଜିତ ଦଳର ମୋରାଜ୍ଜୁ ପ୍ରଶାନ୍ତ ୪୭ ବଲ୍‌ରେ ୧୨୬ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ସଭାପତି ଆଶିଷ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ଆର୍‌ସି ବ୍ରହ୍ମପୁର ମଧ୍ୟରେ ମୁକାବିଲା ହେବ। ପୂର୍ବରୁ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଓ ଅନନ୍ତ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇଥିଲେ।



## ସର୍ଭିସେସ୍‌କୁ ୮ମ ସନ୍ତୋଷ ଟ୍ରଫି ଟାଇଟଲ୍

ଗୌହାଟୀ, ୮।୨ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲର ଅନ୍ୟତମ ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ସର୍ଭିସେସ୍ ଚାମ୍ପିଅନ ହୋଇଛି। ରବିବାର ଆସାମର ଧାକୁଆଖାନା ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ସର୍ଭିସେସ୍ ୧-୦ ଗୋଲ୍‌ରେ କେରଳକୁ ହରାଇଥିଲା। ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଉଭୟ ଦଳ କେହି କାହାରିକୁ ଗୋଲ୍ ଦେବାରେ ସଫଳ ହୋଇ ନ ଥିଲେ। ଏହାପରେ ଅତିରିକ୍ତ ୩୦ ମିନିଟର ସହାୟତା ନିଆଯାଇଥିଲା। ଏଥିରେ ୧୦୯ତମ ମିନିଟରେ ଅଭିଷେକ ପାୱାର ସର୍ଭିସେସ ପାଇଁ ବିଜୟସୂଚକ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ସର୍ଭିସେସର ଏହା ୮ମ ସନ୍ତୋଷ ଟ୍ରଫି ଟାଇଟଲ୍। ଏଥିପୂର୍ବରୁ ସର୍ଭିସେସ୍ ୧୯୬୦-୬୧, ୨୦୧୧-୧୨, ୨୦୧୨-୧୩, ୨୦୧୪-୧୫, ୨୦୧୫-୧୬, ୨୦୧୮-୧୯ ଓ ୨୦୨୩-୨୪ ସିଜନରେ ଟାଇଟଲ୍ ହାସଲ କରିଥିଲା।


## ଏସିଆନ୍ ସୁଟିଂ : ଓଡ଼ିଶାର ମାନ୍ୟତାଙ୍କୁ ରୌପ୍ୟ



କେନ୍ଦୁଝର,୮।୨(ସମିସ): ସୁଟିଂରେ ଆଉ ଜଣେ ଓଡ଼ିଆ ଝିଅ ଜାତୀୟ ସ୍ତରରେ ଚମକିଛନ୍ତି। ସେ ହେଉଛନ୍ତି କେନ୍ଦୁଝରର ମାନ୍ୟତା ସିଂ। ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ର ଜୁନିଅର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାରତ ସମସ୍ତ ୩ଟି ଯାକ ମେଡାଲ ଜିତିଥିଲାବେଳେ ମାନ୍ୟତା ୨୪୯.୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସମ୍ଭାବୀ କ୍ଷୀରସାଗରଙ୍କୁ ସ୍ୱର୍ଣ୍ଣ ଓ ଅନୀଶା ଶର୍ମାଙ୍କୁ କାଂସ୍ୟ ପଦକ ମିଳିଛି। ପୂର୍ବରୁ ସମ୍ବଲପୁରର ଶ୍ରୀୟଙ୍କା ଷଡଙ୍ଗୀ ଜାତୀୟସ୍ତରରେ ଉଭୟ ଜୁନିଅର ଓ ସିନିୟର ବିଭାଗରେ ମେଡାଲ ବିଜୟୀ ହୋଇଥିଲେ। ମାନ୍ୟତା ଏବେ କଳିଙ୍ଗ ଷ୍ଟାଡିୟମ୍‌ରେ ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ସୁଟିଂ ଏକାଡେମୀରେ ଅଭ୍ୟାସ କରୁଛନ୍ତି ଓ କିଟ୍‌ରେ ଇଣ୍ଟିଗ୍ରେଟେଡ ଲ' ପଢୁଛନ୍ତି। ତାଙ୍କ ନିଜ ଘର କେନ୍ଦୁଝର ଜିଲ୍ଲା ଉଦୟପୁର ଗ୍ରାମ୍‌ରେ। ମାତା ସ୍ମିତା ଦାସ କଟକ ସିଡିଏ ଏବଂ ପିତା ସର୍ବଦମନ ସିଂ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଶିକ୍ଷକତା କରୁଛନ୍ତି। ମାନ୍ୟତାଙ୍କୁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସଦର ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

**ଜାତୀୟ ସିନିଅର ମହିଳା ଦିନିକିଆ**

## ସରିତାଙ୍କ ଶତକ; ଓଡ଼ିଶାର କ୍ରମାଗତ ୨ୟ ବିଜୟ



ଭୁବନେଶ୍ୱର, ୮।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ରାଜକୋଟର ନିରଞ୍ଜନ ଶାହ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ୨ୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୧୦୬ ରନର ବଡ଼ ବ୍ୟବଧାନରେ ଆସାମକୁ ପରାସ୍ତ କରିଛି। ସରିତା ମେହେର ୧୦୦ ରନର ଶତକୀୟ ପାଳି ଖେଳି ଓଡ଼ିଶାକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୨୭ ବଲର ଏହି ପାଳିରେ ସରିତା ୧୦ଟି ଚୌକା ମାରିଥିଲେ। ସେହିଭଳି ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୬୫ ବଲରେ ୮୫ ରନର ଅପରାଜିତ ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମାଧୁରୀ ମେହେଟା ମଧ୍ୟ ୫୧ ରନର ଉପଯୋଗୀ ସହାୟତା ଦେଇଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫୦ ଓଭରରେ ୪ ୱିକେଟ୍‌ରେ ୨୭୮ ରନ ସଂଗ୍ରହ କରିଥିଲା। ଜବାବରେ ଆସାମ ୪୭.୫ ଓଭରରେ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଶୁଭ୍ର ନିର୍ଘରିଣୀ ସ୍ୱାଇଁ ୩ ଓ ତରନ୍ନା ପ୍ରଧାନଙ୍କୁ ୨ଟି ୱିକେଟ ମିଳିଥିଲା। ଶତକୀୟ ପାଳି ଲାଗି ସରିତା ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୧୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ୩୫ ରନରେ ମଧ୍ୟପ୍ରଦେଶକୁ ହରାଇଥିବା ଓଡ଼ିଶା ଏଥିସହ ୮ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଉତ୍ତର ପ୍ରଦେଶକୁ ଭେଟିବ।

**● ସିକେ ନାଇଡୁ ଟ୍ରଫି**

## ବେଙ୍ଗଲର ପାଳି ଅଗ୍ରଣୀ

ଭୁବନେଶ୍ୱର, ୮।୨ (ସମିସ): ବରଗଡ଼ର ବିକାଶ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ବିପକ୍ଷରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ବେଙ୍ଗଲ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପାଳି ଅଗ୍ରଣୀ ହାସଲ କରିଛି। ବେଙ୍ଗଲର ୩୪୩ ରନ ଜବାବରେ ଓଡ଼ିଶା ପ୍ରଥମ ପାଳିରେ ୩୨୧ ରନରେ ସୀମିତ ରହିଥିଲା। ପୂର୍ବଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୨୧୯/୪ରୁ ରବିବାର ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଆଉ ୧୦୨ ରନ ଯୋଡ଼ି ବଳକା ୬ ୱିକେଟ୍ ହରାଇଥିଲା। ଓଡ଼ିଶା ପକ୍ଷରୁ ସୁଜଳ ସିଂ ୬୫ ଓ ଶ୍ରେୟାଂଶ ଭରଦ୍ୱାଜ ୪୯ ରନ କରିଥିଲେ। ବେଙ୍ଗଲର ରିଶଦ ଆଲାମଙ୍କୁ ୫ଟି ୱିକେଟ୍ ମିଳିଥିଲା। ୨୨ ରନରେ ଅଗ୍ରଣୀ ରହି ଦ୍ୱିତୀୟ ପାଳି ଆରମ୍ଭ କରିଥିବା ବେଙ୍ଗଲ ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩ ୱିକେଟ୍‌ରେ ୧୩୫ ରନ ସଂଗ୍ରହ କରିଛି। ହାତରେ ଦ୍ୱିତୀୟ ଇନିଂସର ୭ ୱିକେଟ ବଳକା ଥାଇ ବେଙ୍ଗଲ ମୋଟ୍ ଉପରେ ୧୫୭ ରନରେ ଆଗୁଆ ରହିଛି।

# ପ୍ରଥମଥର ଲାଗି ରଣଜୀ ସେମିରେ ଉତ୍ତରାଖଣ୍ଡ



ଜାମସେଦପୁର, ୮।୨ (ଏଜେନ୍ସି)

ଉତ୍ତରାଖଣ୍ଡ କ୍ରିକେଟ୍ ଦଳ ପାଇଁ ରବିବାର ଏକ ଐତିହାସିକ ଦିନ ଥିଲା। ଏହି ଉତ୍ତର ଭାରତୀୟ ରାଜ୍ୟ ରଣଜୀ ଟ୍ରଫି ଇତିହାସରେ ପ୍ରଥମଥର ଲାଗି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ସ୍ଥାନୀୟ କୀନାନ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ରଣଜୀ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ ଲଢ଼େଇରେ ଉତ୍ତରାଖଣ୍ଡ ଏକ ଇନିଂସ ଓ ୬ ରନରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ବିରାଟ ସିଂଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ପ୍ରଥମ ପାଳିରେ ୨୩୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଉତ୍ତରାଖଣ୍ଡ ଅଧିନାୟକ କୁନାଲ ଚାଣ୍ଡେଲା (୬୮), ଜଗଦୀଶ ସୁଚିଥ (୭୦) ଓ ଅଭନିଶ ସୁଧା (୬୪) ଙ୍କ ଅର୍ଦ୍ଧଶତକ ବଳରେ ୩୭୧ ରନରେ ସୀମିତ ରହିଥିଲା। ୨୦୧୭ ସିଜନରେ ଓଡ଼ିଶା ପକ୍ଷରୁ ଖେଳିଥିବା ୱିକେଟ କିପର ସୌରଭ ରାୱତ ୩୨ ରନର ପାଳି ଖେଳିଥିଲେ। ୧୩୬ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ଝାଡ଼ଖଣ୍ଡ ରବିବାର ୩ୟ ଦିବସରେ ୧୩୦ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମୟଙ୍କ ମିଶ୍ର ୫ଟି ଓ ଅଭୟ ନେଗୀ ୪ଟି ୱିକେଟ୍ ନେଇ ଉତ୍ତରାଖଣ୍ଡକୁ ଐତିହାସିକ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ନବିଙ୍କୁ ୧୦ ୱିକେଟ୍; ବିଜୟ ଦ୍ୱାରରେ ଜମ୍ମୁ

ସେହିଭଳି ଶରଦ ପାୱାର ଏକାଡେମୀରେ ଘରୋଇ ମୁମ୍ବଇ ବିପକ୍ଷରେ ଚାଲିଥିବା ୪ର୍ଥ କ୍ୱାର୍ଟରରେ କର୍ଣ୍ଣାଟକ ସାମ୍ନାରେ ୩୨୫ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଛି। ଏହାକୁ ପିଛା କରିଥିବା ଶକ୍ତିଶାଳୀ କର୍ଣ୍ଣାଟକ ରବିବାର ୩ୟ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୨ ୱିକେଟ୍ ହରାଇ ୧୧୩ ରନ ସଂଗ୍ରହ କରିଛି। ଲୋକେଶ ରାହୁଲ ୬୦ ଓ କରୁଣ ନାୟାର ୯ ରନ କରି ଅପରାଜିତ ରହିଛନ୍ତି। ଅଧିନାୟକ ଦେବଦତ୍ତ ପଡ଼ିକଲ ୩୯ ଓ ମୟଙ୍କ ଅଗରୱାଲ ୩ ରନ କରି ଆଉଟ୍ ହୋଇଛନ୍ତି। ୮ ୱିକେଟ୍ ଓ ୨ ଦିନ ବଳକାଥାଇ କର୍ଣ୍ଣାଟକକୁ ଜିତିବା ଲାଗି ଆଉ ୨୧୨ ରନ ଆବଶ୍ୟକ ହେଉଛି। ସେହିଭଳି ଇନ୍ଦୋରରେ ଘରୋଇ ମଧ୍ୟପ୍ରଦେଶ ବିପକ୍ଷରେ ଚାଲିଥିବା ୨ୟ କ୍ୱାର୍ଟର ଫାଇନାଲରେ ଜମ୍ମୁ କାଶ୍ମୀର ବିଜୟ ଦ୍ୱାରରେ ରହିଛି। ଜମ୍ମୁ ପକ୍ଷରୁ ଧାର୍ଯ୍ୟ ୨୯୧ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ମଧ୍ୟପ୍ରଦେଶ ରବିବାର ଷ୍ଟମ୍ପ ସୁଦ୍ଧା ୨ୟ ପାଳିରେ ୫ ୱିକେଟ୍ ହରାଇ ୮୭ ରନ ସଂଗ୍ରହ କରିଛି। ଭେଙ୍କଟେଶ ଆୟର ୭ ରନ ଓ ଶୁଭମ ଶର୍ମା ୧୧ ରନ କରି ଖେଳୁଛନ୍ତି। ଅଧିନାୟକ ରଜତ ପଟିଦାର ୮ ରନରେ ଆଉଟ୍ ହୋଇ ନିରାଶ କରିଛନ୍ତି। ପ୍ରଥମ ପାଳିରେ ୭ଟି ୱିକେଟ୍ ନେଇଥିବା ଆକ୍ୱିବ ନବୀ ୨ୟ ପାଳିରେ ୩ଜଣ ବ୍ୟାଟରଙ୍କୁ ଆଉଟ୍ କରି ୧୦ ୱିକେଟ୍ ପୂରଣ କରିଛନ୍ତି। ସେହିଭଳି ବେଙ୍ଗଲ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ୩ୟ କ୍ୱାର୍ଟର ଖେଳ ଜାରି ରହିଛି। ବେଙ୍ଗଲର ୪୧୮/୬ ରନ ଜବାବରେ ଆନ୍ଧ୍ର ୩ୟ ଦିବସ ସୁଦ୍ଧା ୨୯୫ ରନ କରି ପ୍ରଥମ ପାଳିରେ ସୀମିତ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS